# ବକ୍ଷାର ଯୁଦ୍ଧ

ଶ୍ରୀ ରାଜକିଶୋର [illegible]

# ନିଶାଣ ଖୁଣ୍ଟ

ସିନ୍ଦୂର—ଗାର, ଅସରନ୍ତି, ହୃଦୟର ବଂଧନ
ପ୍ରେମର ନିୟୃତି, ଭୁଠ—ପଥର, ସପନ କୁହୁଡ଼ି,
ପଞ୍ଜୁରୀ—ପକ୍ଷୀ, ପଥିକ, ଭସା—ମେଘ,
ପୋଡ଼ା କପାଳ, ସ୍ମୃତିର ମଶାଣି, ସଞ୍ଜବତୀ
ଅଷ୍ଟମୀ ଚନ୍ଦ୍ର ( ଯନ୍ତ୍ରସ୍ଥ ) ପ୍ରଭୃତିର

ଲେଖକ

**ଶ୍ରୀ ରାଜକିଶୋର ପଟ୍ଟନାୟକ**

ପ୍ରକାଶକ

**ଶାନ୍ତି-ନିବାସ ବାଣୀ ମନ୍ଦିର**

ପୁରୀଘାଟ ରୋଡ଼, କଟକ (୧)

ମୂଲ୍ୟ—ଏକଟଙ୍କା ଆଠଅଣା
(ଅତିରିକ୍ତ ନାହିଁ)

ପ୍ରକାଶକ—
ଶାନ୍ତି-ନିବାସ ବାଣୀମନ୍ଦିର
ପ୍ରୋ:—ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍, ଏ,
'ଶାନ୍ତି-ନିବାସ'
ପୁରୀଘାଟ ରୋଡ୍
କଟକ (୧)

୧୯୫୧—ମୁଦ୍ରଣ
ମୂଲ୍ୟ—ଦେଢ଼ ଟଙ୍କା
(ଅଭିବୃଦ୍ଧି ନାହିଁ)

ପ୍ରାପ୍ତିସ୍ଥାନ—
ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ )
ଓ
ଶାନ୍ତି-ନିବାସ ବାଣୀ ମନ୍ଦିର
ପୁରୀଘାଟ ରୋଡ଼
କଟକ (୧)

---

ବି: ଦ୍ର: ପତ୍ର ଲେଖି ବିବରଣ ବୁଝନ୍ତୁ ।

ଡକ୍ଟର ଜୁନ ୧୯୫୧

**କରୁଣାକର କର**

କରକମଳେଷୁ,

ଦୀର୍ଘ ପଚିଶି ବର୍ଷର କେଇଟି ନିଶାଣ-ଖୁଣ୍ଟ ବହୁ ପ୍ରକାର ଦୁଃଖସୁଖ ନେଇ ଏହି ବହିଟିର ପାଣ୍ଡୁଲିପି ତିଆର କଲାବେଳେ ପ୍ରାୟ ବାଇଶି ବର୍ଷ ତଳେ ମୋର ପ୍ରଥମ ପୁସ୍ତି ଯିବାର ସ୍ମୃତି ମନକୁ ଆସୁଥିଲା ।

ସେତେବେଳେ ବଂଗଳା ଭାଷାର ପ୍ରାଧାନ୍ୟ ରହୁଥିଲା । ସଂସ୍କୃତ ରଚନା ପାଇଁ ଶାସ୍ତ୍ରୀ ମହାଶୟଙ୍କର ବଂଗଳା ବହି ପଢ଼ିବା ପାଇଁ ହେଉଥିବା ଅସୁବିଧା ଆପଣ ଦୂର କରିଥିବାରୁ ଆମ ସ୍କୁଲରୁ ଗୁବଜଣ ପିଲା ଖୁସି ସଂସ୍କୃତ କଲେଜକୁ ଆପଣଙ୍କୁ ଦେଖିବାକୁ ଯାଇଥିଲୁ । ସେଇଟା ଅତି ପୁରୁଣା କଥା ।

ଏଇ ବାଇଶି ବର୍ଷ ଭିତରେ ମୋର ଭାଇ ଭଉଣୀମାନଙ୍କର ପଢ଼ିବା ପାଇଁ ସେହି 'ସଂସ୍କୃତ ରଚନା ଓ ଅନୁବାଦ ଶିକ୍ଷା' ବହିକୁ ମୋଟ ନ' ଥର କିଣିଲଣି । ସେତେବେଳେ ମନେ ପଡ଼େ ବାଇଶି ବର୍ଷ ତଳର ଖୁସି ଯାତ୍ରା ଓ ତାହା ସାଙ୍ଗରେ···'ସାହିତ୍ୟ କ'ଣ ?' 'ବହି କ'ଣ ?' ଇତ୍ୟାଦି ଅନେକ ପ୍ରାସଙ୍ଗିକ କଥା ।

ଭକ୍ତି ସହିତ ଏହି 'ନିଶାଣ ଖୁଣ୍ଟ' ପୁସ୍ତିକାଟିକୁ ନିବେଦନ କଲି ।

**ରାଜକିଶୋର**

**ଶାନ୍ତି ନିବାସ**
ସୂରୀଘାଟ ରୋଡ଼
କଟକ

# ସୂଚୀ

## ନିଶାଣ ଖୁଣ୍ଟ


| | |
|---|---|
| ୧ । ନିଶାଣ ଖୁଣ୍ଟ | ୧ |
| ୨ । ପୁରୁଣା କଥା | ୧୭ |
| ୩ । ମୁକ୍ତ | ୩୦ |
| ୪ । ଜଞ୍ଜାଳ | ୪୩ |
| ୫ । ବିଶ୍ୱାସ | ୫୫ |
| ୬ । ଚନ୍ଦବାଳ | ୬୮ |
| ୭ । ଷଣ୍ଢ | ୭୮ |
| ୮ । ଜଗୁଆଳ | ୯୪ |
| ୯ । ଆସାମୀ | ୧୦୫ |
| ୧୦ । ମାଳୀ | ୧୧୧ |

# ନିଶାଣ ଖୁଣ୍ଟ

'ଅଚ୍ଛା, ଭଣ୍ଡୁ ବାବୁ, ରାସ୍ତାରେ ଏମିତି ଗୋଟିଏ ଲେଖା ପଥର ଖୁଣ୍ଟରେ କାହିଁକି ମାଇଲ୍ ଲେଖା ଯାଇଛି ? କେଉଁଠି ଆରମ୍ଭ ହେଲା ? କ'ଣ ଦରକାରରେ ଏସବୁ ଲାଗେ ?' ବନ୍ଧୁ ପଚାରିଲା ।

ବହୁଦିନ ତଳର କଥା । ଗୁହ୍ଁଲେ ଯେମିତି ଆଜି ପାଏନା । ପାଞ୍ଚଗଣ୍ଡା କି ତହିଁରୁ ଅଧିକ ବର୍ଷ ଗଡ଼ି ଯାଇଛି ନଇରେ ପାଣିସୁଅ ଗଡ଼ିଗଲା ପରି । କେତେ ପାଣି ଯାଇଛି ସାଧାରଣ ଲୋକ ସିନା ମାପି ପାରିବେ ନାହିଁ । କିନ୍ତୁ କେତେ ଦିନ କି ଘଣ୍ଟା ବୋହି ଯାଇଛି ହିସାବ କରି ବନ୍ଧୁ ବି କହି ଦେଇ ପାରିବ ।

ଦୁହିଙ୍କ ଭିତରେ ପ୍ରାୟ ଆଠବର୍ଷର ଫରକ୍ । ଭଣ୍ଡୁବାବୁ ରେଁ ଜାନାପୁରଂ କଲେଜରୁ ଛାଡ଼ିକି ପଢ଼ୁଛନ୍ତି କଟକ କଲେଜ ଭିତରକୁ ।

ସାଂସାରିକ ଅସୁବିଧା ତାଙ୍କୁ ତାଙ୍କ କଳ୍ପନାର କଲେଜରୁ ଫେରାଇ ଦେଲା । ସେ ଏଠି ବି. ଏ, ପଢୁଥାନ୍ତି । ବିଧୁ ପଢୁଥାଏ ହାଇସ୍କୁଲରେ । ଛୋଟ ପିଲା, ଛୋଟ ଦେହ, ଛୋଟ ମନ, ଛୋଟ କଳ୍ପନା ଓ ଛୋଟ ଖିଆଲ । ଗୋଟିଏ ବାହାଘର ହୋଇ ଏହି ଦୁଇଜଣଙ୍କର ପରିଚୟ ହୋଇଥିଲା ।

ବିଧୁର ସୁନ୍ଦର ସ୍ୱାସ୍ଥ୍ୟ—ଦେହରେ ତୀବ୍ର ଚଞ୍ଚଳତା । କିନ୍ତୁ କଣ୍ଠ ବାବୁ ମାଡ଼ଖିଆ କୁକୁର । ମନର ଆକାଶରେ ଉଡ଼ି କଳ୍ପନା ଭାଙ୍ଗି ପଡ଼ିଛି ପାଠନାରେ । ସେ ମିଶନ୍ତି ପିଲାଙ୍କ ସାଙ୍ଗରେ । ସେଠୁ ଆଜ ଦୁଃଖୀ ଅଧାଡ଼ିର ଦୋହରି ମାଡ଼ ବାଜେ ନାହିଁ ।

ବିଧୁ ତାଙ୍କ ସାଙ୍ଗରେ ବୁଲିଲା ବେଳେ ଏହି ପ୍ରଶ୍ନଟି ପଚାରିଥିଲା । କଣ୍ଠବାବୁ ବୁଝାଇ ଦେଇଥିଲେ 'ସୃଷ୍ଟିର ଗୁରୁଅଡ଼େ ମଣିଷ ଏଠି ସେଠି ଠାଏ ଖୁଣ୍ଟ ପୋତି ଦେଇ ସେଠୁ ସ୍ଥାନକୁ ଚିହ୍ନିବା ଓ ଦୂରତା ମାପିବା ଆରମ୍ଭ କରିଦେଇଛି । ଯେମିତି କଟକ, ବନାରସ, ଦିଲ୍ଲୀ ସବୁଆଡ଼େ ଗୋଟିଏ ଲେଖା ଗୁନ୍ଦନାବଉଳ ରହିଛି; କି କଟକ, ଯାଜପୁର ଆଦି ଜାଗାରେ ଗୋଟିଏ ଲେଖାଁ ଲାଲବାଗ ରଖା ହୋଇଛି । ଏଠି କଟକରେ ସେମିତି ଲାଲବାଗରୁ ଦୂରତା ମାପିବାର ନିଶାଣି ଦିଆ ହୋଇଛି...... ।

ନିଜର ଭାବନାରେ ମଜ୍ଜି ରହିଲେ ଜୀବନରେ ବି ସେମିତି ଅନେକ ନିଶାଣି ଖୁଣ୍ଟ ରହିଯାଏ...... ।

ବିଧୁ ତାଙ୍କ ସାଙ୍ଗରେ ସମସରି ହେଲା ପରେ କହିଲା, 'ଓ, ଆପଣ ଜଣେ ସାହିତ୍ୟିକ ନା, ସେଥିପାଇଁ ସବୁବେଳେ ଖାଲି ଏମିତିକିଆ କଥା କହନ୍ତି ।

ଭଣ୍ଡୁବାବୁଙ୍କର ଗୋଟିଏ ଖିଆଲ— ସାହିତ୍ୟ । ସେ ପଢ଼ିସାରିଲେ ଲେଖିବେ—ଲେଖି ନିଜର ପେଟକୁ ବଞ୍ଚାଇବେ ଓ ମଲାପରେ ସେହି ଲେଖା ଦ୍ୱାରା ନିଜକୁ ବଞ୍ଚେଇ ରଖିବେ ବଧୁ ପରି ପିଲାମାନଙ୍କ ଆଗରେ—

ବଧୁ ହସିଲା ।

ବେଳ ଅବେଳରେ ସେହି କଥା—ଲେଖା, ଉପନ୍ୟାସ ଓ ସାହିତ୍ୟ । ଖାତାର ମଲାଟ ଛିଣ୍ଡି ଯାଇଛି । ପୃଷ୍ଠାଗୁଡ଼ାକର କାର ସବୁ ମୋଡ଼ି ହୋଇ ଗଲାଣି । ଭିତରର ଅକ୍ଷର ସବୁ କାଗଜ ଉପରୁ ଲିଭି ଆସିଲାଣି । କେଜାଣି କେତେ ରହି ଲେଖି ଜମେଇଛନ୍ତି । ବଧୁକୁ ପଢ଼ିବାକୁ ଭଲ ଲାଗେ ନାହିଁ । ଏହି ଭଣ୍ଡୁବାବୁ ପୁଣି ଜଣେ ବଡ଼ ସାହିତ୍ୟିକ ?—ହେଁ—

ଦିନେ ଭଣ୍ଡୁବାବୁ କହିଲେ, 'ବଧୁ, ମୋର ଗଳ୍ପର ଖଣ୍ଡେ ହେଲା, ଦିନକୁ ଦି ଟଙ୍କା ଦଶଅଣା ଅଠପାଇ । କଟକରେ ରହି ପାରିବି । ଆଉ କାହାକୁ ଡର ନାହିଁ । ମୋ କଲମ ଉପାସରେ ମରିବ ନାହିଁ । ମୋର ଆଉ କାହାକୁ ଲୋଡ଼ା ନାହିଁ ।'

'ହଉ, ଆଗ ତାହା ହେଲେ ଖାଇପିଇ ବଳୁଆ ହୁଅନ୍ତୁ—ନଇଲେ ହାତ ଥରିବ କଲମ ଧରିଲେ ।'

ଭଣ୍ଡୁବାବୁଙ୍କ ଶ୍ୟାମଳ ମୁହଁ ଯେମିତି କଳା ପଡ଼ିଗଲା । ଦେଖିବାକୁ ଦୁର୍ବଳ ଓ ଟେଣ୍ଟିଆ; ମୁହଁଟି କିନ୍ତୁ ବଡ଼ । ବାଳଗୁଡ଼ାକ କୁଞ୍ଚୁକୁଞ୍ଚିଆ; ମୁଣ୍ଡ ମଝିରୁ ସିନ୍ଥା ପାରନ୍ତି । ବାଳଗୁଡ଼ାକ ସେମିତି କୁଞ୍ଚେଇ ରହେ ।

ବନ୍ଧୁ ପଚାରିଲେ 'ବୋଧହୁଏ ଆପଣ ପାଞ୍ଚଣାରେ କଲରେ ବାଳକୁ କୁଞ୍ଚ କରିଥିଲେ ? ମୁଁ ଶୁଣିଛି, କଲିକତାରେ ଲୋକେ ବାଳକୁ ଏମିତି ଥରେ ଲେଖାଁ କୁଞ୍ଚ କରି ଆସନ୍ତି—ଚାଲିଯାଏ ପାଞ୍ଚ ଦଶ ବର୍ଷ।...ମୋ ବାଳଗୁଡାକ ଭାରି ଝାଉଁଆ ।'

କଣ୍ଠବାବୁ ନିଜ ଲେଖୁଥିବା ବହିକୁ ଟାଣିଆଣି ଦି' ଚାରି ପୃଷ୍ଠା ପଢ଼ି ପକାଇ ବନ୍ଧୁଙ୍କ ମତ ଶୁଣିବାକୁ ଚାହାନ୍ତି । ସେତେବେଳେ ବନ୍ଧୁ କଣ୍ଠବାବୁଙ୍କର ମୁଣ୍ଡ ଆଡ଼େ ଚାହିଁ ନିଜର ଦୁରବସ୍ଥା କଥା ଭାବୁଥାଏ । କହେ, 'ହଁ—ଭଲ ହୋଇଛି ଯେ ମତେ ଭଲ ଲାଗୁନାହିଁ ।'

କାହିଁକି ?—ବନ୍ଧୁ ।

'କେଜାଣି'—ଭଲ ଲାଗୁନାହିଁ ତ ।

ହସି କଣ୍ଠବାବୁ କହନ୍ତି, 'ବୁଝିଲ ବାବୁ, ଯେଉଁ ଦିନ ଗୋଟିଏ ବଣ୍ଟିଆ ମୋଟିଆ ଲେଖା ଲେଖିବ ସେଦିନ ଜାଣିବ ଏହି ଲେଖକଙ୍କର ଦୁଃଖ । ଲେଖାଟିଏ ଆରମ୍ଭ କରିବା ଭାରି କଷ୍ଟ । କିନ୍ତୁ ତାକୁ ଶେଷ କରିବା ତହିଁରୁ ଅଧିକ କଷ୍ଟ ।'

ବନ୍ଧୁ ଅଟ୍ଟହାସ କରେ; କଣ୍ଠବାବୁ ତ କରନ୍ତି । କୁକୁର ମାଙ୍କଡ଼ଟିଏ ରଖି ତାହା ସାଙ୍ଗରେ ଗୁଣ୍ଡୁ ଗୁଣ୍ଡୁ ହୋଇ ଦୁଃଖ ସୁଖ ହେଲା ପରି ଜଣେ ଲେଖକର ବନ୍ଧୁଟି ଗୋଟିଏ ସାଥି । ଶିକ୍ଷିତ ହୋଇଛନ୍ତି, ଚାକିରି କରି ଅର୍ଜନ ଦାରି ଶିଖିଛନ୍ତି । ଲେଖା ଲେଖି କରି ନାମ କରିଛନ୍ତି—ତଥାପି ବନ୍ଧୁ ଗୋଟିଏ ସାଙ୍ଗ ।

ସେ ବି ବହୁଦିନ ତଳର କଥା ।

ଟାଇଫଏଡ୍‌ରେ ମାସେ ଶଚ୍ଛଣା ଧରିଲା ପରେ ଦିନେ କଣ୍ଠ ବାବୁ ଶଯ୍ୟା ହୋଇ ପଡ଼ିଲେ । ନିରୁତା ସାହିତ୍ୟ—ସେବକଙ୍କୁ ଗୃହୀ ହୋଇ ଯାଇ କହିଲେ, 'ରୋଗ ମୋତେ ଦୁର୍ବଳ କରି ଦେବାରୁ ଗୋଟିଏ ଅଶ୍ରା ଧରିଲି । ସେ ମୋର ମାନସୀ—ମୋର କଳ୍ପନା ।'

ଲେଖାଠାରୁ ଅଧିକ ଆଲୋଚନାର ବିଷୟ ହୁଏ ସେହି ଗାଁର ଝିଅଟି । ଶଭ୍ରାଘର ଅଗରୁ ଫଟୋଟିଏ ଉଠିଥିଲା । ସାଧା ଲୁଗା ସାଧା ବେଶ ଓ ହାତରେ ଗୋଟିଏ ଫୁଲ । ନାଁଟି ବି ସେମିତି ଗାଉଁଲି । ତଥାପି କଣ୍ଠବାବୁଙ୍କର କେତେ ଆନନ୍ଦ ସେଥି ନୋହୁଥିଲା ।

କଣ୍ଠ ବାବୁ କହନ୍ତି, 'ମୋର ଗୃହର ପରେ—ଦୁଇଟି ଅଶ୍ରୟ । ଗୋଟିଏ ମୋର ଲେଖା, ଆରଟି ମୋର ସ୍ତ୍ରୀ ।'

ବଧୂ ହସେ ଘୋଡ଼ା ମରି । ସେ ପଢ଼ୁଥିଲା କଲେଜରେ । ମନେ କରୁଥିଲା ଯେ, ସଂସାରର ବଡ଼ କଥା ହେଉଛି ତାହାର ନୂଆ ସାଇକଲ, ରଙ୍ଗ ଦିଆ ଯୋଡ଼ା, ଧଳା ଲୁଗା କୁର୍ତ୍ତା ।

ଆଠ ବର୍ଷର ବ୍ୟବଧାନ ବୟସରେ । କିନ୍ତୁ ମନଟା ଯେମିତି ଅନ୍ତର ବହୁତ ପଛରେ ପଡ଼ି ଯାଇଛି ।

କଣ୍ଠବାବୁ ଲେଖନ୍ତି ପ୍ରତିଦିନ ତାରିଖ ଦେଇ । କଲମରୁ କାଳି ପିଇ ବହି ତାଙ୍କର ଦିନକୁ ଦିନ ମୋଟା ହୁଏ । ତାଙ୍କ ଦେହରେ ଚର୍ବି ଏଠି ସେଠି ଲାଗିବାରେ ଲାଗିଥାଏ । ବଧୂ ଧାଏଁ ସେଟିକି—ଗପ କରିବ, ତର୍କ କରିବ, ଚର୍ଚ୍ଚା କରିବ ସଂସାରର ପାଞ୍ଚ ପଚାଶ କଥା । ବଧୂର ବନ୍ଧୁ ହେଲେ କଣ୍ଠବାବୁ ।

କଣ୍ଠବାବୁଙ୍କର ଭିତରୁ ଯେମିତି ହସ ଶୁଖି ଆସୁଛି । ସେ ଘରଭଡ଼ା ଦେଇ ଦେଇ କ୍ଳାନ୍ତ ହୋଇ ପଡ଼ିଲେଣି । କଟକଯାକ ଖୋଜୁଥିଲେ ଖଣ୍ଡେ ଜମି କିଣିବା ପାଇଁ । ଦୁଇଟି ପିଲା ହେଲେଣି ।

ବଧୁ ଧଡନ ଗୋଟିଏ କବି ଲେଖି ପକାଇଲା । କୋଇଲିର କଣ୍ଠ ଖୋଲି ଯାଇଛି । ପରାମର୍ଶ ଓ ମତାମତ ପାଇଁ ଧାଇଁ ଗଲା କଣ୍ଠବାବୁଙ୍କ ପାଖକୁ —

'ନା—ହେଉ ନାହିଁ ।'

କପାଳକୁ ଯେମିତି ଶ୍ଳେଟିଆ ଶ୍ଳେଟିଆ ଝାଳ ବହୁ ବାହାରି ଆସିଲା । ପିଲାଟା ତାହାହେଲେ କାହାର ଆଦର ପାଇବ ନାହିଁ ?

ବଧୁ ପ୍ରତିବାଦ କଲା ନିଜର ଅଙ୍କ ଖାତାଗୁଡ଼ାକୁ ମନେ ପକାଇ । ଜୋରରେ କହିଲା, 'ମୁଁ ତ ଲେଖିଲିଣି ବହୁତ—ଆପଣ ବୁଝି ପାରୁ ନାହାନ୍ତି ।'

ବେକାର ଭେଣ୍ଡା ବଟୁକୁ କଣ୍ଠବାବୁ ଆଘାତ ଦେବାକୁ କହିଲେ, 'ନ ବୁଝି ଉତ୍ତର ଦେଉଛୁ କ'ଣ ? ଯେଉଁଦିନ ଅନ୍ୟ-ମାନଙ୍କର ମତାମତ ବୁଝି ପାରିବୁ ସେହିଦିନ ତୁ ଲେଖକ ହେବୁ, ଆଉ ଲେଖିବୁ ।'

'ନା—ନା. ଆପଣ ଭୁଲ କହୁଛନ୍ତି । ଏବେ ଆପଣ ଜୀବନ-ବୀମା, ପୁଅର ପଢା, ଘର ଜଣା, ଗୁଣ୍ଡିର ଆଦିରେ ବ୍ୟସ୍ତ ହେଲେଣି । କେବେ ଲେଖକ କି ସାହିତ୍ୟିକ ଥିଲେ ନା—'

କଣ୍ଠୁବାବୁ ଉତ୍ତର ଦେଲେ ନାହିଁ । ନିଜର ସ୍ୱଗତୋକ୍ତିରେ କହିଲେ, 'ବାବୁ ବଦଳି·ହେବାର ହୁକୁମ ଆସିଲାଣି— ସତ ଚୁଙ୍କବରରେ ଉନ୍ନତ ହେଲା; ଲେଖିବାର ଆଗ୍ରହର ତଣ୍ଟିକୁ ଚିପି ।

'ସତେ ବଦଳି ହୋଇଯିବ' ? ବନ୍ଧୁର ହଠାତ୍ ମନକୁ ଲାଗିଲା ଯେପରି ପ୍ରଥମେ ତାହାର ଗୋଟିଏ ପ୍ରିୟ ଜିନିଷ ହଜିଯିବ । ଖେଳ ପଡ଼ିଆ କି ଗୁଁ' ଦୋକାନ ଗୋଟାଏ ଉଠିଗଲା । ଏକାଠି ବସାଉଠା କରିବାର ତିନିବର୍ଷ ହେଲାଣି । ମନେ ନ ଥିଲେ ବି କେତେ ସରସ ସୁନ୍ଦର ଦିନ ଏକାଠି କଟି ଯାଇଛି । ଏବେ କଣ୍ଠୁ ବାବୁ ସିନା ସୌଦାଗର ହେଲେଣି ! ବନ୍ଧୁତ ହେଇ ନାହିଁ ।

କଣ୍ଠୁବାବୁ ବନ୍ଧୁକୁ ଛାଡ଼ିଲେ—ବଦଳି ହୋଇଗଲା କଟକରୁ । ସେଠି ଗରମ ବେଶୀ, ହାଇଜା ହୁଏ, ପନିକା ମିଳିବା କଷ୍ଟ—ସାହିତ୍ୟ ଚର୍ଚ୍ଚା ବୋଧହୁଏ କମିଯିବ କାମର ଭିଡ଼ରେ ।

ବନ୍ଧୁ କେହି ନୁହେଁ । ବଟୁ ବଚସା ବସି ଚାହିଁ ଥାଏ, ତାଙ୍କର ବଦଳି ପାଇଁ ଜିନିଷ ପତ୍ର ସଜଡ଼ା ଚାଲିଛି । ପୁଅର ପଢ଼ା, ଝିଅର ସ୍କୁଲ ଆଦିର ଚିନ୍ତା କଣ୍ଠ ବାବୁଙ୍କୁ ଘାରି ରଖିଛି ।

କଣ୍ଠୁବାବୁ ଚାଲିଗଲା ପରେ ବନ୍ଧୁ ଦୁଃଖିତ ହୋଇଥିଲା— ଯାଆସ ରାସ୍ତା ମରାମତି ପାଇଁ କିଛିଦିନ ବନ୍ଦ ହୋଇଗଲେ ଯେମିତି ବିରକ୍ତି ଓ ଅସଜ ଲାଗେ । ଠିକ୍ ସେମିତି ।

କେବେ କେମିତି ଖଣ୍ଡେ ଖଣ୍ଡେ କାର୍ଡ ଆସେ । ମାମୁଲି ଚିଠି । ମଝିରେ ମଝିରେ ଚାରି ପାଞ୍ଚଦିନ ଛୁଟି ନେଇ କଣ୍ଠୁବାବୁ ଧାଇଁ ଆସନ୍ତି କଟକ—ନିଜର ଘରଟିକୁ ଦେଖିବାକୁ ଓ ଲେଖାର

ବ୍ୟବସ୍ଥା କରିବାକୁ । ବଧୂ ସେ କେଇଦିନ ସାଇକେଲ ଛୁଟାଇ ଧାଏଁ କଣ୍ଟ ବାବୁଙ୍କ ସାଥିରେ । ଛାପାଖାନା ନ ହେଲେ ବହି ଦୋକାନ । ସବୁଠାରେ ଟଙ୍କା ଅଣା କଥା—ସାହିତ୍ୟ ନାହିଁ ।

'ବୁଝିଲୁ ବାବୁ—ଖାଲି ଲେଖିଲେ ଲେଖା ହୁଏ ନାହିଁ କି ମଣିଷ ଲେଖକ ହୁଏ ନାହିଁ । ଲେଖାକୁ ପ୍ରକାଶ କରିକି ଲୋକଙ୍କ ଆଗରେ ରଖିବା ହେଲା ସାହିତ୍ୟ ।'

ବଧୂ ପ୍ରତିବାଦ କରେ ଟିକ୍ ଆଗପରି । ଆଜି ଶୁଣେ, 'ବାବୁ, ନିଜର ପରିବାରଟିଏ କରି ତା'କୁ ସଂପାଦ ଶିଖିଲେ ଜାଣିବୁ ଲେଖକକୁ ତାହାର ଲେଖାଗୁଡ଼ିକ ପାଇଁ କ'ଣ ସବୁ କରିବା ଦରକାର ।...ଲେଖାଗୁଡ଼ିକ ହେଲେ ଲେଖକର ପିଲା ।'

'ହୁଁ—ଅନେକ ପ୍ରକାର କଥା ଶୁଣିଲିଣି । ପ୍ରଥମେ ଶୁଣିଲି ଲେଖାଟିଏ ଆରମ୍ଭ କରି ଶେଷ କରି ପାରିଲେ ଲେଖା କ'ଣ ଜାଣିବ— ଜାଣିଲି । ପରେ ଶୁଣିଲି ବହିଟିଏ ଆରମ୍ଭ କରି ଶେଷ କଲେ ଲେଖକ କ'ଣ ବୁଝିବ ।—ବୁଝିଲି ବହି ଲେଖି ଲେଖି ।— ଏବେ ଶୁଣୁଛି ଯେ ଛାପାଖାନା ଓ ବହି ଦୋକାନକୁ ଧାଇଁବା ହେଲା ସାହିତ୍ୟ । ହଉ—'

'ପଗଲା—ଜାଣିପାରୁ ନାହୁଁ । ପୁଣି କେବେ କଟକରେ ରହିଲେ ଏସବୁ ଭଲକରି ବୁଝିବା । ଥାଉ ।'

ବହୁଦିନର ଚିହ୍ନା ଲେଖା କଣ୍ଟବାବୁଙ୍କର ପରିଚିତ ହାତର କାର୍ଡଖଣ୍ଡେ ବଧୂର ଟେବୁଲ ଉପରେ ପଡ଼ିଛି । କୋଡ଼ିଏ ବର୍ଷ ଗୃହୀର କରି ପ୍ରଥମ କରି ସେ ଗ୍ରୀଷ୍ମ ଛୁଟିନେଇ କଟକକୁ ଆସୁଛନ୍ତି ।

ଟିକିଏ ବିଶ୍ରାମ କରିବେ—ଦରମା ପାଇବାର ତିନିଦିନ ପରେ କଟକରେ ଦେଖାହେବ—ସାଥିରେ ତାଙ୍କର ସ୍ତ୍ରୀ ଓ ପାଞ୍ଚଟି ଯାକ ପିଲା ଆସୁଛନ୍ତି ।

କୋଡ଼ିଏ ବରଷର ଅନୁଭୂତି ପୁଣି ସେମିତି କଅଁଳି ଉଠିଲା । ବଧୁର ଦେହ ଉପରେ ଚଉତିରିଶ ବର୍ଷ ତାହାର ଖରା କାକର ନେଇ ମାଡ଼ି ଯାଉଛି । ମନ ଶୁଖିଛି, ଆଖି ପଶିଛି, ଗାଲ ଭାଙ୍ଗିଛି, ଦେହଟା ସେମିତି ଥୁଣ୍ଟା ହୋଇ ପଡ଼ିରହିଛି ।

କଣ୍ଟୁବାବୁଙ୍କ ଆସିବା ଦିନ ପାର ହୋଇଗଲା । ବଧୁ ପ୍ରତିଦିନ ଯାଇ ତାଙ୍କର ବସାରୁ ବୁଲି ଆସେ । ଘରେ କ'ଣ ଦେହ ଖରାପ ହେବାରୁ ସେ ଆସିବାରେ ଡେରି କଲେ । ଆସୁଛନ୍ତି...ଆସିଲେ ଆସିଲା ପରି ।

ଅଗ୍ରହାର ଜଳଣ୍ଟା ନେଇ ବଧୁବାବୁ ଯାଆନ୍ତି । କୋଡ଼ିଏ ବରଷର ପରିଚିତ ଲୋକ ଅନାସ୍ଥ ହୋଇ ରହିବା କଷ୍ଟ । ବଧୁବାବୁଙ୍କର ନିଛଟିଆ ଜୀବନ ଗୋହିରିରେ ବେଶୀ ଲୋକ ନାହାନ୍ତି କି ବେଶି ନଶାଣଖୁଣ୍ଟ ନାହିଁ ।

ସେ ପ୍ରତିଦିନ ଲାଲବାଗ ଦେଖନ୍ତି—ବାଟରେ କୁଆଡ଼େ ଗଲା ଅଇଲା ବେଳେ ମଙ୍ଗଳଖୁଣ୍ଟ ଦେଖିଲେ କଣ୍ଟୁବାବୁଙ୍କ କଥା ମନେ ପକାନ୍ତି । କଣ୍ଟୁବାବୁ ସେମିତି ଛୋଟିଆ ଛୋଟିଆ କାର୍ଡ ଲେଖି କେଇଟି ଚିହ୍ନ ପକାଇ ଥାନ୍ତି—କେଇଥର ବି ଦେଖା ପଡ଼ୁଥାନ୍ତି କଟକରେ ।

ସମସ୍ତେ ଆସିଲେ—ବୁଢ଼ା ଲୁଗୁଡ଼ି, ଟେହ୍ଲି, ଟିକି ଆଦି ସମସ୍ତେ । ବୁଢ଼ା ପଢ଼ିଲାଣି ସ୍କୁଲରେ । କେତେ ବର୍ଷ ଭିତରେ ବଧୁବାବୁ

ଯେଉଁଠି ଥିଲେ କଣ୍ଟବାବୁଙ୍କ ପ୍ରଥମ ଭର ଟଙ୍କିଲା ବେଳେ, ବୁଢ଼ା ସେଇଠି ପହଞ୍ଚିଲାଣି । ବୁଡ଼ୁଡ଼ି, ଗେହ୍ଲି ଆଦ ପଢ଼ିଲେଣି । ଠିକ ଗଛରେ ଚଢ଼େ—ମା' ସାଙ୍ଗରେ କଳି କରେ । ସବା ସାନ ନମ୍ବ ଗେହ୍ଲା ହୋଇଥାଏ ।

କଣ୍ଟବାବୁଙ୍କ ସାଥିରେ ଦେଖା ହେଲା । ଏଥର ନୂଆ କଥା ଯେ ସେ ଗୁରୁମାସ କଟକରେ ରହିବେ । ଆଗରୁ କହୁଥିଲେ ଯେ କଟକରେ ତାଙ୍କର ଗୋଟିଏ ସାଙ୍ଗ ବନ୍ଧୁ—ଏଥର ଭଲରେ ଦିନ କେଇଟା କଟିଯିବ । ଉଧୁକୁ ଭାର ଏକୁଟିଆ ଲାଗୁଥିଲା ।

ଏ କଣ ? ଲୋକଟି ଏକାବେଳକେ ଓଲଟା ହୋଇଯାଇଛନ୍ତି । ଯେ ସବାକୁ ସାଭ ଅଠପାଏ ଗସ୍ତ, କଚେରୀ, ଫାଇଲ୍, ଲୋକଙ୍କର ଦରକାରୀ ଅଦରକାରୀ କାମରେ ଜୋଡ଼ିଏ ବରଷ ମଜ୍ଜି ରହିଥିଲା, ସେ ଆଜି ଗୀତା, ରାମାୟଣ, ବସ୍ତୁ ପୁରାଣରେ ଆନନ୍ଦ ପାଉଛନ୍ତି । ସେଥି ଭିତରେ ଲୋଟୁଛନ୍ତି— ପ୍ରେମର ଚର୍ଚ୍ଚା, ଅଭାବର ଛବି, ମନର ବିଭିନ୍ନ ଦିଗର ଆଲୋଚନା ।

ସରକାରୀ ଦାୟୀ କାମରୁ ମଧ୍ୟ ତାହାର ମନ ଛୁଟିନାହିଁ । ଦି'ଦିନ ଦିନକେ ଧାଁଏ ସରକାରୀ କଲର କେନ୍ଦ୍ରକୁ--ସେକ୍ରେଟେରିଏଟ୍ ଓ ସେଠି କଲ ଚଲାଉଥିବା ଅମଲା ଓ ହାକିମଙ୍କ ପାଖକୁ । ଗୃହକରର ଦାସତ୍ୱ ଯେମିତି ତାହାର ଗୋଡ ହାତ ବାନ୍ଧି ସାରି ମୁଣ୍ଡଟାକୁ ବି ଲମ୍ବା ପଟିରେ ବାନ୍ଧିଲାଣି ।

ଟଙ୍କା ଅଣାର ହିସାବ ବେଶ୍ ରଖି ପାରୁଛନ୍ତି । ଘର ଖରଚର ସବୁ ହିସାବ ରଖିଛନ୍ତି ଏହି ଜୋଡ଼ିଏ ବରଷ । ପାଖାପାଖି ସେହି

ସେତକ ଦିନର ବିବାହିତ ଜୀବନରେ ସେ ସ୍ତ୍ରୀଙ୍କୁ ଚିହ୍ନି ଦେଇଛନ୍ତି । ତଥାପି ତାଙ୍କର ଦୁଃଖ ଯେ ସ୍ତ୍ରୀ ନାଁରେ ଖଣ୍ଡେ ବହି ବି ସେ ଉତ୍ସର୍ଗ କରି ପାରି ନାହାନ୍ତି । ସ୍ତ୍ରୀ ଭେଟିଛି ପାଞ୍ଚଟି ପିଲା—ବଡ଼ ସେମାନେ କଣ୍ଠ ବାବୁଙ୍କର ନାଁ ରଖିବେ । କେତେ ଦୁଃଖକୁ ଆଉଁସି ଭୁଲେଇଛି, ପାଶୋରେଇ ଦେଇଛି, ସେହି ସ୍ତ୍ରୀଟି । ବହି ଲେଖା ଚାଲିଛି । ସ୍ତ୍ରୀ ବୁଝୁ ନ ବୁଝୁ, ତାହାଙ୍କୁ ପଢ଼ି ଶୁଣାଇବାରେ ଆଗ୍ରହ ମଧ୍ୟ କମ ନାହିଁ ।

ପିଲାଙ୍କର ପଢ଼ା ବୁଝିପାରୁଛନ୍ତି । ସେମାନଙ୍କୁ ଅଙ୍କ ଦେଇ ଠିକ ହେଲା ନ ହେଲା ଭଲ ଦେଖି ପାରୁଛନ୍ତି । ହସ୍ତାକ୍ଷର ଖାତାରେ ଭୁଲ୍ ଧରାଇବା ଓ ହସ୍ତାକ୍ଷର ଲେଖା ଶିଖେଇବା ମଧ୍ୟ କରି ପାରୁଛନ୍ତି । ପିଲାମାନେ ଗୋଳମାଳ କଲେ ତାଙ୍କୁ ପଣକିଆ, ହସ୍ତାକ୍ଷର, ବ୍ୟାକରଣ ଆଦି ଭିନ୍ନ ଭିନ୍ନ ପାଠ ଦେଇ ସେ ଶାସନ କରି ଜାଣୁଛନ୍ତି ।

ସେଥିଭିତରେ ବି ଚାଲିଛି ଲେଖା, ଛାପାଖାନା ଓ ବହି ଦୋକାନକୁ ଧାଉଡ଼ । ଗୋଟାଏ ଅକ୍ଷର ଉଡ଼ିଗଲେ କି ଟିକିଏ ଭୁଲ ରହିଗଲେ ଦୁଃଖ ।

ପାଖରେ ବସି ବଧୂ ଏସବୁ ଦେଖେ । ମନ ତାହାର ଦୁରେଇ ଯାଏ । ଠିକ୍ ପିଲାବେଳେ ଯେମିତି ଲଳାବାଗଠାରୁ ଦୂରରୁ ଦୂରକୁ ମାଇଲ ଖୁଣ୍ଟ ଗଣି ଗଣି ଆଗକୁ ଚାଲୁଥିଲା ।

କଣ୍ଠବାବୁଙ୍କ ପୁଅ ବୁଢ଼ା ସାଇକଲ ଶିଖିଛି ଯେ, ବଧୂବାବୁଙ୍କ ସାଙ୍ଗରେ କଠାଲ କରେ ତାହା ସାଙ୍ଗରେ ସାଇକଲ ଦଉଡ଼ କରିବାକୁ ! ଝିଅମାନେ ଜିଦ୍ କରନ୍ତି କ୍ୟାରମ୍ ଓ ବାଘ ଛେଳି

ଖେଳିବା ପାଇଁ । ଟିକି, ନମ୍ମ ଆସି ପାଖରେ ଠିଆ ହୁଅନ୍ତି ଆଦର ପାଇବାକୁ ।

କଣ୍ଠ ବାବୁ ତାଙ୍କ କାମରେ ବ୍ୟସ୍ତ । ମୁଣ୍ଡ ଉପରୁ ସେହି କୁଅଁ କୁଅଁ କଳାବାଳ ଉଡ଼ିଲେଣି । ସେହି ସବୁ ଥାନ ଟାଙ୍ଗରା । ସେ ହାତଯାକ ଗୁଳ ଟୋଳି ହୋଇଯାଉନ୍ତି । କବାଟ, ଝରକା, କଡ଼ି, ବରଗା ସବୁ ଖରାପ ହୋଇଯାଇଛି ଦଶ ବରଷର ଅଯତ୍ନରେ । ହାତେ ହାତେ ଅନେକ ମରାମତ କରି ଯାଉଛନ୍ତି । ସ୍ତ୍ରୀ ବି ଆସିଥାଏ—ତାହା ସାଙ୍ଗରେ ଚାଲିଥାଏ ସିମେଣ୍ଟ, ଚୂନ, ମାଲିଆ କଥା । ଆଉ କେତେ ପ୍ରକାରର ପ୍ରସ୍ତାବ । ଘରକୁ କାନ୍ଥଟିଏ ଏଠି ଦେଇ ସେଠି ଭାଙ୍ଗି ନୂଆ ପ୍ରକାରର କରିବେ ।

'ନା —ଏମିତି ସବୁରେ ବ୍ୟସ୍ତ ଅଛନ୍ତି । ମୁଁ ଯାଉଛି ।'

'ଆରେ ବନ୍ଧୁ, ଚାଲିଯିବୁ କି ? ରହ—ଅନେକ ଗପସପ ଅଛି । ଗେହ୍ଲି ଗଲୁ ଚଞ୍ଚଳ ଆଣିବୁ । ଦି' କପ ଚା । ବନ୍ଧୁ ପଳାଉଛି ।'

ଗେହ୍ଲି, ନମ୍ମ, ଟିକି ଆସି ବାଟ ବନ୍ଦ କରି ଠିଆ ହେଉଛନ୍ତି, ବନ୍ଧୁ ବସି ବସି ବଢ଼ି ଚାଲେ । ରୋଷେଇଘରୁ ଚଟ ନାଆଁ ଆସେ ଚହେ, ଚା ପିଆଲା ଉପରେ । ମେ ହୁଏ ଉଠିଲି ।

'ଅଚ୍ଛା, ଚାଲ—ତୁ ବ୍ୟସ୍ତ ହେଲୁଣି । ବୁଲିଯିବା ?'

ଏକାଠି ପୁଣି ଦୁଇଜଣ ବାହାରନ୍ତି । ସହର କି ପୁରୁଣା ଦିନ ଫେରି ଆସୁଛି । ଗପସପ, ହସ ଖୁସି ହେଇ ହବ ।

ବାଟରେ 'ହେ' ରହ ଟିକିଏ ରହି—ଘରକୁ ମାଛ ନବା କଥା—ଆରେ ଟୋକା ଏ ଦାଉଡ଼—ହଁ ତ, ପିଲାଙ୍କ ପାଇଁ ଲଜେ-

ନ୍ସ ନେବ, ଆଜି ମୋର ଗୋଟିଏ ଲଣ୍ଠଣି ଦରକାର—ସ୍ପେ, ରମେଶବାବୁ, ରମେଶବାବୁ········

ବଧୂ କହେ, 'ନାହିଁ—ମୁଁ ଫେରିଲି ଘରକୁ । ପ୍ରତିଦିନ ବୁଲି ଆସିଲେ ବି ବଜାର, ଘର କରଣା ଛାଡ଼ିଲି ନାହିଁ । ଆପଣ ବଜାର କରୁଥାନ୍ତୁ—ମୁଁ ଚାଲିଲି ।'

ବଧୂ ଚାଲେ । କଣ୍ଠବାବୁ ତାଙ୍କ କାମ ଛାଡ଼ି ଦେଇ ଅପରାଧ କଲା ପରି ପଛେ ପଛେ ଚାଲନ୍ତି । ସାଇକଲର ଘନଘନ ଘଣ୍ଟି ଶୁଣି ବଧୂ ଚାହିଁ ହସିଦିଏ । କଣ୍ଠବାବୁ ଆସିଗଲେଣି ।

ସେ ବି ଅନୁତାପ କରି କହେ, 'ଅଚ୍ଛା, ଚାଲନ୍ତୁ ଯିବା ଜୋର କରି । ମୁଁ ବଜାର କରିବା ଶିଖିବି ।

କଣ୍ଠ ବାବୁ ଖୁସି ହୋଇ ଯାଆନ୍ତି ।

ଏଇ ହେଲା ସାହିତ୍ୟିକର ସାହିତ୍ୟ । କଲେଜ ପାଠ ସରିବାର କୋଡ଼ିଏ ବରଷ ପରେ—ଚାକିରି କରିବାର କୋଡିଏ ବରଷ ପରେ । ଦେହ ଭିତରେ ମନ ଏମିତି ବଦଳିଛି ।

ଲେଖା କଥା ପଢ଼େ । ଜଣଙ୍କ ମୂର୍ଖ ପୁଙ୍ଗବକୁ, ଆରକର ପଣ୍ଡିତମକୁ । ପ୍ରତ୍ୟେକ ନିଜ ନିଜର ମନ, ରୁଚି, ଅନୁଭବ ଅନୁସାରେ ପ୍ରକାରେ ପ୍ରକାରେ କହନ୍ତି । ଅନ୍ୟ ଲୋକର ଲେଖାକଥା ପଢ଼ିଲେ ସେମିତି ଭିନ୍ନ ମତ ହୁଏ ଦୁହିଁଙ୍କର । ଶେଷରେ ରାଜିନାମା ହୁଏ ଯେ ଆଉ ସାହିତ୍ୟ ଓ ଲେଖକଙ୍କୁ ନେଇ କୌଣସି ଆଲୋଚନା ହବ ନାହିଁ । ଦୁହେଁ ଖୁସି ।

ବୈଶାଖ, ଜ୍ୟେଷ୍ଠମାସ ଦୁଇଟିଯାକ ଏଇଟି ବହୁତ ବୁଲା ହୋଇଛି । ଖଣ୍ଡେ ଖଣ୍ଡେ ଟୋପି ମୁଣ୍ଡରେ ଦେଇ ଦିନ ସାଢ଼େ ବାରଟା ଓ ଗୋଟାଏ ବେଳେ କଣ୍ଟୁ ବାବୁଙ୍କୁ ଦେଖିବ ବନ୍ଧୁ ରାସ୍ତାର ପଡ଼େ ବୁଲିବାକୁ । କଟକର ସବୁ ଗଳି, ରାସ୍ତାର ଉତ୍ପତ୍ତି ଓ ଶେଷ ଦେଖା ହୁଏ । ମହାନଦୀ କୂଳେ କୂଳେ, କାଠଯୋଡ଼ି ଧାରେ ଧାରେ, ରେଳ ପୋଲ, ରେଳ ଲାଇନ, ନୂଆ ପୋଲ, ପୁରୁଣା ତେଲଙ୍ଗା ପେଣ୍ଠ ଆଦି ଦେଖା ହେଲା ।

ଆଖି ଉପରର ଖରା ଚଶମା ଭିତର ଦେଇ ଜମିରୁ ବର୍ଷା ହେଲାପରି କପାଳର ଝାଳରୁ ସୁଅ ବୋହିଯାଏ । ଲୁଣିଆ ଝାଳ ଶୁଖିଲା ଓଠ ଉପର ଦେଇ ଗଳିଯାଏ । ବାଟରେ ଠିଆ ହୋଇ ବଡ଼ି ଖାଆନ୍ତି —ଉଃ, ବଡ଼ ମଜା । ଫେରିଲା ବେଳକୁ ଦେହ ଏମିତି କ୍ଲାନ୍ତ ହୋଇ ପଡ଼ିଥିବ ଯେ ଖାଲି ଶୋଇପଡ଼ିବାକୁ ଇଚ୍ଛା ହେବ । ବଡ଼ ଭଲ ଲାଗିବ ।

ସେତିକିବେଳେ ହୁଏ ସଂସ୍କାର କଥା । ଆମର ସ୍ତ୍ରୀମାନେ ଯଦି ଏମିତି ମାସକେ ଥରେ ସାଇକଲ ଖଣ୍ଡେ ନେଇ ଦୁ'ଦଶ ମାଇଲ ଯା ଆସ କରନ୍ତେ ତାହାହେଲେ ଘରେ ଚଳେବା ଯେମିତି ସୁଖକର ହୁଅନ୍ତା ଦେହର ସହ୍ୟ ଶକ୍ତି ମଧ୍ୟ ସେମିତି ବଢ଼ି ଯାଆନ୍ତା ।

ବୁଝିଲ ବନ୍ଧୁ—ମୋର ଦୁଃଖ ରହିଗଲା ଯେ ମୋ ସ୍ତ୍ରୀ'ର ସହଯୋଗ ପାଇଲି ଖୁବ୍ କମ୍ । ମୁଁ ଉନ୍ନତ କରିପାରିଲି ନାହିଁ । ସବୁବେଳେ ଯେମିତି କିଏ ଗୋଡ଼କୁ ଆଗକୁ ନ ଠେଲି ପଛକୁ ଘୋସାରି ଅଣୁଛି ।

କଣ୍ଟୁ ବାବୁଙ୍କ ଛୁଟି ସରିଲା । ସେ ଚାଲିଗଲେ ।

ବଧୂଙ୍କୁ ଖରାପ ଲାଗିଲା । ଏତେ ଝାଳ, ଏତେ ଖରାରେ ସତେ ଯେମିତି ନୂଆ କରି, ହାଣି ଭରି, ଗୋଟାଏ ଅସମ୍ଭବ ବନ୍ଧୁତା ଗଢ଼ି ଉଠୁଥିଲା— ଆଜି ଭାଙ୍ଗି ଯାଉଛି । ଯାହା ଅସମ୍ଭବ ସେତକ ସମ୍ଭବ ହୋଇଥିଲା । ସାହିତ୍ୟ ଓ ଲେଖା ଉପରେ ଯେଉଁ ବନ୍ଧୁତା ଗଢ଼ି ଉଠିଥିଲା ସେ ପୁଣି ଥରେ ନୂଆ ମୂଳଦୁଆ ଉପରେ ଠିଆ ହେଲା— ଯେଉଁଠା ହେଉଛି ଖରା ଦିନର ତାତିରେ ଏକାଠି ବୃଥା ଦଉଡ଼ିବାର ବନ୍ଧୁତା । ସାହିତ୍ୟ ମରି ଯାଇଥିଲା ଆଲୋଚନା ଭିତରୁ । କିନ୍ତୁ ମନ ମିଶିଥିଲା ମନ ସହିତ ।

କଣ୍ଟୁବାବୁ ଚାଲିଯିବାର ଦିନ । ସେ ବୁଲି ବୁଲି କଟକର ଚିହ୍ନା ଲୋକଙ୍କଠାରୁ ମେଲାଣି ହେଉଥିଲେ । ବଧୂ ସେଦିନ ସାତଥର ଯାଇ ଫେରି ଆସିଥିଲେ ଦେଖା ପାଇଲେ ନାହିଁ । ରାତି ଗାଡ଼ିରେ କଣ୍ଟୁବାବୁ ଯିବେ ।

ଜିନିଷପତ୍ର ବନ୍ଧା ହୋଇଛି— ଟ୍ରକ୍‌ରେ ଲଦା ହେଉଛି ଷ୍ଟେସନକୁ ଯିବ । ସେ ସବୁ ଚାଲିଗଲା— ବାକି ରହିଲେ ଘର ଓ ମଣିଷ । ମଣିଷମାନେ ଯିବା ଆଗରୁ ବାବୁଟିଏ ଆସିଥାଆନ୍ତି ଯେ, କଣ୍ଟୁବାବୁ ଗଲେ ସେ ଗୃହ ନେଇଯିବେ । ସେ ରହିବେ, ଭଡ଼ାରେ ।

କଣ୍ଟୁବାବୁଙ୍କର ସ୍ତ୍ରୀ ଓ ପିଲାମାନେ ପ୍ରସ୍ତୁତ ହେଉଥାଆନ୍ତି । ତାହାଁର ତଦାରଖ କରିବାରେ କଣ୍ଟୁବାବୁ ବ୍ୟସ୍ତ ଥାଆନ୍ତି । ଭାଲେ କିଛି ରହିଯିବ । ମଝିରେ ମଝିରେ ଆସି, ବଧୂଙ୍କୁ କହୁଥାଆନ୍ତି, 'ହେଇ— ସବୁ ଠିକ୍ ହୋଇଗଲା ପ୍ରାୟ । ତାପରେ ଟିକିଏ ଦୁଃଖସୁଖ ହେବା—'

ସବୁ ସରିଲାବେଳକୁ ଘଡ଼ି ଦେଖା ହେଇ ଜଣାଗଲା ଟ୍ରେନ ସମୟ ଆସି ହେବା ଉପରେ ।

ସମସ୍ତେ ଗାଡ଼ିରେ ଚଢ଼ିଲେ । ଘରେ ତାଲା ପଡ଼ିଲା । ନୂଆ ବାବୁଟି, ଭଣ୍ଟୁବାବୁ, ପିଲାପିଲି ସମସ୍ତେ ବାହାରିଲେ ପଦାକୁ—ବଧୂ ମଧ୍ୟ ।

'ଅରେ ବାବୁ, ଟିକିଏ ଗପ କରି ପାରିଲେ ନାହିଁ—କ୍ଷମା କରିବୁ । ବଡ଼ ଜଞ୍ଜାଳ । ଏମିତି ପରିବାର ନେଇ ଏପାଖ ସେପାଖ ହେବା କ'ଣ ବୁଝିଲେ ମତେ କ୍ଷମା ଦେବୁ ।···ପିଲେ ଓଳଗି ହୁଅ ।

ଗୋଟି ଗୋଟି ହୋଇ ମୁଣ୍ଡ ନଇଁଲା—ଉଠିଲା । ଭଣ୍ଟୁବାବୁ ବି ବିଦା ହେଲେ । 'ହଉ, ଥା,' ବଧୂ, ଚିଠି ଦେବୁ—ଦେଉଥିବୁ ।'

ବଧୂ ବିରକ୍ତ ହୋଇଥିଲା ବହୁତ । ସେ 'ହିଁ' ମାରି ତୁନି ପଡ଼ିଲା । ତିନି ଦିନରେ ସେହି କାର୍ଡ—"ନିରାପଦରେ ଆସି ପହଞ୍ଚିଛୁ । ଚାକିରିରେ ଯୋଗ ଦେଇଛି । ବହୁତ୍ କାମ ମୋର ।—ଶୁଭାଶୀର୍ବାଦ ଜାଣିବୁ —ଚିଠି ଦେବୁ ।"

# ପୁରୁଣା କଥା

ଅନ୍ଧାର ରାତିରେ ଉପରକୁ ଚାହିଁଲେ ମହାଶୂନ୍ୟ ଭିତରେ କେଇଟି ନକ୍ଷତ୍ର ବେଶି ଉଜ୍ଜ୍ୱଳ ଦିଶନ୍ତି । ମନେ ହୁଏ ସେମାନେ ଯେପରି ପରସ୍ପରର ବନ୍ଧୁ । କ'ଣ ଗୋଟିଏ ବନ୍ଧନରେ ବାନ୍ଧିହୋଇ ରହିଛନ୍ତି । ସେମାନଙ୍କ ଭିତରେ ଦୂରତା କେତେ, ସମ୍ପର୍କ କଣ, କେଉଁଦିନ ଏକାଠି ରହିବେ, ଯେମିତି ଜାଣି ହୁଏ ନାହିଁ ଅଥଚ ଖାଲି ଦେଖି ହୁଏ, ଅନୁଭବ କରି ହୁଏ ।

ସତେ ତା' ସଂସାରଟା ସେହି ଆକାଶରୁ ଯେମିତି ସେତକ ଦେଖି ଦେଖି ନିଜ ଭିତରକୁ ଟାଣି ଆଣିଛି । ଖଣ୍ଡକରେ ପାଣି, ଖଣ୍ଡକରେ [illegible], ଅନ୍ୟକରେ ଘର ଓ ଘରଭିତରେ ମଣିଷ । ଦୂରଏ ଦେଖିରୁ ଲାଗିବ ଯେମିତି ପରସ୍ପର ସହିତ ଗୁନ୍ଥା ହୋଇ ଯାଇଛନ୍ତି ।

ଘର ଆଗରେ ଘର ଠିଆ ହୋଇଛି । କଚେରୀରେ ମକଦ୍ଦମା ହେଉଛି ଯେ, ଗୋଟିଏ ଘର ପଡୋଶୀର ଆଲୁଅ ପବନ ବନ୍ଦ କଲା; ଜଣକର ଘରବାଲା ଆର ଘରର ଘରୋଇ ଗୋପନୀୟତା ଭାଙ୍ଗି ଦେଲା; ଜଣକର ନାଳରୁ ପାଣି ଢ଼େଉଅସି ଆରଘର ଉପରେ ବୋହିଗଲା । ଶତ୍ରୁ ମିତ୍ର ହୋଇ ଯାଆନ୍ତି । ବୁଦ୍ଧିବଳ ପରଖି କରୁ କରୁ କେଜାଣି କେତେ ଟଙ୍କା ଓ ସମୟ ଉଡ଼ିଯାଏ । ମଣିଷ ମରି ଯାଏ । ଘର ଭାଙ୍ଗିଯାଏ ।

କେହି କାହାର ବନ୍ଧୁ ନୁହେ । କେହି କାହାର ଶତ୍ରୁ ନୁହେ । ଘଟଣାର ସ୍ରୋତରେ ଚାରିଜଣ ଏକାଠି ହୋଇ ଆନନ୍ଦରେ ହସିହସି ଗଡ଼ି ଯାଆନ୍ତି । ପୁଣି ସେମିତି ମୁହଁ ଓହଳେଇ ମନକୁ ମାରି ପରସ୍ପରକୁ ଚାହିଁ ଠିଆ ବି ହୋଇ ପାରନ୍ତି ନାହିଁ ।

ସଂସାରର ଏଇଟା ଅତି ପୁରୁଣା ସତ । ଅତି ପୁରୁଣା କଥା । ଏହି ହେଉଛି ଲେଖାଟିର କଥାବସ୍ତୁ । ଚାରିଜଣ ଓଡ଼ିଆ ଶିକ୍ଷିତ ଲୋକଙ୍କର ଜୀବନର କେଇଟି ଛନ୍ଦବନ୍ଧ କଥା ।

ଚାରିଟି ପିଲାଙ୍କୁ ସଂସାରର ଅନ୍ୟମାନଙ୍କଠାରୁ ବାରି ନେବା ପାଇଁ ନାଁ ଦିଆ ହୋଇଥିଲା—ଶଙ୍କର, ଶ୍ରୀନାଥ, ମୋହନ ଓ କିଶୋର । ଜନ୍ମ ହେଲା ବେଳେ ଦୂରତା ବହୁତ ଥିଲା—ମାପିଲେ ହେବ ପାଞ୍ଚଶହ ମାଇଲ ଓ ଗଣିଲେ ହେବ ହଜାରେ ଦିନ । ଏତିକି ବ୍ୟବଧାନ ।

କୁକୁର ଛୁଆ ପିଲାଦିନୁ ତାହାର ବୁଦ୍ଧି ଓ ସ୍ୱଭାବ ଅନୁସାରେ କାମ କରିଗଲା ପରି ଏହି ମଣିଷ ପିଲା ଚାରୋଟି ତାଙ୍କର ଦେଖାଶିଖା

କାମ କରି ଆସୁଥିଲେ । ସମସ୍ତଙ୍କର ଗୋଟିଏ ଲେଖାଁ ଘର—ଘରେ ବାପ ମା, ଭାଇ ଭଉଣୀ ଓ ଦୁଃଖ ସୁଖ । ସମସ୍ତେ ପଢ଼ିଥିଲେ ଓ ଏକା ବିଶ୍ୱବିଦ୍ୟାଳୟରୁ ଶିକ୍ଷିତର ମାର୍କା ଗ୍ରାଜୁଏଟ୍ ହୋଇ ଓଡ଼ିଶା ମା' କୋଳକୁ ଫେରି ଆସୁଥିଲେ ।

ଓଡ଼ିଶାରେ ଆନନ୍ଦ । ନୂଆ କରି ପୁଣିଥରେ ରାଜା ଏଠି ଏଥର ସୀମା ସରହଦର ଅଲଗା ଗାର ଟାଣିଦେଲେ । ଦେଶ ଜଟିଯିବ ଦଶବର୍ଷରେ । ଭାରତବର୍ଷର ଧନେ ମହୁତରେ ଥିଲା । ପୁଣି ବ ଜଠି ଆସିବ । ବୁଢ଼ା ପଡ଼ୋଶୀମାନେ ମରି ହଜିଯିବେ ।

ଗୁରୁବୋଟି ଓଡ଼ିଆ ସେମିତି ଶିକ୍ଷିତ ହୋଇ କଳ୍ପନା-କୁସୁମ ସଂଗ୍ରହରେ ଲାଗିଥିଲେ । ମଣିଷରେ ଗଣା ହେଲେଣି—ବଡ଼ ମଣିଷରେ ଗଣା ହେବେ । ବୁଢ଼ା, ମୂର୍ଖ ଲୋକେ, ବାଳୁଙ୍ଗା ପରି ମାଡ଼ିଯାଉଛନ୍ତି ଖାଲି ଏମାନେ ନ ଥିବା ଯୋଗୁ । ଏମାନେ ଆସିଗଲେଣି ଏଥର । ଆଲୁଅ ଆସିଲେ ଅନ୍ଧାର ଲଚିଗଲା ପରି ଏମାନଙ୍କୁ ଦେଖି ଆଗବାଲା ଭିତରିଆ ଲୋକେ ଆଗଘୁଞ୍ଚ ଘୁଞ୍ଚିଯିବେ ।

ଏଇ କଥା ଓ ଏଇ ଚିନ୍ତା । ପାଠପଢ଼ି ସାରିଛନ୍ତି; କିନ୍ତୁ ସେଇ ମାର୍କାକୁ ଚଳେଇ କାମ କରି ନାହାନ୍ତି । ଗୁରୁଙ୍କର ମୁହଁରେ ଯୌବନର ଲାଲ ରଙ୍ଗ ଚହଟିଉଠେ । ହସିଲେ ଗାଲ ଉପରେ ମାଉଁସ ଭାଙ୍ଗ ଭାଙ୍ଗ ହୋଇ ସୁନ୍ଦର ଦିଶେ । କଳ୍ପନାରେ ବୋଳା ଆଖି କେତେ ରଙ୍ଗରେ ଝଟକି ଉଠେ । କଟକର ରାସ୍ତା ଉପରେ ଏକାଟି ଗୁଲିଗଲା ବେଳେ ମଣିଷ ଓ ସାଇକଲ ଚାଟଭାଙ୍ଗି ଅଲଗା ହୋଇ ଗୁଲିଯାନ୍ତି । ଗୁଲିର ଧାସରେ ରାସ୍ତାର ଗୋଡ଼ ବ ଢୋଲ ହୋଇଯାଏ ।

କାହାର ଜୀବନରେ ମଧ୍ୟାହ୍ନ ଅସିନାହିଁ । ତେଣୁ ପଶ୍ଚିମର ଦିଗ୍‌ବଳୟ ଦିଶି ନାହିଁ । ଜୀବନର ମରୁଅଲ ସୁଁଆର ଛୁଟିବା ଆରମ୍ଭ କରିନି । ସରିବାର ଲକ୍ଷଣ ଦିଶିନାହିଁ । ମୁଣ୍ଡରେ କଳା ବାଳ, ଦେହରେ ଗରମ ରକ୍ତ, ଓ ହୃଦୟରେ ଅକୁହା କୋହ ।

ମୁକ୍ତ ଆକାଶ ତଳେ ଚାରିଜଣ ବନ୍ଧୁ ହେଲେ—ଶ୍ରୀନାଥ, ବିହାରି, ମୋହନ ଓ କିଶୋର । ଏକା ସମସ୍ୟା— ବଡ଼ ହେବେ, ପରସ୍ପରକୁ ଭଲ ପାଇବେ ଓ ଏମିତି ହସି ଖେଳି ଚାଲିଯିବେ । ଭୟ ନାହିଁ, ଆଶଙ୍କା ନାହିଁ, ଦୁର୍ବଳତା ନାହିଁ, ଓ ପରାଜୟ ନାହିଁ ।

ବଡ଼ ଲମ୍ବା ଲମ୍ବା କଥା । ଏମିତି ହେଲେ କଥା ସରେ ନାହିଁ । ବେଳ ସରିଯାଏ । ଦେଖା ନ ହେଲେ ଯେମିତି ଛାଟି ହୋଇ ପରସ୍ପର ଆଡ଼କୁ ଦଉଡ଼ିଯାନ୍ତି । ପୁଣି ଏମିତି ହୁଅନ୍ତି । କେତେ ପ୍ରକାରର ଚିନ୍ତା— ଦେଶର, ଶାସନର, ମଣିଷର ଓ ପଶୁପକ୍ଷୀଙ୍କର ।

ପୁରୁଣା ଲୋକେ ଆଖି ଠାରଠାରି ହୁଅନ୍ତି । ଟୋକାଏ ଚାଲ ମଜଲିସ ଓ ଗପରେ ବେଳ କାଟିଲେ । ବାଳୁଙ୍ଗା ହୋଇଯିବେ । ଅଣଓଡ଼ିଆ ଲୋକେ କୁହାକୁହି ହୁଅନ୍ତି, ଓଡ଼ିଆମାନେ ମେଲାଅ ହେବାକୁ ଆରମ୍ଭ କଲେଣି । ଗୁଟିଏ ଶିକ୍ଷିତ ଲୋକ— ଏକାପର ଓଡ଼ିଆ । ଜ ତାଆଣ ଭାବ ଥିବା ଲୋକେ ସେମିତି ଟିପ୍ପଣୀ କରନ୍ତି, ଶିକ୍ଷିତ ଲୋକଙ୍କ ଭିତରେ ଜାତୀୟଣ ବୁଦ୍ଧି ଓ ଭାବ ବଢ଼ୁଛି ।

କିନ୍ତୁ ଚାରୋଟି କେଣ୍ଡା ଏମିତି ଟହଲ ମାରୁ ଖାଇବା, ସିଗାରେଟ ଫୋଡ଼ିବା, ଗୋପନ କାହାଣୀ ଚର୍ଚ୍ଚା କରିବା ଆଡ଼କୁ

ଧନମାନ ଟଙ୍କେଇ ହେଉଥାନ୍ତି । ବଂଧୁତା ବାଂଧି ହୋଇ ଯାଉଥାଏ ଅଧା ଠାଣିରୁ ଠାଣି ହୋଇ । କେତେ ମାଳମସଲା ନ ଖାଉଛୁ ? — ଏତେ ସମୟ, ଏତେ ବାଲ୍‌ଟି ଚା, ଏତେ ଟିଣ ସିଗାରେଟ, ଆଉ ଏତେ ପ୍ରକାରର ଛୋଟିଆ ମୋଟିଆ ଗୋପନ କଥା । ଆଉ ବନ୍ଧୁତା କହେ କାହାକୁ ?

ତଥାପି ସମସ୍ତେ ସମାନ ନୁହନ୍ତି । ଦୁଇ ଜଣଙ୍କର ମା' ନାହିଁ —ଆଉ ଦୁଇଟିଙ୍କର ଅଛି । ଦି' ଜଣଙ୍କର ଚଶମା ଅଛି ଓ ଦି' ଜଣଙ୍କର ନାହିଁ । ଜଣେ ପଢ଼ିଛି ଅନ୍ୟମାନଙ୍କଠାରୁ ଅଧିକ । ଆଉ ଜଣେ ପଢ଼ିଛି ସମସ୍ତଙ୍କଠାରୁ କମ୍ । ରଙ୍ଗରେ, ପୋଷାକରେ, ସ୍ୱାସ୍ଥ୍ୟରେ, ରୁଚିରେ, ଚରିତ୍ରରେ, ଅକଲ୍‌ରେ, ଅଲଗା ଅଲଗା । କିନ୍ତୁ ବଂଧୁତା ରହିଛି । ଖାଲିଆ ଯାଗାରେ ପାଣି ଜମି ଗଲାପରି ବଂଧୁତା-ଏହି ଚାରୋଟିଙ୍କ ଅଗ୍ରା କରି ବଢ଼ୁଛି ।

ଜଣକର ବାଳ ପାଚି ଗଲା । ସେ ସବୁବେଳେ ତାହାର ମୁଣ୍ଡକୁ ଦେଖାଏ । ବୁଢ଼ା ହୋଇ ଗଲି ବୋଲି ପାଟି କରେ । ମେଲେରିଆର କୁଇନାଇନ୍ ଖିଆ ପରେ ଭିଡ଼ ଭିଡ଼ ଅଧା ବାଳ ପଡ଼ିଗଲା । ଆଉ ଗୋଟିକର ସେମିତି ଅଧେ ବାଳ ଉପୁଡ଼ି ଗଲା । ସେ କହେ ଚନ୍ଦ୍ରାଭ ଓଜନରେ ଦୁର୍ଦ୍ଦଶା ତାହାକୁ ଘୋଟି ଆସିଲା । ସେ ସମସ୍ତଙ୍କଠାରୁ ଭାବେ ଅଧିକ । ଅନ୍ୟଜଣେ ସବୁବେଳେ ଶୋଇ ରହେ । ସେ କହେ ଖାଲି ମାନସିକ ପରିଶ୍ରମ ପାଇଁ ତାହାର ଆଖିପତା ଅକାଳତରେ ଲାଗିଯାଏ ଏକାଠି । ଶେଷଟି ସେମିତି କହେ, ସେ ମଣିଷଙ୍କ ନାଁ ଓ ଚେହେରା ଭୁଲି ଯାଉଛି । ଭାବ ଭାବି ସେମିତି ହେଇ ଯାଉଛି ।

ତେବେ ପରସ୍ପର ଭିତରେ ବହୁତ ପ୍ରକାରର ଘାତପ୍ରତିଘାତ—ସୁଖୀ ଦୁଃଖସୁଖ ଆସି ଦେଖା ଦିଏ । ଭଲ ଗୃହକରର ଉପାୟ ଓ ଫନ୍ଦି, ଅଲଗା ଅଲଗା ଆଘାତ ଦିଏ । ସମସ୍ତ ଗଢ଼ଗୃହକୁ ତା'ହାର ଗଢ଼ତେ । ବଂଧୁତାର ନିବିଡ଼ତା ଜଙ୍ଗଲ ପରି ବାଢ଼ ହୋଇ ଆସେ । କିନ୍ତୁ ପ୍ରକାରେ ପ୍ରକାରେ ଫୁଲ ଫୁଟେ ଓ ଗଛ ମାଡ଼ିଯାଏ ।

କେହି କାହାକୁ କିଛି ନ କହିଲେ ସୁଦ୍ଧା ପରସ୍ପର ପ୍ରତି ଗୋଟାଏ ମମତା କୁହୁଡ଼ି ପରି, ପବନ ପରି ଘେରି ରହିଥାଏ । ସଂସାରର ସାଧାରଣ ପ୍ରଭେଦ ଓ ପାର୍ଥକ୍ୟ ସେଥିରେ ଯେମିତି ବାଧା ହୁଏ ନାହିଁ । ବେଳ ପାଇଲେ ଗୋଡ଼ ଟାଣି ନେଇଯାଏ ସେମାନଙ୍କୁ । ଅନେକ ସମୟରେ ଗୃହଜଣ ହୁଏ ତ ଗୃହଜଣଙ୍କ ଘରେ ପରସ୍ପରକୁ ଖୋଜି ଆସିଛନ୍ତି । ଏକାଠି ଚେଷ୍ଟା କରି ମଧ୍ୟ କେହି କାହାର ଦେଖା ପାଇ ନାହାନ୍ତି । ତଥାପି ଏକାଠି ହେଲେ ସମସ୍ତଙ୍କର ଆନନ୍ଦ ।

ଧିରେ ଧିରେ ସଂସାରର ବାଟରେ ମୋହନ ଖସିଲେ । ତାହାର ହେଲା ବଦଳିଘର । ଚୋହଟିଏ ଆସିଲା । ସେ ଖାଲି କହି ହୁଏ 'ବଦଳି ହୋଇ ମଧ୍ୟ ମୋର କିଛି ପରିବର୍ତ୍ତନ ହେଲା ନାହିଁ । ଯେମିତି ଥିଲି ସେମିତି ରହିଲି' । ଅନ୍ୟମାନେ ସକାରଣ ଓ ଅକାରଣରେ ମୋହନ ଘରେ ବସି ଆଡ୍ଡା ଜମାଇଲେ କହନ୍ତି, ମୋହନ । ଆଉ ତମେ ଆମଙ୍କଠାରୁ ଅଲଗା ।

ଶରୀରର ପ୍ରଭେଦ, ସ୍ୱାସ୍ଥ୍ୟର ତାରତମ୍ୟ, ଉପାର୍ଜନର ପାର୍ଥକ୍ୟ, ଚଳିବା ବଧିର ବିଭିନ୍ନତା ନେଇ ପରସ୍ପରରେ ଯୁକ୍ତିତର୍କ କରନ୍ତି । ପ୍ରମାଣ ହୁଏ ଯେ କେହି କାହାର ସାଙ୍ଗରେ ମେଳ ଖାଉ ନାହିଁ । ତଥାପି ମେଳ ରହିଚି ।

ସେଥିପାଇଁ ପ୍ରତି ଇଂରେଜୀ ସନ ଆଉ ସନକୁ ଘୁଞ୍ଚିଗଲା ଦିନ ସନ୍ଧ୍ୟାରେ ଗୃହ ବନ୍ଧୁ ଏକାଠି ହୋଇ ପରସ୍ପର ଦୋଷଗୁଣର ଚର୍ଚ୍ଚା ଓ ସମୀକ୍ଷା କରନ୍ତି । ଆଉଦା ବର୍ଷରେ କିଏ କେମିତି ବଦଳିବ ଓ କ'ଣ କ'ଣ ଭଲମନ୍ଦ ପାଇବ, ତାହାର ତାଲିକା କରନ୍ତି ।

ପୁଣି ଥରେ ଯେମିତି ମୁହଁରେ ରକ୍ତର ତେଜ ଫୁଟି ଉଠେ । ହସିଖୁସି ହୋଇ ପୁରୁଣା ବର୍ଷକୁ ରାତି ଅଧ ବେଳକୁ ବିଦାୟ ଦେଇ ହୃଦୟରେ କେତେ ଭାର ନେଇ ଯେ ଯାହା ଘରକୁ ଚାଲିଯାନ୍ତି ।

ପ୍ରତିବର୍ଷ ଯେମିତି କାହାର ନା କାହାର ନୂଆ କଥାଟିଏ ଘଟୁଛି । କିଏ ଚାକିରଟାଏ ପାଇଲା । କାହାର ବାହାଘର ହୋଇଗଲା । କାହାର ପିଲାଟିଏ ହେଲା, ଇତ୍ୟାଦି । ତଥାପି ମନଗୁଡ଼ାକ ଗୁନ୍ଥି ହୋଇ ରହେ । ପରସ୍ପରର ଚାକିରି, ସ୍ତ୍ରୀ, ପିଲାଙ୍କ କଥା ଏକାଠି ହୋଇ ଚର୍ଚ୍ଚା କଲାବେଳେ ପରସ୍ପରର କାଠୁଁକୁ ସମାଲୋଚନା, ମନ୍ତବ୍ୟ ନେଇ ଛୋଟିଆ ଛୋଟିଆ ଦଳ ହୋଇ ବାରମ୍ବାର ଭାଗ ଭାଗ ହେଲେ ବି ଏକାଠି ପରିଜଣ ହୋଇ ରହୁଯାନ୍ତି ଦେଖଣାହାରିଙ୍କ ଆଖି ଆଗରେ ।

ଯୌବନ ଧିରେ ଧିରେ ବିଦାୟ ନେଉଛି । ସମସ୍ତେ ତାଙ୍କର ବୟସକୁ ହିସାବ କରି ମୋଟା କରିବାରେ ଲାଗିଛନ୍ତି । ଆଶାମୟ ସ୍ୱପ୍ନ କମି କମି ଆସୁଛି । ସଂସାରର କଠୋର ଆଘାତ ତାହାର ଦାଗ ଦେଇ ଚାଲି ଯାଇଛି । ତଥାପି ବର୍ଷକରେ ଦିନେ, ବର୍ଷର ଶେଷ ଦିନଟିରେ ଏକାଠି ହେବା ପାଇଁ ପରସ୍ପରକୁ ଖୋଜନ୍ତି ।

ବର୍ଷେ ବର୍ଷେ ପରିଜଣରୁ ଦିଜଣ ହୋଇ ଯାନ୍ତି । ଜୀବିକା ନେଇ ବାହାରେ ଥିବାରୁ ଶେଷଟିଏ ଦୁଇଟି ପ୍ରାୟ ମିଳନ୍ତି ନାହିଁ ।

ସେ ଦିନଟିରେ ନଥିବା ଲୋକଟି ଖୋଜାପଡ଼େ । ଦୂରରେ ଥାଇ ହୁଏତ ମନେ ପକାଉ ଥାଏ । ଥିବା ଲୋକେ ସେ ଅଧାଉଟିକୁ ଲୁଅଁ ଲ ଅଙ୍କୁସା ଦେଇ ମନେ ମନେ ଭାବନ୍ତି, ସଂସାରଟା ଏମିତିକା ନିଷ୍ଠୁର । ଯେଉଁ ଆମୋଦ ପ୍ରମୋଦରେ ତାହାର ବ କ୍ଷତି ନାହିଁ, ସେଥିରେ ବ ବାଧା ଆସେ କେଜାଣି କେତେ—?

କେତେ ପରିବର୍ତ୍ତନ ହୋଇଗଲଣି । ଗୃହବଧି ଭିତରୁ ଜଣାଜଣି ଖସି ଗଲେଣି , ବିବାହ ଭିତର ଦେଇ ସଂସାର ଭିତରକୁ ଗୋଟିଏ ଲୋକୋ ସ୍ତ୍ରୀ ଆସି ଘର ସଜାଇଛନ୍ତି । ଯୋଡ଼ିଏ ଯୋଡ଼ିଏ ପିଲା—ପୁଅଟିଏ ଝିଅଟିଏ । ଝିଅ ବଡ଼ ଓ ପୁଅ ଛୋଟ । କେତେ ସମାନ ସବୁ ବୟସରେ ଯେପରି ।

ଦେଖା ହେଲେ, ସେହି ପରିବାରର ସମସ୍ୟା କଥା । ଆଉ ଦେଶର କଥା ନାଇ । ଭବିଷ୍ୟତର କଳ୍ପନା ନାହିଁ । ସୂର୍ଯ୍ୟ ମୁଣ୍ଡ ଉପରୁ ଗଡ଼ି ଆସିଲେଣି ପଶ୍ଚିମ ଦିଗକୁ । ସ୍ତ୍ରୀ ଗୁଡ଼ିକ ମଧ୍ୟ ବଦଳିବା ଆରମ୍ଭ କଲେଣି । କଳ୍ପନାର, ସୌନ୍ଦର୍ଯ୍ୟର ଆବରଣଟି ଭାଙ୍ଗି ଯାଇ ତାହା ଭିତରୁ ସଂସାରର କଠୋର ରୂପଟିଏ ତାହାର ନୂଆ ସୁନ୍ଦରତା ନେଇ ବାହାରି ଆସୁଛି ସ୍ତ୍ରୀମାନଙ୍କ ଠାରୁ ।

କେବେ ଏମିତି ବର୍ଷର କଦାପି ଉତ୍ସବ କରିବାକୁ ସ୍ତ୍ରୀଙ୍କର ଅନୁମତି ନେଇ ଆସିବାକୁ ପଡୁଥିଲା । ସେଇଟା ଥିଲା ପ୍ରେମର, ଦାମ୍ପତ୍ୟର ବାଧା । ଏଣିକି ଆସିଲବେଳେ ବାଧା ହୁଏ ନିଜ ନିଜର ତିଆରି ସଂସାର । ଘରର ହାଣ୍ଡିଶାଳ, ନହେଲେ ପିଲାଙ୍କର ଦେହମୁଣ୍ଡ ।

ତେବେ ବି ଏକାଠି ହୁଅନ୍ତି । ପରସ୍ପର ଭିତରେ ହେଉଥିବା ଛୋଟ ବଡ ଦ୍ୱନ୍ଦ୍ୱ ଓ ବିରୋଧକୁ ଏକାଠି କରି ଆଉଟନ୍ତି । ପୁଣି ଥରେ ପ୍ରତିଜ୍ଞା କରନ୍ତି, ଏଇଠି ଶେଷ ହେଉ ।

ସଂସାର କଣ୍ଟାଳ ଭରେ । ବଡୁଆ ବଢ଼ିଥିଲ ହୋଇ ବଞ୍ଚିବାକୁ ହେଲେ ଠେଲାପେଲା ହେବା ଦରକାର । କିଶୋର ଠିକାଏ ମାରଣା—ହିସାବରେ ଦେଖାଯାଏ ଯେ, ସେ ଠିକାଏ ବେଶି ଭୁସାଭୁସି କରୁଛି । କେଉଁଥର ବୈପିଂପୁତ ଦିଏ, ଆଉ କେବେ ଅବା ଲଜ୍ଜିତ ହୁଏ । କିନ୍ତୁ ଫେରିଗଲା ବେଳେ ସମସ୍ତଙ୍କର ମନ ହାଲୁକା । ପୁରୁଣା ବର୍ଷର ବିଦାୟ ଉତ୍ସବ ହୋଇ ପାରିଲା ।

ବୟସର, ଅବସ୍ଥାର, ଘଟଣାର ସ୍ରୋତ ଯେଉଁ ବାଧା ଆଣି ଠିଆ କରେଇଥିଲା, ଯେମିତି ତା'ଙ୍କୁ ସେହି ପୁରୁଣା ଦିନର ଚାରେଇଟି ବନ୍ଧୁ ଏକାଥରକେ ଭେଇଁ ପଡ଼ୁଛନ୍ତି । ପିଲାଦିନର ସେହି କଅଁଳ, ସ୍ୱଭାବଜ ବନ୍ଧୁତା ପୁଣି ଥରେ ସଭିଙ୍କୁ ଏକାଠି କରିଦେଇଛି । ବର୍ଷକର କଲୁଷ ଧୋଇ ପୋଛି ଦେଇଛି ।

ବର୍ଷଟିଏ ବଡ଼ ଖରାପ ଗଲା । ସେଥିର ଯୋଡ଼ାଏ ବନ୍ଧୁ ଦେଶାନ୍ତର ହେଲେଣି ପେଟ ପାଇଁ ଓ ପରିବାର ପାଇଁ । ଯେ କିଏ ରହିଥାନ୍ତି କଟକରେ । ଆଉ ଏକାଠି ଚାଲିବାର ସୁବିଧା ନାହିଁ । ଏଇ ଦୁହିଙ୍କର ଦୁଇପ୍ରକାର ବାହନ ହେଲାଣି । ଗୌରିଶଙ୍କର ପଛରେ ବସିବାର ଅବକାଶ ନାହିଁ । ପାଇଟି ବଳେଇଲାଣି । ଦେଖାଚାହାଁ କମିଛି । କାରଣ ପରସ୍ପର ପ୍ରତି ଅଭିଯୋଗର ସଂଖ୍ୟା ବଢ଼ିଛି । ଭୁଷାଭୁଷି ଅଧିକରୁ ଅଧିକ ହୋଇଛି ।

ବର୍ଷ ସର ଆସିଲ । ତାହେଲେ ଅଉ ସେହି ପରଚିତ ବନ୍ଧୁ ଉତ୍ସବ ଅଉ ଏକାଠି ପାଳି ହେବ ନାଇ । ଶ୍ରୀନାଥ ଓ ବାହାର ଆସିଥାନ୍ତି ଛୁଟିରେ । ପିଲାମାନେ ଗାଁରେ ରହିବେ । ସେମାନେ ଏକା ଏକା ବିଦେଶ କରିବେ । ପିଲାଙ୍କର ପଢ଼ାର ଯନ୍ନ ହୋଇ ପାରୁନାଇଁ ।

ଏକାଠି ହୋଇ ସ୍ୱାମୀ ସ୍ତ୍ରୀ ହୋଇଥିଲେ ଏକାଠି ରହିବେ ବୋଲି । ସେତକ ମଧ୍ୟ ସମ୍ଭବ ହେଲା ନାହିଁ । ପରସ୍ପରର ସୁଖ ଦୁଃଖରେ ବାନ୍ଧହୋଇ ଏକାଠି ହସିବେ ଓ କାନ୍ଦବେ ବୋଲି ମନେ ମନେ ଓ ଜଣାଶୁଣାରେ କେତେଥର କୁହାକୁହି ନ ହୋଇଥିଲେ ? ଦେହ ପରସ୍ପର ପାଖରେ ରହିଲା । କିନ୍ତୁ ମନଟା ଯେମିତ ଛିଟିକି ପଡ଼େ ବହୁତ ଦୂରକୁ । ପିଲାପିଲି ହୁଅନ୍ତି—ହେଲେ ଏକାଠି ତାଙ୍କୁ ପାଳି ଲାଳି ତାଙ୍କର ସୁଖଦୁଃଖରେ ନିଜକୁ ମିଶେଇ ଦେଲେ । ତଥାପି ଆପଣା ଭିତରେ କଳିଲାଗେ । ଘରେଇ ଖେଞା ଖେଞି ହୁଏ । ଠେଲାପେଲାରେ ଥରକୁ ଥର ଅଲଗା ହେଲେ—ପୁଣି ଏକାଠି ହେବାକୁ ପଡ଼ିଲା । କେତେ ଅଭିଯୋଗ—ଉଭୟେ ମନେକରନ୍ତି ଆରକ ଦୋଷୀ ।

ବାସ୍ତବତା ସ୍ୱପ୍ନକୁ ମାରି ଦେଇଚି । ଅହା, ଅଉ ତ ସେ କଅଁଳ ନାଇଁ । କେତେବର୍ଷ ତଳେ ଭାବୁଥିଲେ ଏକାଠି ହୋଇ ଦେଶକଥା । ନିଜକୁ ମାରି ଦେଶର ଉନ୍ନତି କରାଇବେ । ଏବେ ଏକାଠି ହେଲେ ତାଙ୍କର ଆଲୋଚନା ଯେ ଦେଶ ତାଙ୍କ କଥା ଭଲ ବୁଝୁ ନାହିଁ । ନିଜ ଗଢ଼ା ପରିବାରକୁ ନିଜର ପିଲାପିଲିଙ୍କୁ ନିଜର ରୁଚି ଅନୁସାରେ ସ୍ୱଚ୍ଛନ୍ଦରେ ଚଳାଇ ପାରୁନାହାନ୍ତି । ଏ ପ୍ରକାର ଦେଶ ରହିବା ନ ରହିବା ସମାନ ।

ନିଜର ସ୍ୱପ୍ନ ଓ କଳ୍ପନା ଭିତରେ ସିଝି ମରଯାଇଛି । ନିଜେ ବ ମଲେଣି—ଖାଲି ପିଲମାନଙ୍କ ଭିତରେ ଯାହା ପୁନର୍ଜନ୍ମ ପାଇଛନ୍ତି । ପୁରୁଣା ମୋହନ, କିଶୋର, ବିହାରି ଓ ଶ୍ରୀନାଥ ଭେଟା ଭେଟି ହେଲେ ଖାଲି ମନେ ପଡ଼େ ସିନା ବନ୍ଧୁ ଥିଲେ ବୋଲି । କିନ୍ତୁ ଆଜି ଅନୁଭୂତି ଭିତରେ ଧରାଦେବାକୁ ଯେପରି ସେହି ପୁରୁଣା ବନ୍ଧୁତା ନାହିଁ କରି ଦିଏ ।

ଗୋଟିଏ ପ୍ରକାରର ଓ ଗୋଟିଏ ଅଭିଯୋଗ । କେହି କାହାରିକୁ ବୁଝିଲେ ନାହିଁ । ସ୍ୱାମୀ ସ୍ତ୍ରୀ ଭିତରେ ହେଲି ନାହିଁ । ବାପ ପୁଅ ଭିତରେ ହୋଇ ପାରୁନାହିଁ । ତଥାପି ମନଭିତରେ କୋହ ଉଠେ ଯେ ବନ୍ଧୁ ବନ୍ଧୁ ଭିତରେ କାହିଁକି ବୁଝାବୁଝି ଭଲ ହେଲାନାହିଁ ।

ଯେତେହେଲେ ଗୃହଜଣ ଯୁବକଙ୍କ ଉପରେ ବୟସର ଭାର ମାଡ଼ିଯାଇ ଖାରି, ମାଟି, ଅଳିଆ କୁଢ଼େଇ ଦେଇ ଯାଇଛି ନିଜର ଧାରା ଅନୁସାରେ । ତାହାହେଲେ ଏକାଠି ନ ହେବା କାହିଁକି ?—ଟିକିଏ ଭଲ ଲାଗିବତ—

ଗୋଟିଏ ବର୍ଷର ଶେଷ ଦିନ। ଏକାଠି ନ ହେବାର କଥା । କାରଣ, ମନ ଫାଟିଫୁଟି ଯାଇଛି । ନିଜର ଲକ୍ଷ ଭାବନା ସତେ ଯେମିତି ନିଜ ନିଜ ଭିତରେ ବନ୍ଦୀ ହୋଇ ରହିଛି ଓ ନିଜର ଆଶା ଆକାଂକ୍ଷା ବାୟୁମଣ୍ଡଳ ପରି ନିଜକୁ ଘେରି ରହିଛି । ପରିବାର, ଭୂମିବୃତ୍ତି, ଓ ଭବିଷ୍ୟତ ଚିନ୍ତା ଗୃହଆଡ଼ୁ ମାଡ଼ିବସୁଚନ୍ତି । ତଥାପି ଅନେକ ଦିନ ପରେ ପୁଣି କଟକରେ ଏକାଠି ହେଇଚନ୍ତି ।

ଦେହ ବୁଢ଼ା ହେଇ ଯାଉଚି । ଦମ ମର ଆସିଲାଣି । ଭିତରେ ହୃଦୟ ଯେମିତି ଚାପି ହେଇ ଅମୁହାଁ ହେଉଚି । ମରିଯିବ ବୋଧହୁଏ ।

ବୈଠକ ହେଲା—ମୋହନର ସ୍ତ୍ରୀ' ଦେହ 'ଭଲ ନାହିଁ । ଡ଼ାକ୍ତର ଆସିବେ ଅଠଟାବେ । ବହାରର ବଜାର ସଉଦା ବହୁତ ଅଛି । ସାଢ଼େ ନ'ଟା ଆଗରୁ ଶେଷ ନକଲେ ବଜାର ପଡ଼ି ଯିବ । ତହିଁଆରଦିନ ରବିବାର—କଟକ ବଜାର ବନ୍ଦ । ଶ୍ରୀନାଥ ଓ କିଶୋରଙ୍କର କାମ ନାହିଁ ସତ, କିନ୍ତୁ ଆଜ ଏକାଠି ରୁଣ୍ଡେଇ ହୋଇ ପିଲାଙ୍କ ପରି ହେବାକୁ ଯେମିତି ନାରାଜ ।

ଏକାଠି ହେଲେ ବି ଆଜ ସେହି ପୁରୁଣା ସତେଜ ମନ ନାହିଁ । ଗପରେ ଆଉ ଉଗ୍ରତା ନାହିଁ । ପାଖ ରେଡ଼ିଓ ଖବର କହୁଛି—ଶ୍ରୀନାଥ କହିଲା 'ଓଃ, କିଏ କେତେ କ'ଣ ହୋଇ ଗଲେଣି । ଭାରତ ସ୍ୱାଧୀନ ନୁହେଁ ଯେ, ମୂର୍ଖ ଓ ଠକ ସ୍ୱାଧୀନତା ପାଇଚନ୍ତି ବଡ଼ ହେବାକୁ ।'

ଘଡ଼ିକୁ ଚାହିଁ ମୋହନ ବ୍ୟସ୍ତହୋଇ ଉଠିଲା । "ଚାଲତ ଫେରନ୍ତା। ଡ଼ାକ୍ତର ଆସିବେ ଘଡ଼ି ଦେଖି—ଆଠଟା ବାଜିବାକୁ ଆସି ହେଲା । ବୋଧହୁଏ ଆସିଯିବେ—ମୋହନ ଘରେ ରହିବା ଉଚିତ୍ ।

ଇସ୍—ସମୟର ଜ୍ଞାନ ବି ଏତେ ଉତ୍କଟ । ଆଗେ କେବେ ହାତର ଘଡ଼ି ମନର ଦରଦ ପାଖରେ ଜଣି ନଥିଲା । ଏହି ବଂଧୁମାନେ କେବେ ଘଡ଼ି, କାଲେଣ୍ଡର ଦେଖି ସମୟ କଟାଇ ନଥିଲେ ।

କହ୍ଲାର ବି ବ୍ୟସ୍ତ ହେଲ୍ଲ—ବଜାର କରିବାକୁ । ସ୍ତ୍ରୀ ଦେଇଚି ଗୋଟିଏ ଲମ୍ବା ତାଲିକା—

'ଗୃହ ଭର୍ତିବା'—ରେଡ଼ିଓରେ ଖବର କହିବା ପରେ ଗୋଟିଏ ଗୀତ ଚାଲିଚ୍ଛି । 'ଯୌବନ ମନ୍ଦର ସରିଆସେ ମୋର—ସରି-ଅସେ ଯୌବନ ମନ୍ଦର' । ସ୍ତ୍ରୀର କଣ୍ଠସ୍ୱର—ସତେ କି ନିଜର ଅନୁଭୂତି ସେ, ଅଜାଡ଼ି ଦେଇ ପଡ଼ୁଯାଇଚି ଗୀତ ଉପରେ । ବିଂଧୁ ଗୃହେଷ୍ଟିଙ୍କର ମଧ୍ୟ ସେଇଆ ହୋଇଚ୍ଛି ।

# ମୂକ

ସୂର୍ଯ୍ୟ ବୁଡ଼ିଯାଉଥିଲେ । ପଶ୍ଚିମରେ ତାଙ୍କର ଅରୁଣିମା ଲିଭି ନ ଥିଲା । ଶେଷ ଅସ୍ତ ବେଳର ହସପରି ତାଙ୍କର ପଛରେ ଲାଗି ରହିଥିଲା ଆକାଶରେ । ଧୂଳି ଓ କୁହୁଡ଼ିରେ ଆକାଶଟା ଫିକା ଦିଶୁଛି । କେଉଁଠି ବଡ଼ ହୁଙ୍କାଳିଆ ଗଛ ଦେଖାଯାଏ ଅନ୍ତରୀକ୍ଷପରି ଗୋଲାପି ସୂର୍ଯ୍ୟାସ୍ତ ଆଗରେ ଠିଆ ହୋଇଥିଲା ।

ବିନୋଦ ବାବୁ ଅଫିସରୁ ସେ ଦିନ ସଅଳ ଫେରିଆସିଛନ୍ତି । ତାଙ୍କର ଦେହଟା ଥକାପଡ଼ିଛି । ମୁହଁରେ ଆନନ୍ଦର ରେଖା ଦିଶି ଯାଉଛି । ମନ ଭିତରଟା ସେହି ପଶ୍ଚିମ ଆକାଶପରି ଧୂଳିଆ ଓ କୁହୁଡ଼ିଆ । ସାନଭାଇର ପାଟି ଶୁଭିଲା ଦୂରରୁ—ଭାଇ, ଭାଇ, ହେଇ ଦେଖ, ଗୋଟିଏ କୁକୁର ଛୁଆ ନେଇଆସିଛି ମୋର ଜଣେ ଚିହ୍ନାଲୋକଠୁଁ ।

ବିନୋଦବାବୁଙ୍କ ଚିନ୍ତାରେ ଉପରର ନୀଳ ଆକାଶ ପରି ଗୋଟିଏ ନେଳିଆ ଅନ୍ତରାୟ ଆସି ଠିଆହୋଇଗଲା । ଛୁଆ କୁକୁର ଗୋଟିଏ ଅତିଥି ହୋଇ ଆସିଲାଣି--ଖାଇପିଇ ସେ ବଢ଼ିବ ମାଡ଼ଗାଳି ଭିତରଦେଇ ।

ଗୁରୁଗୋଡିଆ ପଶୁଟିଏ ଆସି ପହଞ୍ଚିଲା । ଆଖି ଦୁଇଟି ଫିକା କଳା; ସେଥିରେ ପୁଣି କେତେ ପ୍ରଶ୍ନ, କେତେ କୌତୂହଳ । ଅଖାର ଝୁଲାମୁଣି ଭିତରେ ଦେଢ଼ମାଇଲ ସାଇକଲଟରେ ବସି ସେ ତାହାର ମା ପାଖରୁ ଗୋଟିଏ ଅଚହ୍ନା ଖାଉନ୍ଦ ଘରକୁ ଆସିଛି । ଆସିଲାବେଳେ ମା'ଠୁଁ ଶେଷଥର ଦୁଧ ଖାଇଥିଲା; ଭୋକ ଲାଗି ନାହିଁ । ମୁଣିଭିତରେ ଦେହକୁ ଜୁପୁମ କରି ଆସିଥିଲା । ସେଥିପାଇଁ ବୋଧହୁଏ ମା'କୁ ମନେରଖି ନାହିଁ ।

'ଆରେ—କାହିଁକି ଆଣିଲ ଏଟିକୁ ? ଆମଘରେ ଯତ୍ନ ହୋଇପାରୁ ନାହିଁ କୁକୁରଙ୍କର । ଯେଉଁଟି ଆସିଲା, ଅଯତ୍ନରେ ଶୀଘ୍ର ତାହାର ପରମାୟୁ ଶେଷକରି ଚାଲିଗଲା । କେଉଁ ସଉକଥିବାବାଲା ଘରେ ପଡ଼ିଥିଲେ ଖୁସିରେ ବର୍ଷକେତେ ରହନ୍ତା ।'

ସାନଭାଇ କହିଲା 'ନାଇଁ—ଏଇଟି ଭଲ । ପୂରା ବିଲାତି ନୁହେଁ । ପଖାଳ, ଡାଲି, ଶୁଖୁଆ, ମାଛକାଣ୍ଟା ସବୁ ଖାଇବ—ଠିକ୍ ବୁଲାକୁକୁରଙ୍କ ପରି । ସେମାନେ କଣ ମରନ୍ତି ? .. ଯା' ନାଁ କଣ ଦେବା—ଜେଲି, କେନ୍, କୁଟୀ, ଜୁନ୍ ? କଣ ଦେବା ?

ନାଁ କଣ ଦିଆହେବ ବୋଲି ଘରଯାକର ସମସ୍ତେ ଛୁଆଟିକୁ ଥରକୁ ଥର ଟାଣିଆଣି ତାହାର ମୁହଁକୁ ଗୋଡ଼କୁ ପରୀକ୍ଷା କରୁଥାନ୍ତି । ଖବରକାଗଜରେ ବାହାରିଛି ଜଣେ ମେମ୍‌ର ଛବି । ନାଁ ତାହାର

ଜୁନ୍ । ନୂଆ ଛୁଆଟି ନାଁ 'ଯୁନ୍' ରଖିଲେ ହେବ କି ନାହିଁ ବଗୁର ଗଳୁଥାଏ । ଆଉ ଛୁଆଟି ଜଣଙ୍କର କୋଳରୁ ଆଉ ଜଣଙ୍କର କୋଳକୁ ଗଳୁଥାଏ । ହାତ ପାପୁଲିରେ ବସା ହୋଇ ଦେଖା ହେଉଥାଏ । ଚୁଲ୍‌ବୁଲ୍ ନାହିଁ, ଅସ୍ତବ୍ୟସ୍ତ ନାହିଁ, କଥା ନାହିଁ, ହସ ନାହିଁ—ସେ ମୂକ ।

ମଣିଷ ମୂକ ହୋଇଥିଲେ କି ହୋଇଗଲେ ତାକୁ ଅଦରକାରୀ ବୋଲି ସମସ୍ତେ ଫୋପାଡ଼ି ଦିଅନ୍ତି । ଖାଲି ନିଜର ମା' ସେତିକ କରେ ନାହିଁ । ଏହି ମୂକ ପଶୁଟିକୁ ତାହାର ମା' ଯେମିତି ଆଦର କରୁଥିଲା ଆଉ ପାଞ୍ଚଜଣ ନୂଆ ମଣିଷ ବି ସେମିତି ଆଦର କରିବାକୁ ଖୋଜୁଥିଲେ । କାରଣ କୁକୁର ଦରକାରବେଳେ ଲାଗେ—ମୂକ ତାହାର ଦରକାରରେ ଲାଗିବ ନାହିଁ । ମୂକ ମଣିଷ ଠାରୁ ମୂକ ପଶୁର ବେଶି ପ୍ରୟୋଜନ ଏହି ସଂସାରରେ ।

'ଯୁନ୍'ର ଗୋଡ଼ହାତ ପରୀକ୍ଷା କରାହେଲା । ନଖ ଗୁଡ଼ାକ ଧଳା—ପହଁାଠା ଖଇରା ରଙ୍ଗ । ଦେହ ଫିକା କଳା—ମୁହଁଟା ଖଇରା—ନାକ ଅଗ କଳା । ମୁଣ୍ଡରେ ଟିକିଏ ଧଳା ଚିହ୍ନ । ମୋଟା ମୋଟି ଦେଖିବାକୁ ଗୋଟାଏ ଭାଲୁଅ ପରି । ହଉ, 'ଖୁବ୍ ଭଲ ହୋଇଛି' । ମଣିଷ ନିଜର ସ୍ତ୍ରୀ କି ଅପରର ସ୍ତ୍ରୀର ସୌନ୍ଦର୍ଯ୍ୟ ବାନ୍ଧି ଟିପ୍ପଣୀ କାଟିଲା ବେଳେ ଏଇ ତନି ପଦ 'ଖୁବ୍ ଭଲ ହୋଇଛି' କହିବାକୁ ସାହସ କରେ ନାହିଁ । କାରଣ ମଣିଷର ଶତ୍ରୁ ପଶୁ ନୁହେଁ—ସେହି ମଣିଷ ।

ଭଦ୍ରଘର ଘରେ ଝିଅ ବାପଘରୁ ଶାଶୁଘରକୁ ବୋହୂ ହୋଇ ଆସିଲା ବେଳେ ଯେମିତି କେଇଦିନ ପାଇଁ ଗୋଟାଏ ଧୂମ୍‌ଧାମ୍ ପଡ଼େ, ଯୁନ୍ ପାଇଁ ଠିକ୍ ସେମିତି । ସମସ୍ତେ ଦେଖିବେ, ଧରିବେ,

ଖେଳାଇବେ । ଓଡ଼ିଆରେ କଥା କହିବେ, ସର୍କସ ଶିଖାଇବେ । ଏହା ବାଦ୍ ଲୋକ ଶୋଷର ଉତ୍ପାତ ରହୁଛି ।

'ଯୁନ୍' ତାହାର ମା'କୁ ଉନ୍ମାଦନରେ ଭୁଲିଗଲା । ଘରର ଲୋକଙ୍କ ଗୋଡ଼େ ଗୋଡ଼େ ବୁଲୁଥାଏ । ଲୁଗା ଫେରକୁ ତାହାର ମୁନିଆ ଦାନ୍ତରେ ଟାଣେ—ମା'ର ଲାଙ୍ଗୁଡ଼ଟାକୁ ଦନ୍ତକୁ ଉନ୍ମ ଗୃହଘଣ୍ଟା ସେ ଧରି ଭିଡ଼ୁଥିଲା । ଏଠି ସେତିକ ନ ପାଇ ଲୋକଙ୍କର ଲୁଗା, କୁଅ ଦଉଡ଼ି ଆଦି ବସି କାମୁଡ଼ୁଥାଏ ।

ନୂଆବୋହୂ ଆଦର ପରି ପାଇଲା ପରେ 'ଯୁନ୍' ଭାରି ଟେଗଲେଇ ହୋଇଥାଏ । ସମସ୍ତେ ତାହା କଥା ପଚାରନ୍ତି । ତା'କୁ କହ୍ଲାକର ଆଉଁସନ୍ତି । କୋଳର ଉଷୁମ ବଦଳରେ ଅଖାଦିଆ ଡାକ୍ସ ଯୁନ୍‌କୁ ବାରଅଣା ଚଉଦ ଅଣା ଠକାଏ ।

ଯୁନ୍ ତାହାର ନୂଆଘରକୁ ଚାଲିଗଲା । ସେଠି କେତେ ଖଣ୍ଡ ଘର ଅଛି, କେତେ ମଣିଷ ଅଛନ୍ତି, ସବୁର ତାଲିକା ସେମିତି ମନେ ରଖିଗଲା ।

ବଡ଼ ସୁନ୍ଦର ଦେଶ । ସହରର ଏ ପାଖ ସେ ପାଖ ଥିବା ଦୋମହଲା, ତିନି ମହଲା ଘରପାଖରେ 'ଯୁନ୍' ଖାଉନ୍ଦର ଏକମହଲା ଘର । ସେହି ଘରର ଉଇଠା ପାଖରେ ମଣିଷଗୁଡ଼ାକ ବି କେମିତି ଗୋଟିଏ ସାମଞ୍ଜସ୍ୟ ରଖି ଚଳପ୍ରଚଳ ହୁଅନ୍ତି । ସେହି ମଣିଷଙ୍କ ପାଖରେ 'ଯୁନ୍' ବୁଲୁଥାଏ । ଲୋକଙ୍କର ପିନ୍ଧା କୋଉଠାରୁ ଟିକିଏ ଢିଲ । ବେଶ୍ ମାନେ—ଠିକ୍ ଉପରୁ ତଳକୁ ସେମିତି ସବୁକଥା ଗଢ଼ିଅଛେ ସଂସାରରେ ।

ଘର ଭିତରୁ କେହି ବାହାରିଲେ ଯୁନ୍ ପଛେ ପଛେ ଗ୍ଲଲେ । ପାଟି ହୁଏ, 'ହେଇ, ଯୁନ୍‌କୁ ରଖ ।' ଏବେ ବଡ଼ କଣ୍ଠେ ହୋଇ ଖାଲି ଗୋଡ଼ ପାଖେ ନସରପସର ହେଉଛି । କ୍ରୁଦ୍ଧ ହୋଇଯିବ । ତାହାରି ପାଟି ନାହିଁ ଯେ ସେ କହିଦେବ ସେ କେଉଁଠି ବସି ତାହାର ଗୋଡ଼କୁ କାମୁଡ଼ୁଛି କି ଠିଆ ହୋଇଛି ।'

ଯୁନ୍‌କୁ ଡକା ପଡ଼େ । ସେ ତାହାର ନାଁ ଜାଣିଲଣି । କିଏ ଡାକୁଛି ବୁଝି ଗ୍ଲଲିଆସେ । କାନମୋଡ଼ା ଖାଏ—ଏମିତି ଅସାବଧାନ ହେଉଥିବାରୁ । ସେ କେତେବେଳେ ଲାଙ୍ଗୁଡ଼ ଜାକି, କେତେବେଳେ ଲାଙ୍ଗୁଡ଼ ହଲେଇ, କେତେବେଳେ କପାଳର ଚମକୁ କୁଞ୍ଚାଇ ଯେମିତି ବୁଝିବାକୁ ଚେଷ୍ଟା କରେ । ସେଇଆ ତାହାର ପ୍ରଶ୍ନ ଓ ଉତ୍ତର ।

ଅଫିସରେ ବିନୋଦ ବାବୁଙ୍କର ବର୍ଣ୍ଣିକିଆ ହାକିମଙ୍କ ମନ୍ତବ୍ୟ ଯେମିତି ପାଟି ନ କରି, ମାଡ଼ଗୋଳ ନ କରି ଧୀରେ ଶିଖେଇ ଦେଇଯାଏ—ବାଟ କେଉଁଆଡ଼େ, ଆଉ ସେ ବାଟରେ କ'ଣ ବିପଦ ଆପଦ ରହିଛି । ବିନୋଦ ବାବୁ ସେଥିରୁ ବାରଖଣ୍ଡ ସମ୍ପାଦିଲେଣି ଯତ୍ନ କରି—ସେଥିରେ ବଡ଼ ହାକିମ କହିଛନ୍ତି ବିନୋଦ ବାବୁ କାମିକା, ବିନୋଦବାବୁ ହୁଣ୍ଡା, ବିନୋଦ ବାବୁ ପଛବୁଦ୍ଧିଆ, ଆଉ ବିନୋଦ ବାବୁ ଶାନ୍ତିପ୍ରିୟ ।

ଯେମିତି ଯୁନ୍ ଘରର ବଭିନ୍ନ ହାକିମଙ୍କ ସାର୍ଟିଫିକେଟ ନେଇ ନିଜର ଯୋଗ୍ୟତା ବିଷୟରେ ବୋଧହୁଏ ସାବଧାନ ହୁଏ । କାରଣ ଏହାପରି ଶାସ୍ତି ଆଦି ପାଇସାରିଲା ପରେ ସେ ଯାଇ ଗୋଟାଏ କଣରେ ଶୁଏ ।

ସେଇ ଘରେ ରହି ଯୁନ୍ ଟିକିଏ ପାରିଗଲା । ଏକା ଏକା ଗାଈପାଖକୁ ଭରସି ପାରେ । କୁକୁଡ଼ାମାନେ ତା'କୁ ଡରନ୍ତି । ଝିଅଙ୍କା ଲୋକର ପାଞ୍ଚ ହାତ ଦୂର ଯାଏ ଅଁସପାରେ । ଅଜ ଘର ଲୋକ ଖାଇଲା ବେଳେ ଥାଳିଠାରୁ ହାତେ ଦୂରରେ ମାପିଲା ପରି ହୋଇ ବସିପାରେ ।

ଟଙ୍କଇଦନ ଅଗେ ସୂର୍ଯ୍ୟ ବୁଡ଼ିଲାବେଳେ ସେ ତାହାର ମା' ପାଖରୁ ମେଲଣି ହୋଇ ଅସିଥିଲା । ସେ କଥା ଭୁଲି ଯାଇଛି । ମଣିଷ ନହେ ଯେ ପଶୁ ବୋଲି ତାହାର ଭୁଲିବା ସମ୍ଭବ ।

ବିନୋଦ ବାବୁ ଅଫିସରୁ ଫେରନ୍ତି ସେହି ସୂର୍ଯ୍ୟାସ୍ତ ପରେ । ଯୁନ୍ ତାଙ୍କୁ ଅପେକ୍ଷା କରି ରହୁଥାଏ—ସେ ଖାଇଲାବେଳେ ତା'କୁ ଟିକିଏ କ'ଣ ମିଳିବ ବୋଲି ! ଘରର ମଣିଷ ପରି ସେ କେତେ କଥା ଖାଇଲାଣି । ପଖାଳ, ପିଠା, ଖେଚୁଡ଼ି, ହବିଷ ଅରୁଆ, କେକ୍, ଲେମ୍ବୁ ଆଦି ସବୁ ପ୍ରକାରର ପଦାର୍ଥ । ଖାଲି ନଡ଼ିଆ, ପଣସ, ସପୁରୀ, କଇଥ ଆଦି କେଇଟି ଜିନିଷ ମୁଖ ପାଏ ନାହିଁ ବୋଲି ବିନୋଦ ବାବୁଙ୍କର ଦୁଃଖ ।

ସ୍ତ୍ରୀଙ୍କ ଉପରେ ରାଗ ଯେ ସେ ଚିଙ୍ଗୁଡ଼ି ମାଛ, ଅଣ୍ଡା, ଛେଳି ମାଂସ ଖାଆନ୍ତି ନାହିଁ । ସେଥିପାଇଁ ତାଙ୍କର ଯେତେବେଳେ ଦେହ କିଛି ଖରାପ ହୁଏ ବିନୋଦ ବାବୁ ଚେତେଇ ଦେବାକୁ ଭୁଲନ୍ତି ନାହିଁ ।

ଏବେ ଯୁନକୁ ଦେଖାଇ ଭଲ ଗୁଣ ଦିଅନ୍ତି 'ତମେ ଯେମିତି କଇଟି ଜିନିଷ ବାଛି କରି ଖାଉଛ—ଏବେ ଆମ ଯୁନ୍ ସେହି

ସେତକ ତମଠା'ରୁ ଶିଖିଲଣି ।'…ଯୁନ୍ ଘାସ ଖାଉଛି ଗାଈଙ୍କ ପରି; କିନ୍ତୁ ମଣିଷ ପରି ନଡ଼ିଆ ସପୁରି ଖାଇବାକୁ ରାଜି ହେଉ ନାହିଁ ।… ଏ ଘରେ କେହି ଆମକୁ ମୁରବି ଭଳି ରଖିବେ ନାହିଁ ଏଥର ।

ଯୁନ୍ କଥା କହେ ନାହିଁ । ଶୁଙ୍ଘିଦେଇ ଚାଲିଯାଏ । ସ୍ତ୍ରୀ କିନ୍ତୁ ତାଙ୍କର କଡ଼ା ଉତ୍ତର ଶୁଣେଇ ଦିଅନ୍ତି । ବିନୋଦ ବାବୁ କହନ୍ତି 'ଅହେ, ଗୋଟିଏ କଥା କହୁଛି—ଖରାପ ଭାବିବ ନାହିଁ । ଏଇ କୁକୁର ମୋ' ଇଚ୍ଛା ଅନୁସାରେ ଖାଇଲା ନାହିଁ, ମୁଁ ପଦେ କହି ତୁନି ପଡ଼ିଲି । କଥା ସେଇଠି ସରିଲା !…ଆଉ ତମ କଥା ଉପରେ କଥା କହିବାକୁ କ'ଣ ଲାଭ ହେଉଛି ଜାଣ ? ପଡ଼ିଶା ଅଡ଼ିଶାରେ ଲୋକେ କହିବେ ସେଠି ଦି'ଜଣଙ୍କର ପଡ଼େ ନାହିଁ । ଜଣକ ମୁହଁ ପୂର୍ବକୁ ତ ଆଉ ଜଣକ ମୁହଁ ପଶ୍ଚିମକୁ ।…

ସ୍ତ୍ରୀ ଗୋଇଠାଏ ଦେଇ ଦିଅନ୍ତି ଯୁନ୍‌କୁ । ଯୁନ୍ ଚମକି ପଡ଼େ । ଥରେ 'କେଁ' ତାହାର ପାଟିରୁ ବାହାରି ଯାଏ । ଟିକିଏ ଘୁଞ୍ଚିଯାଏ ଅନ୍ୟ ପାଖକୁ ବିନୋଦ ବାବୁଙ୍କର ।

ବିନୋଦ ବାବୁ ଜଳଖିଆ ଖଣ୍ଡେ ଯୁନ୍ ଆଡ଼କୁ ଫୋପାଡ଼ି ଦେଇ ଗୁଣୁ ଗୁଣୁ ହୋଇ କହନ୍ତି 'ବୁଝିଲୁ ଯୁନ୍—ସଂସାରରେ ଯେ ମୂକ ହୋଇ ରହେ ଓ ସହେ ସେ ସମସ୍ତଙ୍କଠାରୁ ଏମିତି ଗୋଇଠା ଖାଏ । ମୁଁ ଅଫିସରେ ବହୁତ ଖାଇଲିଣି ଓ ଖାଉଛି । ମୋ'ଠାରୁ ଊଣା ଶିକ୍ଷିତ ଲୋକେ ଉପରେ ଥିଲେ ଯେ ଗୋଇଠା ହିଁ ଗାସ ଧକ୍କା ଦେଇ ଦେଇ ମୋତେ ଶିଖାଇଲେ କୁଥଡ଼େ—କେତୋଟି ପେନ-ସନ ନେଲେଣି ଓ କେଇଟି ବଦଳି ହୋଇଗଲେଣି । ନ୍ୟାୟରେ କି ଅନ୍ୟାୟରେ କହନ୍ତୁ, ମୁଁ ସ୍ବଭାବ ପରି କେବେହେଲେ ପ୍ରତିବାଦ

ଭଲ ନାହିଁ । ମଳକୁ ବାନ୍ଧିଲେ ସାଙ୍ଗଙ୍କ ପାଖରେ ନଇଲେ ଘରେ ଅସି 'କେଁ' 'କେଁ' ହୋଉଛନ୍ତି ।

ଆଦର ପାଇ ଯୁନ୍ ବିନୋଦ ବାବୁଙ୍କର ଗୋଡ଼କୁ ଗୁଣ୍ଠୁଥାଏ ।

ସାନ ଭାଇ ଆସି ପହଞ୍ଚିଲା । ନୂଆ ଗୁଣକର ଲବରୁଛି ଯେ ତାହାର ଅନେକ ବିଷୟରେ ମନ ଚଳୁଛି । ସେ ଆସି ତାହାର ଘରର ଗୋଟିଏ ଅଧ୍ୟାୟ ଠିଆ ଠିଆ କହିଗଲା ।

ସାନଭାଇର ଜଳଖିଆ ଆସିଲା । ବିନୋଦବାବୁ ଖାଇ ସାରି ବସିଥାନ୍ତି । ଅଇଁଠା ବାସନ ରହିଥାଏ ବୋଲି ଯୁନ୍ ସେ ସ୍ଥାନ ଛାଡ଼ି ନଥାଏ ।

ଅଧା ଖାଇସାରିଲା ବେଳକୁ ଭାଇର ରାଗ କମିଆସିଥିଲା । ବିନୋଦବାବୁ ଯୁନକୁ ଆଉଁସି ଭାଇ ଆଡ଼କୁ ଚାହିଁଲେ । ଭାଇ କହିଲେ 'ଯୁନ୍ଟା ବେଶ୍ ଭଲ କୁକୁରଟାଏ ହବ—ମୁଁ କହୁ ନ ଥିଲି ?'

ବିନୋଦବାବୁ କହିଲେ, 'ହଁ, ଭଲ କୁକୁର ହେବ । ମା ପାଖରୁ ଗୋଡ଼ ଗୁଣ୍ଠିବା ଶିଖିଆସିଛି ବେଶ୍ । ତାହାର କିଛି ଅସୁବିଧା ରହିବ ନାହିଁ...ସେଇକଥା ମୁଁ ଏବେ ଶିଖିଲି ମୋର ବାଳ ପାଚିଲା ବେଳକୁ । କର ହେଇ ହେଉନାହିଁ ।'

'ରାଗିଗଲେ ମଣିଷ ଭାସିଯିବ ସଂସାରର ନିଷ୍ଠୁର ଗହଳିରେ । ସଂସାରରେ ଭଲରେ ଚଳିବାକୁ ହେଲେ ମଣିଷ ଗାଳି ଖାଇଲେ ବି ଦାନ୍ତ ଦେଖାଇ ହସି ଜାଣିଥିବ ଆଉ ଖୋଜୁଥିବ ଲୋକଙ୍କର

ଗୋଡ଼କୁ । ପାଇଲେ ଅଜଁସି ଦବ ବୋଲି । ଯୁନ୍‌କୁ ଯେତେ ଗାଲି-ମାଡ ଦେଲେ ବି ପୁଣି ପାଖକୁ ଆସି ପାଦକୁ ଚାଟି ଦେଉଛି । ସେ କ'ଣ ସରଗରେପ ଅଭିମାନ କରି ପାରନ୍ତା ନାହିଁ ? ସେ ସବୁ ଥିଲେ ସେ କ'ଣ ବଞ୍ଚିଥାନ୍ତା ?

'କୁକୁରର ବୁଦ୍ଧି ଅଛି । ବୁଝିବା ଶକ୍ତି ଅଛି । ଘରର ମୁରବୀ କିଏ ଜାଣିପାରେ । କାହାର ଗୋଡ଼କୁ ବେଶି ଚାଟିବା ଦରକାର ଠିକ୍ ଜାଣିଛି । ଆଦର ପାଇଲେ ପଛେ ପଛେ ଧାଏଁ । ଏତିକି ଜାଣିଛି ବୋଲି ପାଠ ନ ପଢ଼ି, କଥା ନ କହି ଯୁଗଯୁଗ ଧରି ବଞ୍ଚି-ଯାଇଛି ।'

ସାନଭାଇର ସବଳ ପ୍ରତିବାଦ—'କୁକୁର ହୋଇ ବଞ୍ଚିବାକୁ ହେଲେ ଏହି ଜୀବନର ପ୍ରୟୋଜନ ନାହିଁ ।—ସଂସାରଟା ବହୁତ ବଡ଼ । ଯେ କୁକୁରପରି ହୋଇ ଜୀଇଁ ରହିବ ସେପ୍ରକାର ଲୋକଙ୍କ ପାଇଁ ସ୍ଥାନ ଅଛି ।' ସ୍ୱରରେ ତାହାର ବିରୋଧ ।·'ଯୁନ୍'କୁ ମଣିଷର ଆଦର୍ଶ କରି ରଖା ହୋଇଛି ବଡ଼ ଭାଇ କଥାରେ ।

ବିନୋଦବାବୁ ଧୀର ଓ ଦୃଢ଼ ସ୍ୱରରେ କହିଲେ 'ଭୁଲ—ଭୁଲ । ମଣିଷ ଆଗ ବଞ୍ଚିସାରିଲେ ତା'ପରେ ମଣିଷହୋଇ ବଞ୍ଚେ । ଖାଲି ବଞ୍ଚି ରହିବାପାଇଁ, ବଞ୍ଚୁଥିବା ହୋଇ ରହିବାପାଇଁ ମଣିଷର ଆଦର୍ଶ ହେଉଛି ଏହି କୁକୁର—ଯୁନ୍ । ବଞ୍ଚିସାରିଲେ ତା' ପରେ ଆଦର୍ଶ ଖୋଜିବା ଦରକାର ପଡ଼ିବ ।'

ବାପ ପୁଅ, ଭାଇ ଭାଇ, କର୍ମୀ ନେତା, ଗୁରୁ ଚେଲା, ଖାଉନ୍ଦ ଚାକର—ସବୁଠାରେ ଏହି ଗୋଟିକ ବାଟ । ଯେ ସେ ବାଟ ଶିଖେ ଶୀଘ୍ର ଉନ୍ନତି କରିଯାଏ । ସେହି ବାଟ ହେଉଛି ଉପରବାଲାଙ୍କର,

ବଡ଼ଙ୍କର ପାଦ ଗୋଇଠି ଗୁଣ୍ଠିବାର ବାଟ । ସେତକ କରିପାରିଲେ ଫଳ ଅପଣା ଛୁଏଁ ଅସି ହାତରେ ରହେ ।

ଯୁନ୍ ନାଁ ଶୁଣି ଥରକୁ ଥର କୁକୁରଟି ମୁହଁ ଟେକେ, କାନ ଠିଆ କରେ ପୁଣି ତଳକୁ କରେ । ମଣିଷ ଦୁଇଟିଙ୍କର କଥା ବୁଝିବାକୁ ଚେଷ୍ଟା କରେ । କ୍ଷଣେ ଭାବ ଉଠିଗଲା—କୂଅମୂଳକୁ ପାଣି ପିଇବାପାଇଁ ।

ଯୁନ୍‌ର ଦେହ ଗୋଟାଏ କୁକୁରର ସାଇଜକୁ ଅସିଗଲାଣି । ଲୋମଗୁଡ଼ାକ ଟିକେ ଘନ ଓ ଚିକ୍‌କଣ ଦିଶେ । ମୁହଁଟା ବ ଦେହକୁ ମନାଏ । ମଣିଷ ସାବାଳକ ହେଲେ ତାହାର ଦେହ ଓ ମୁହଁରେ ତେଜ ଫୁଟି ଉଠିଲା ପରି ଯୁନ୍ ବ ନୂଆପ୍ରକାର ଦିଶେ । ତାହାର ଭୁକିବା ଗହ୍ଵରଆ ହୋଇଛି—ବୁଦ୍ଧି ମଧ୍ୟ ଟିକିଏ ସରୁ ହୋଇଛି ।

ଘରର ଅଉ ପାଞ୍ଚ ଜଣଙ୍କ ପରି ରହିବା, କରିବାର ପଦ୍ଧତି ଯୁନ୍ ବ ଶିଖିଯାଇଛି । ତାହାର କାମ ସେ କରେ । ଆଳସ୍ୟ କି କ୍ଳାନ୍ତି ନାହିଁ । ନିଜ ଇଚ୍ଛାରେ ଗୋଟିଏ କାମ କରେ ସେ ଖାଉନ୍ଦଙ୍କ ହତା ଭିତରୁ କୁଲିକୁକୁରଙ୍କୁ ତଡ଼ି ବାହାର କରିବା ।

ଘରର ଝରକା ଭିତରୁ ନଇଲେ କୋଠାର ମେଲାଛାତ ଉପରୁ ରାସ୍ତାରେ କି ହତାରେ କୁକୁରଟିଏ ଦେଖିଲେ ଯୁନ୍ କୁଦାକୁଏ ରାଗରେ । ସତେ କି ତାକୁ ପାଇଲେ ମାରି ଖାଇଯିବ । ମାଲିକଙ୍କୁ ଦେଖାଏ ଯେ ଘରଛଡ଼ା ଅଉ ସବୁ ବାହାରର ଲୋକଙ୍କୁ ଓ ଜାତଭାଇଙ୍କୁ ମଧ୍ୟ ଘୃଣା କରୁଛି । ସେଥିପାଇଁ ଅଉଁସା ଓ ପ୍ରଶଂସା ବ ପାଏ ।

ବିନୋଦବାବୁ କହନ୍ତି, ମଣିଷ ଚୌକିଦାରୀ ନ କରି କୁକୁରମାନେ ଚୌକିଦାରୀ କରୁଥିଲେ ଏତେ ଗୋଳମାଳ ହୁଅନ୍ତା ନାହିଁ । ଶେଠଘରୁ ଆସିଥିବା ଲୋକେ ଭଲ ଚୌକିଦାରୀ କରି ଜାଣିଛନ୍ତି—ଉପରକୁ ଉଠି ଯାଉଛନ୍ତି । ଟିକିଏ ଚଳିବା ଘରୁ ଆସିବା ଲୋକଗୁଡ଼ାକ ଖାଲି ଅଫିସଯାକ ସମସ୍ୟାରେ ଭରପୁର କରି ଦେଲେଣି ।

ପଶୁଜାତିର ସୌନ୍ଦର୍ଯ୍ୟ ନେଇ ଯୁନ୍ ବି ସୁନ୍ଦର ଦିଶୁଛି । ପିଲାଙ୍କୁ କୋଳକଚ୍ଛର ପାଟଲା କୋଳି ଲୋଭାଇଲା ପରି ରାସ୍ତାରେ ବୁଲାକୁକୁର ଗୋଟିଏ ଅଧେ ଠିଆହୋଇ ଚାହିଁ ରହନ୍ତି । ତାଙ୍କର ନାକପୁଡ଼ା ଫୁଲିଉଠେ । ଯୁନ୍ ଚିତ୍କାର କରେ ରାଗରେ । ସେହି ପ୍ରତିବାଦ ନ ଶୁଣି କେହି ପାଖେଇ ଆସିଲେ 'ଯୁନ୍‌ର' ସ୍ୱରରେ ଦାୟୀ ଉତ୍ତାଳ ଆସେ । ପାଠିକରେ ଟିକିଏ ଯାଇ ବୁଲି ଆସିବା ପାଇଁ ।

ଘରର ଲୋକଙ୍କର କଡ଼ା ଶାସନ— ଯୁନ୍‌କୁ ବାହାରକୁ ଛାଡ଼ିବ ନାହିଁ ଏହି ଦ'ମାସ । ବୁଲାକୁକୁର ଗୁଡ଼ାକ ଶିଖେଇ ଖରାପ କରିଦେବେ ।

ଯୁଗ ଯୁଗ ଧରି ଏମିତି ପ୍ରବୃତ୍ତିକୁ ବନ୍ଧବାଡ଼ଦେଇ ରୋକି ମଣିଷ ସେଥିରୁ ହୀରାକୁଦ ତିଆରି କରି ବିଜୁଳି କାଢ଼ିଛି । ଶିକ୍ଷକ ଶିକ୍ଷା ମଣ୍ଡପରେ, ପୁଲିସବାଲା ରାସ୍ତାରେ, ସମାଜପତି ଘରେ ଘରେ ଏମିତି ମଣିଷର ଉଚ୍ଛୃଙ୍ଖଳତାକୁ ରୋଧି ଦେଇଛନ୍ତି । ମଣିଷ ବି ବାନ୍ଧିଛି ପଶୁଙ୍କୁ ।

ମଣିଷଙ୍କ ପରି 'ଯୁନ୍'ର ଥରେ ଥରେ ସବୁ ଭୁଲିଯାଏ । ନିଜର ଖାଉନ୍ଦଘର, ଶାସନ, ଶୃଙ୍ଖଳ ସବୁ ଭୁଲିଯାଏ ।

ଅସିଲେ ମାଡ଼ଖାଏ । ଶିକୁଳି ଖଣ୍ଟାହୋଇ ପଡ଼ି ରହେ । ତେବେ ବି ବେଳେ ବେଳେ କରୁଣ ଚିତ୍କାର ଶୁଣାଏ । ଦୂରରୁ ଦୂରର କୁକୁର ଜବାବ ଦିଅନ୍ତି । ମଣିଷର ସମସ୍ୟା ପରି ତାହାର ସମସ୍ୟା—ତଥାପି ସେ କାହାର ଦୃଷ୍ଟି ଆକର୍ଷଣ କରେ ନାହିଁ ।

'ଯୁନ୍' ଶୋଇ ରହୁଛି ଖରାରେ ବହୁତବେଳ ଯାଏ । କ୍ଳାନ୍ତ ଦିଶେ । ଯୁନ୍ ଛୁଆ କରିବ । ବହୁତ ଖାଉଛି ଘସିପାର୍ଜିଙ୍ଗ, ଗୋବର, ମାଛକାତିଆଦି ଅନେକ ପ୍ରକାର ପଦାର୍ଥ ।

ଯୁନ୍‌କୁ ଜଗିଥାଅ ସମସ୍ତେ—ସେ ଯେମିତି ଘର ଭିତରେ ଛୁଆ ନ କରେ । ଆଜି ଯୁନ୍‌ର ଆଶ୍ରୟ ଥାଏ ପକ୍କା ଘରଟିର ଶୋଇବା କୋଠରୀର ଖଟ ତଳକୁ । କେତେ ରାତି ଉଜାଗର ରହି ସେହି ଘରକୁ ସେ ଚୋରର ଉପଦ୍ରବରୁ ରକ୍ଷା କରିଛି । ତିନିବର୍ଷର ବାଲୁଙ୍ଗା ଆରାମରେ ଖାଇ ଶୋଇଛି । ଘରର ଲୋକେ ନିଦୋଡ଼ି ଶୋଇଛନ୍ତି । ଅଣ୍ଡା ବର୍ଷାରେ ପଦାରେ ପଡ଼ି ରହି ସାରା ରାତି ଜଗିଛି ଯୁନ୍ ।

ଶହ ଶହ ବର୍ଷ ଧରି କୁକୁର ଛୁଆ କରୁଛି ବର୍ଷକୁ ଦୁଇଥର । ତାହା ପାଖରେ ଛୁଆ ରହୁ ନାହିଁ । ଶିଆଳ, ବାଘ, ମଣିଷ ଆଦି ଥରକୁ ଥର ଚୋରାଇ ନେଇଛନ୍ତି । କିଏ ନେଇ ପାଳୁଛି କାମରେ ଲାଗିବ ବୋଲି ଶସ୍ତାରେ । ଆଉ କିଏ ନେଇ ତାକୁ ଭୋଜନ କରୁଛି । ଯୁନ୍‌ର ଇଚ୍ଛା ସେ ଘର ଭିତରେ ଛୁଆ କରିବ ।

ଟେବୁଲ ପାଖରେ ବସିଥିଲାବେଳେ ଯୁନ୍ ଆସି ଠିଆ ହୁଏ ବିନୋଦ ବାବୁଙ୍କ ଜଙ୍ଘ ଉପରେ ମୁହଁଟି ରଖି । ଦେହରେ ଶିହରଣ ଖେଳିଯାଏ । ବିଚରା ଯୁନ୍ ଆସି ଭିକ ମାଗୁଛି ଘରେ ରହିବ ବୋଲି କେଇଦିନ ।

କୁଅ, ବରାଡ଼, ଗାଈ, ମାଙ୍କଡ, ଶଜ୍‌ ସମସ୍ତଙ୍କୁ ହୁରୁଡ଼େଇଛି ଏତେଦିନ । ନିଜର ଶୋଇବା, ଖାଇବା, କଥା ନ ଭାବି ବିନୋଦ ବାବୁଙ୍କ କଥା ଭାବିଛି । ତାଙ୍କ ଯୋତାରୁ ଧୂଳି ସବୁ ଗୃଟି ସଫା କରିଛି ।

ବିନୋଦ ବାବୁ ସ୍ତ୍ରୀଙ୍କୁ ଡାକି କହନ୍ତି, 'ହେଇ ଦେଖ, ଯୁନ୍ ଘର ଭିତରେ ବହୁତ ବୁଲିଲାଣି । ଜଗିଥିବଟି—ନହେଲେ ସେ କୁଅ କର ପୂସ୍ ଘରଟାକୁ ମାଡି ବସିବ—ତାହାକୁ ଛାଡ଼ିବ ନାହିଁ ।'

'ଅଜାତିଆ କୁଅଗୁଡାକ ହେବେ—ଦୋରେ ଯେଉଁଠି ସେଗୁଡ଼ାକ ହୋଇ ଚଞ୍ଚଳ ମରି ହଜିଗଲେ ଛୁଟି । ସେ କେଇଦିନ ଯୁନ ଘରକୁ କ'ଣ ଜଗିବ ? ଖାଲି ଗୁଡ଼ାଏ ଲେଖାଁ ଖାଇବ ଯାହା— ।'

ଝଞ୍ଜଣୀର ଧମକରେ ଯୁନ୍ ବାହାରିଯାଏ ପଦାକୁ । ଗୃକରର ସ୍ଥାନ ସବୁଦିନେ ଏମିତି ପଦାରେ । ଯେଉଁ ମିସ୍ତ୍ରୀ ଘର ତିଆରି କରେ, ଯେଉଁ ବଢ଼େଇ ସାଜ ସରଞ୍ଜାମ ବନାଏ, ଯେଉଁ ଗୁଣିଆ ମିଠେଇ ଛାଣେ, ସେମାନେ ସେତକ ଭୋଗ କରନ୍ତି ନାହିଁ । କର୍ମୀ ଦେଶକୁ ଗଢ଼ିଦିଏ,—ନେତା ହୁଏ ସେଠା ରାଜା । ଗୃକର ଯାହା କରୁ ନା ତାହାଙ୍କ ଘରର ସେ କେହି ନୁହେଁ—ସେ ଘରର ଗୃକର, ଦେଶର ଗୃକର, ନେତାଙ୍କ ଗୃକର, ବଡ ଅଫିସରଙ୍କର ଗୃକର ଓ ବଡ ଧନୀଙ୍କର ଗୃକର । ତାହାର ସ୍ଥାନ ଯେଉଁଠି ଥିଲା ସେଇଠି ରହେ ।

ଅଜି ଲୋକେ ଗୃକରକୁ ଭଲ ପାଆନ୍ତି—ବିନୋଦ ବାବୁଙ୍କ ଘରେ ସମସ୍ତେ ଯୁନ୍‌କୁ ଆଦର କଲ୍ପର ।

# ଇଞ୍ଜାଳ

ରାସ୍ତାରେ ଗଲା ଆଇଲା ବେଳେ ନୂଆ କଥା ଆଖି ଆଗକୁ ଆସେ । ସେହି ପିଲାଟି ଟିଉସନ୍ କରି କଲେଜରେ ପଢୁଥିଲା । ଆଜି କେଣ୍ଟ ପେଣ୍ଟ କୋଟ ପିନ୍ଧି ଗମ୍ଭୀର ହୋଇ ସାଇକଲ୍‌ରେ ଯାଉଛି ? ବୋଧହୁଏ ଜଣେ ଅଫିସର ହେଲାଣି । ଅମୁକ ସ୍ଥାନଟା ଅରମା ହୋଇ ପଡ଼ିଥିଲା ବଡ଼ କୋଠାର ନାଆଁ ପଡ଼ୁଛି । ବୋଧହୁଏ ଜଣେ ଧନୀଲୋକ କିଣିନେଇ ତାହାର ମାଟି ଅଗ୍ରକ କୋଳରେ ଭଞ୍ଜା ପକାଟିଏ ଗଢ଼ି ଏଣୁଛି । ଅମୁକ ଘରଟା ଯେମିତି ମଇଳା ଦିଶୁଥିଲା, ହଠାତ୍ ରଙ୍ଗ ବୋଳା ହୋଇ ନୂଆ ଚକ ଚକ କରୁଛି । ସେମିତି ଜଣେ ମଣିଷ ବାଇଧର—ହଠାତ୍ ବାଇଆ ହୋଇ ଯାଇଛି, ନା କ'ଣ ? କେଡ଼େ ଅବାଗିଆ ଦିଶୁଛି ତ !

ବାଇଧର ବୋଲି ଗୋଟିଏ ସଉକିନିଆ ଲୋକ । କେଉଁ ଘରରେ ସେ କଣ ବ୍ୟବସାୟ କରୁଥିଲା । ସବୁବେଳେ ମଠା ପୋଷାକ ।

ହାତରେ ଗୁଞ୍ଜ ଗୁଞ୍ଜା ସୁନାମୁଦ । ଭାରି ହସ ଭାରି ସାଙ୍ଗଗହଳି; ଦେଖିଲେ ଠିକ୍ ଏ ତାହା କଥା ଭାବିବାକୁ ମନ ଡାକୁଥିଲା । ବାଇଧର ଏମିତ କଣ ହୁଏ। ପିନ୍ଧ ବୁଲୁଛି ରାସ୍ତାରେ ? ହଠାତ୍ ଦରିଦ୍ର ହୋଇଥିଲେ ଏମିତ ନ ଦଶି ଅନ୍ୟ ପ୍ରକାର ଦଶନ୍ତା । ବୋଧହୁଏ ହଠାତ୍ ସେ ପାଗଳ ହୋଇ ଯାଇଛି ।

ଘରସଂସାର କରିଥିଲା । ବ୍ୟବସାୟ କରି ଭଲ ହାତପଇଠ କରୁଥିଲା । ଆହା, ବିଚରା ପାଗଳ ହୋଇ ଯାଇଛି । ଏହିସବୁ କଥା ମନରେ ଏପାଖ ସେପାଖ କରୁ କରୁ ବଜାବାବୁ ତାହା ଆଡ଼େ ଚାହିଁ ଦେଇଥିଲେ । ଆଖି ଲାଖି ରହିଲା ଠିକ କ ପାଇଁ । ମନ ଭିତରେ ମେଘ ଅନ୍ଧାର ନେଇ ସେ ଆଗେଇ ଗଲେ । କିନ୍ତୁ ବାଇଧର ଆଖିରୁ ସେତିକି ଛପିଲା ନାହିଁ ।

ଦିନକ ପରେ ବଜାବାବୁ ଘରେ ନ ଥିଲାବେଳେ ସେହି ବାଇଧର ଆସିଥିଲା ତାଙ୍କୁ ଖୋଜିବାକୁ । ବଜାବାବୁ ଆସି ଶୁଣିଲେ । ମନରେ ତାଙ୍କର ହେଲା ଯେ, ବାଇଧର ପାଗଳ ହୋଇ ନାହିଁ । ଦରିଦ୍ର ହୋଇ ଯାଇଛି ଭାଗ୍ୟ ବିପାକ ହେବାରୁ । ମନ ଭିତରେ ଏହି ଲୋକଟିର ଦୁର୍ବିପାକ ପାଇଁ ବେଦନ ବଜାବାବୁଙ୍କର ଭାରି ଚିନ୍ତା ହେଲା । ଠିକ୍ ଏ କି ଦୁଃଖ ହେଲା ଯେ, ବାଇଧର ବାବୁ ଆସିଲାବେଳେ ଘରେ ଥିଲେ ଦେଖା ହୋଇଯାଇଥାନ୍ତା । କଣ ମାଗିବାପାଇଁ ଆସିଥିଲା ହୁଏତ ।

ତହିଁ ଆରଦିନ ସକାଳେ ବଜାବାବୁ ବସି ତାଙ୍କର ବରଣ୍ଡା ତକିଆରେ ଖଣ୍ଡେ ଚିରୁଟ ଟାଣୁଥିଲେ । ଫାଟକ ଖୋଲି ବାଇଧର ପଶିଲାବେଳେ ବଜାବାବୁଙ୍କର ଚକ୍ଷୁ ଚମକି ଉଠିଲା । ଆହା, ବାଇଧର ତାଙ୍କୁ ଖୋଜି ଆସିଛି ଆଜି ! କେଜାଣି ସାତ ଆଠ ବର୍ଷ ବୟସରେ

ବଡ଼ ହେବ । ବଜ୍ରବାବୁ ସ୍କୁହାଲରେ ବସେଇଲାବେଳେ ସେ ସ୍କୁଲରେ ବଡ଼ ପିଲା ହୋଇଥିଲା । ହେବେ ପଦେ ହେଲେ କଥାଭାଷା ହୋଇ ନାହାନ୍ତି । ଘଟଣାଚକ୍ରରେ ପ୍ରଥମ ଥର ପାଇଁ ମୁହାଁମୁହିଁ ।

ବାଇଧର ବାବୁ ସିଣ୍ଡି ଉପରକୁ ଉଠି ଆସିଲେ । ବଜ୍ରବାବୁ ପାଖ ଚଉକୀକୁ ଖଣ୍ଡେ କନାରେ ଝାଡ଼ି ଦେଲେ । ଗାଉରୁ ଝଡ଼ା ହୋଇ ନାହିଁ ! ଠିଆ ହୋଇ ହସି ନମସ୍କାର କରି ଡାକି ତାହାଙ୍କୁ ପାଖରେ ବସେଇଲେ । ମନରେ ବଡ ଆନନ୍ଦ ଯେ, ବାଇଧର ଦରିଦ୍ର ଓ ପାଗଳ ହେଲେ ବି ତାହାର ମଣିଷପଣିଆର ମୂଲ୍ୟ ବଜ୍ରବାବୁ ବୁଝିଥିଲେ ।

ବଜ୍ରବାବୁ ବାଇଧରକୁ ଖଣ୍ଡେ ସିଗାରେଟ୍ ଦେଇ ନିଜେ ଦିଆସିଲିରୁ ନିଆଁ ଲଗେଇ ଦେଲେ । ବାଇଧର ବାବୁ ସେ ଖଣ୍ଡେ ଟାଣି ବସି ରହିଲା । ପାଗଳାମି କିଛି ନାହିଁ । ଗୁହାଣିରେ ଅଭାବ ଫୁଟି ଉଙ୍କୁଛି । ଖଣ୍ଡେ ଶସ୍ତା ପ୍ୟାଣ୍ଟ ପିନ୍ଧା ହୋଇଛି । ତାହା ଉପରେ ଖଣ୍ଡେ ଶସ୍ତା ଗରମକୋଟ । ମୁଣ୍ଡ ନୁଖୁରା, କିନ୍ତୁ ବାଳଗୁଡ଼ାକ ଭଲହୋଇ ପଛକୁ ଟଣା ହୋଇ କୁଣ୍ଡା ହୋଇଛି । ଦାଢ଼ି ସଫା ହେଇ ଖିଅର ହେଇଛି । ବେଳେ ବେଳେ ବଜ୍ରବାବୁଙ୍କୁ ଚାହୁଁଥାଏ । ସେ ବି କଣ ଭାବୁଥିଲେ ବସି । ଚୁପ୍ ହେଇ ତାଙ୍କର ଚୁରୁଟକୁ ଟାଣୁଥାନ୍ତି । ଧୂଆଁ ବାହାରି ଉପରକୁ ଓ ସାମନାରେ କୁଣ୍ଡଳୀ ହେଉଥାଏ ।

ବଜ୍ରବାବୁ ଟିକକ ପରେ ରହି ପଚାରିଲେ, 'କ'ଣ ଭଲନ୍ତୁ ।'

'ନାହିଁ, କିଛି ଦଅନ୍ତୁ ମତେ ।'

ଖାଲି ଗୋଟିଏ ପ୍ରଶ୍ନ ଓ ଉତ୍ତର । ବଜ୍ରବାବୁଙ୍କ ପାଖରେ ଖଣ୍ଡେ ପାଞ୍ଚଟଙ୍କିଆ ନୋଟ ଥିଲା । ତାଙ୍କ ଲାଗିଲା, ସେତେ ଯେମିତି ସେଇକ

ଅତ ଉଣା ହେବ । ବାଇଧର ବାବୁ ପର ଜଣେ ଲୋକ ପଚିଶ ଶହ ନ ପାଇଲେ କଣ କିଛି ନୂଆ ବ୍ୟବସାୟ ଖୋଲି ପାରିବେ ? ପାଞ୍ଚଟଙ୍କା ହୁଏତ ସେ ଫୋପାଡ଼ି ଦେଇଯିବେ ତାଙ୍କ ମୁହଁ ଉପରେ ।

ତଥାପି କିଛି ନ କହି ପରେ ଦେବେ ବୋଲି ଭାବି ବଡ଼ ଗମ୍ଭୀର ହୋଇ ବଜ୍ରବାବୁ ସେହି ନୋଟ ଖଣ୍ଡିକ ତାହା ହାତକୁ ବଢ଼ାଇ ଦେଲେ । ସେ ଉଠି ଠିଆ ହେଲା । ପାଇବାରେ କିଛି ଆଶ୍ଚର୍ଯ୍ୟ ହେଲା ନାହିଁ । ପଦେ ହେଲେ ଧନ୍ୟବାଦ ଦେଲା ନାହିଁ । ଉଠି ସିଧା ସଳଖ ଚାଲିଲା ଫାଟକ ଆଡ଼େ ।

ବଜ୍ରବାବୁ ଭାବିଲେ, ବୋଧହୁଏ ବାଇଧରକୁ ଅପମାନ ଲାଗିଲା । ସେ ମନେ ମନେ ନିଜକୁ ପ୍ରଶଂସା କଲେ । ଈଶ୍ୱରଙ୍କୁ ନିନ୍ଦା କଲେ । ବାଇଧର ବାବୁ ଯେ ତାଙ୍କପର ଜଣେ ବଜ୍ରବାବୁଙ୍କୁ ମାଗିପାରିଲା, ସେଥିପାଇଁ ବାଇଧରର ମଧ୍ୟ ଭାବ ତାରିଫ୍ କଲେ ମନ ଭିତରେ ।

ବଜ୍ରବାବୁ ବଡ଼ ଖୁସି । ଭାବିଲେ, ବୋଧହୁଏ ସେ ଜଣେ ବଡ଼ମଣିଷ ହେବେ; କାରଣ ତାଙ୍କର ମନ ଏଡ଼େ ଉଚ୍ଚ ।

ବାଇଧର ଚାଲିଗଲା ପରେ ବଜ୍ରବାବୁ ବସି ଦଣ୍ଡେ ଭାବିଲେ । ସେହି ଟଙ୍କା କେଇଟା ବାଇଧରର ଅନେକ କାମରେ ଲାଗିବ । ସେ କେଇ ଦିନରେ ଖରଚ କରିବ, କେମିତି ରଖି ଥୋଇ ଦିନାକେତେ ଚଳିବ ।

ଫାଟକ ପାରି ହୋଇ ବାଇଧର ଭାବୁଥିଲା, ଶୀଘ୍ର ଯାଇ ସେ ଜଳଖିଆ ପେଟେ ଖାଇବ । କେଇ ଦିନ ହେଲାଣି ଭଲ ସୁବିଧା ହୋଇ ନ ଥିଲା । ବଜ୍ରବାବୁଟା ଭଲ ଦେବାବାଲା ।

ବଜ୍ରବାବୁ ତହିଁଆରଦିନ ରାସ୍ତାରେ ଗଲାବେଳେ ବାଇଧର ବସି ଗୋଟାଏ ଚୁରୁଟ୍ ଟାଣୁଛି । ପିଣ୍ଡାରେ ଗୋଡ ଲମ୍ବାଇ—ଜାନୁକୁ ଅଜଜା ବସିଛି । ବଜ୍ରବାବୁଙ୍କୁ ଦେଖି ନ ଚିହ୍ନିଲାପରି ବସି ରହିଲା । ବଜ୍ରବାବୁ ମନେକଲେ, ବାଇଧର ଅଭାବଗ୍ରସ୍ତ ହୋଇ ପ୍ରକୃତରେ ପାଗଳ ହୋଇ ଯାଇଛି ।

ତା' ପରଦିନ ବଜ୍ରବାବୁ ଘରକୁ ଫେରି ଶୁଣିଲେ, ପାଗଳାଟା ଅଉ ଥରେ ଆସିଥିଲା ତାଙ୍କୁ ଖୋଜିବାପାଇଁ ।

ଏଁ—ପୁଣି ଆସୁଛି ? କ'ଣ ପାଞ୍ଚଟଙ୍କା ସେ ଦୁଇଦିନରେ ସାରିଦେଲା ? ପୁଣି ଦେଖାହେବ—ପୁଣି ସେ ମାଗିବ । ବଜ୍ରବାବୁଙ୍କୁ ଭଲ ଲାଗିଲା ନାହିଁ । ଏକାଥରକେ ପାଞ୍ଚଟଙ୍କା ନ ଦେଇ ଥରି ଥରି କରି ଦେଇଥିଲେ ହେଇଥାନ୍ତା ।

ପାଞ୍ଚଦିନ ଛାଡ଼ି ପାଗଲା ଆସି ପହଞ୍ଚିଲା । ସେ ଦିନ ସେ ମାଗିବା କଥା ନ କହି ତାହାର ଗୋଟିଏ ଚୁରୁଟ ନେଇ ଆସିଥିଲା ଯାଚିବା ପାଇଁ । 'ଆଜ୍ଞା ନିଅନ୍ତୁ, ଚୁରୁଟ ଖଣ୍ଡିକ । ଭାରି ବଢ଼ିଆ ଲାଗୁଛି । ମୁଁ ଗୋଟିଏ ବାକ୍ସ କିଣିଲି । ବେଶି ପଇସା ଥିଲେ, ଭଲ ଚୁରୁଟ୍ ବାକ୍ସେ କିଣିଥାନ୍ତି ।'

ବଜ୍ରବାବୁ ମନା କରିଦେଲେ ଚୁରୁଟ୍ ନେବେ ନାହିଁ ବୋଲି । ଟଙ୍କାଟିଏ ତାଙ୍କୁ ଦେଲେ ଫୋପାଡ଼ିଲା ଭଳି । ପକେଇ ଦେଇ ଉଠିଗଲେ । ପରିଚିତ ଲୋକ ହୋଇଥିବାରୁ ବାଇଧର ଏମିତି ବଳାତ୍କାର କରିବା ଆରମ୍ଭ କରି ଦେଇଛି । ତଥାପି କେମିତି ଖିଆଲରେ କିଣିଦେଲା ବାକ୍ସଟା ।

କେଉଁଠି ସେ କେମିତି ଛକି ରହୁଥାଏ କେଜାଣି, ବଜ୍ରବାବୁଙ୍କୁ ରାସ୍ତାରେ ଅନେକ ଥର ଦେଖେ। ଦେଖାହେଲେ ସେ ଚୁରୁଟ ନହେଲେ ସିଗାରେଟ ମାଗେ। ବିରକ୍ତ ହୋଇ କେଉଁ ଥର ମନା କରିଦେଲେ ସେ ଖାଉଥିବା ଅଧା ସିଗାରେଟ୍‌ଟା ବି ମାଗେ ବଜ୍ରବାବୁ ଦେଇ ଦିଅନ୍ତି। ମନେ କରନ୍ତି ଯେ, ତାହାର ପାଗଳାମି ଓ ଅଭାବ ଭିତରେ ଧୂଆଁ ପନ ଔଷଧ ପରି କାମ ଦେଉଛି।

ତେବେ ବାଇଧର କଥା ଅନେକ ସମୟରେ ଭାବିବା ଦରକାର ପଡ଼େ। କାରଣ ତାହାର ଗତି ବିଧି ବଜ୍ରବାବୁଙ୍କୁ ସ୍ୱଚ୍ଛନ୍ଦ ଚଳ-ପ୍ରଚଳରେ ବାଧା ହୋଇ ଠିଆ ହେଉଛି।

ତେଣିକି ପ୍ରତିଦିନ ଘରେ ଆପଦ—ପାଗଳା ଅସିଥିଲା। ସେ ସକାଳେ, ଖିଆବେଳେ, ରାତିରେ, ଯେତେବେଳେ ସେତେବେଳେ ଆସୁଛି। ‘ବେହେରା, ‘ବେହେରା, ଡାକେ। କେହୁ ଯାଇ ପହୁଞ୍ଚିଲେ, ଖାଲି ପଚାରେ, ‘କେତେ ତାରିଖ ଆଜି ?, ଚାଲିଯାଏ ତା ପରେ।

ଯେତେ ହେଲେ , ପାଗଳ। ସମସ୍ତ ଅସମୟରେ ଆସୁଛି। କଣ ଜିନିଷପତ୍ର ଭାଙ୍ଗିଦେବ କି ନେଇ ଚାଲିଯିବ। ବାବୁ ଗୋଟିଏ କାମ କରେଇ ଦେଇଛନ୍ତି ଯେ ଦିନଯାକ ଜଣେ ଲୋକ ମୁତୟନ ହୋଇ ରହୁଥିବ, ପାଗଳ କଥା ବୁଝି ତାଙ୍କୁ ଶୀଘ୍ର ବିଦାୟ କରିଦେବା ପାଇଁ। ପାଗଳର ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ଅନେକପ୍ରକାର ଉପାୟର ଆଲୋଚନା ହୁଏ।

ବଜ୍ରବାବୁ ତଥାପି ସହାନୁଭୂତି ସହିତ ପାଗଳ କଥା ଭାବନ୍ତି। ତାହାର ଦରକାର ଅଛି ବୋଲି ସିନା ଧାଉଁଛି। ଅଶା ଅଛି। ଖାଲି

ପାଗଳ ବୋଲି ଲୋକେ ତା'ଙ୍କୁ ଡରୁଛନ୍ତି । ବଜବାବୁଙ୍କର ଭାରି ଦମ୍ଭ ଯେ ତାଙ୍କୁ ଦେଖିଲେ ପାଗଳର ପାଗଳାମି ରହିବ ନାହିଁ । ସେ ଭାରି ଖୁସି ହୁଅନ୍ତି ମନେ ମନେ ।

ବଜବାବୁଙ୍କ ସଙ୍ଗରେ ବ ଘରେ ବହୁତ ଥର ଦେଖା ହୁଏ । ସେଥିରୁ ଗୋଟିଏ ପ୍ରଶ୍ନ, 'କେତେ ତାରିଖ ଆଜି ?' ତା'ପରେ ସିଗାରେଟ୍ ମାଗେ । ବଜବାବୁ ଗୋଟିଏ ସିଗାରେଟ୍ ଦେଇ ଦିଅନ୍ତି । କିନ୍ତୁ ଆଉ ହୁଅସିଲ ମାର ଲଗେଇ ଦିଅନ୍ତି ନାହିଁ ।

ପ୍ରାୟ ପ୍ରତିଦିନ ଆସେ । ଥରେ ଥରେ ବଜବାବୁ ତା'ଙ୍କୁ ଟଙ୍କାଟିଏ ଦିଅନ୍ତି । ପ୍ରଥମେ ଗୋଟିଏ ଟଙ୍କା ଦେଲାବେଳେ ବାଇଧର ବାବୁ ବ୍ୟବସାୟୀଙ୍କ କଥା ଭାବି ବଜବାବୁଙ୍କୁ ଭାରି ଖରାପ ଲାଗୁଥିଲା । ପାଗଳ ପ୍ରତିଦିନ ଧାଇଁବାରୁ ସେତିକି ଦେହସହା ହୋଇଗଲାଣି । ଅସିଲୁ, ଯେ ଜଣ ଗୋଟାଏ ଦବାକୁ ହେବ । ସିଗାରେଟ ଖଣ୍ଡେ ସେ ମାଗୁଥିବାରୁ ବଜବାବୁ ଦେବାର ସୁଖ ପାଆନ୍ତି; କିନ୍ତୁ ଟଙ୍କାଟିଏ କେଖାଁ ଦେବାକୁ ମନ କରନ୍ତି ନାହିଁ ।

କେଉଁଦିନ ସେ ହଗଡ଼େ ନାହିଁ । ବଜବାବୁ ଥିଲାବେଳେ ଯେମିତି ନ ଥିଲାବେଳେ ବି ସେମିତି । କେତେବେଳେ ତା'ଙ୍କୁ କୁଆଡ଼େ ମନା ନ କଲେ ଚଳୁ ନାହିଁ । ବୁଝେଇ କହିଲେ ଭଲ ହେବ କି ମାଡ଼ଗାଳି ଧମକ ଦେଲେ ଭଲ ହେବ, ଠିକଣା କରି ହୁଏ ନାହିଁ ।

ବାଇଧର ଯେତେବେଳେ ଥରେ ସନ୍ଧାନ୍ଧ ହୁଇଛନ୍ତି, ଥରକୁ ଥର ଅର୍ଥ ଉଦ୍ଧାର କରିବା ଓ ଚାଲୁଥିବ । ସହିବାକୁ ହେବ ।

ଦୁଇମାସ ଭିତରେ ପାଗଳା ବାଇଧର ଗୁଳୁଳି ଥର ଆସିଛି । ଟଙ୍କା ଦଶଟା ଓ ପନ୍ଦର ଗୋଟିଏ ସିଗାରେଟ ନେଇଛି । ପାଗଳା

କଟିଯିବାରୁ ବାଇଧର ଘର ହତା ଭିତରେ ଉତ୍ପାତ ବନ୍ଦ କରି ରାସ୍ତାରେ ଉତ୍ପାତ ଆରମ୍ଭ କଲା । ବାଇଧରଙ୍କୁ ହତା ଭିତରେ ଦେଖିଲେ ବଜ୍ରବାବୁ ଚାଲି ଆସନ୍ତି ଫାଟକ ଯାଏ । ବାଇଧର ପଛେ ପଛେ ଆସେ । ଫାଟକ ବନ୍ଦ କରି ବଜ୍ରବାବୁ ଫେରି ଆସନ୍ତି । ବାଇଧର ଘର ଆଗରେ ରାସ୍ତାରେ ଦଣ୍ଡେ ଠିଆ ହୁଏ; ହେଲେ ଚାଲିଯାଏ ।

ରାସ୍ତାରେ ବଜ୍ରବାବୁ ଦେଖା ପଡ଼ିଲେ ବାଇଧର ଭାଙ୍ଗଠାରୁ ଦୁ'ହାତ ଛାଡ଼ ଠିଆ ହୋଇ ରହେ । ସେ ଚାଲିଲେ ବାଇଧର ଚାଲେ । ବଜ୍ରବାବୁ ଧାଇଁ ହୋଟେଲ ଭିତରକୁ କି ଚିହ୍ନା ଲୋକ ତାହାର ଘରକୁ ପଳାନ୍ତି । ବାଇଧରଠାରୁ ଛୁଟି ମିଳେ ।

ରାସ୍ତାରେ ଯା ଆସ କରିବା କଷ୍ଟ ହେଲା । କେଉଁଠି ବଜ୍ରବାବୁ କାହା ସାଙ୍ଗରେ କଥା ହେଉଥିବାର ଦେଖିଲେ ବାଇଧର ଆସି ଛୁଟିଯାଏ । ଠିଆ ହୋଇ ରହେ । ବଜ୍ରବାବୁ ନ ଚିହ୍ନିଲା ପରି ମୁହଁ କରନ୍ତି । ବଜ୍ରବାବୁଙ୍କ ସାଥିରେ କଥାଭାଷା ହେଉଥିବା ଲୋକଟି ସେମିତି ବାଇଧରକୁ ଚାହିଁ ରହେ ।

ବହି ଦୋକାନ କି ଔଷଧ ଦୋକାନରେ ବଜ୍ରବାବୁଙ୍କୁ ବସିବାର ଦେଖିଲେ ବାଇଧର ଠିଆ ହୋଇ ରହେ । କେଉଁଠି କେମିତି ଭିତରକୁ ଆସି ବଜ୍ରବାବୁଙ୍କ ଚୌକୀ ପାଖରେ ବସି ରହେ । ତାହାର ଦେହରୁ ମଇଳା ଗନ୍ଧ ଓ ଫୁରୁଲୁଟିଆ ଗନ୍ଧ ବଜ୍ରବାବୁଙ୍କ ନାକରେ ପଶିଯାଏ । ସେ ମନେ ମନେ ଈଶ୍ୱରଙ୍କୁ ଡାକନ୍ତି, ବାଇଧର ହାତରୁ ମୁକ୍ତି ପାଇବା ପାଇଁ । କେବେ କେମିତି ଅଠଅଣା ଟଙ୍କାଏ ବି ଜେସମାଡ଼ି ଦେଇ ଦିଅନ୍ତି ।

ବାଇଧର ଘରପାଖର ଜଣେ ଲୋକଙ୍କୁ ଦେଖି ଥରେ ବଙ୍କ-ବାବୁ ବାଇଧର କଥା ବୁଝି ବସିଲେ । ଏତେ ଅତ୍ୟାଗ୍ରହ ସହ ସନ୍ଧ ବାଇଧର ବିଷୟରେ ଗବେଷଣା କରିବା ଦରକାର ପଡ଼ିଲାଣି ।

ସେ ବାବୁ କହିଲେ, 'ଏଁ—ବାଇଧର ଆସି ଆପଣଙ୍କ ପାଖରେ ପହଞ୍ଚିଲାଣି ।···ହେଲା ଏଥର । ଆମ ସାହିରେ ସେ କ'ଣ କମ୍ ଉତ୍ପାତ କରୁଛି । ପାଗଳା ନୁହେଁ ସେ ମୋଟେ । ତାକୁ ମୁହଁ ଦେଲେ ସେ ମୁଣ୍ଡରେ ଚଢ଼ିବ । ତାହାର ଅବସ୍ଥା ଦେଖି ଆମେ ତା'କୁ ଡାକି ଥରେ ଦି'ଥର ଖୁଆଇଥିଲୁ । ଆଉ ଯିବ କୁଆଡେ ? ସେ ଆସି ଛଡ଼େଇ ଖାଇବା ଆରମ୍ଭ କରିଦେଲା । ବଡ଼ ହଇରାଣ ଅଛା । ଖବର-ଦାର, ତା'କୁ ମୋଟେ ମୁହଁ ଦେବେ ନାହିଁ ।'

ବଙ୍କବାବୁ ଭାରି ଦୋଷ କଲାପରି କହିଲେ—ଆସିଥିଲା ସେ ପାଞ୍ଚଟଙ୍କା ଦେଇଦେଲି । ଅଧିକ ଥର ଟଙ୍କା ଦେଇଥିବା କଥା କହିଲେ ନାହିଁ ।

'ଓଃ, ତାହାହେଲେ ଆପଣ ଭୁତ ହାବୁଡ଼େ ପଡ଼ିଗଲେ । ସେ କ'ଣ ଆପଣଙ୍କୁ ଛାଡ଼ିବ ? ଚାରିଆଡ଼ୁ ସେ ଢୁଙ୍କିବ ।'

କହିଦେଇ ଚାଲିଗଲେ । ବଙ୍କବାବୁ ବସି ନିଜକୁ ଗୁଣିଲେ । 'ମଲି ଏଥର—ମାହାତ୍ମ୍ୟ ସାଜୁଥିଲି ଯେ ବାଇଧର ଏଥର ତେଲ-କଡ଼ାରେ ପକେଇ ସନ୍ତୁଳିବ ।'

ବାଇଧର ବିଷୟରେ ଭାବିବା ଦରକାର ପଡ଼ିଲାଣି । ଟଙ୍କା ଦେବା ଓ ସିଗାରେଟ ଦେବା ଏକାବେଳକେ ବନ୍ଦ କରିଦେଲେ । ବାଇଧର ଆଉ ଘରକୁ ଆସେ ନାହିଁ । କିନ୍ତୁ ରାସ୍ତାରେ ଉତ୍ପାତ

ଆରମ୍ଭ କରେ । ବଙ୍କାବାବୁଙ୍କୁ ଦେଖିଲେ ବଜୁଳି ପରି ଛୁଟି ଆସେ । ଠିଆ ହୋଇ ରହେ ।

ଥରେ ଥରେ ହାତ ପତେଇ କହେ 'କିଛି ଦିଅନ୍ତୁ' । ନାହିଁ ବୋଲି କହିଦେଇ ବଙ୍କାବାବୁ ପଳାୟନ କରନ୍ତି । କିନ୍ତୁ ମନରେ ଭାରି ଆଘାତ ପାଆନ୍ତି । ଆହା, ଦେବାକୁ ଇଚ୍ଛା ହେଉଛି, ହେଲେ ସେ ହଇରାଣ ନ କରନ୍ତା । ପାଗଳ ନୁହେଁ ଅଥଚ ପାଗଳାମିର ଦେଖଣା କରି ମାଗୁଛି ମଣିଷକୁ ।

ଏମିତି ତିନି ଚାରି ଥର ନାହିଁ କରି ଦେଇ ଥରେ ସେ ଅଠ-ଅଣା ପଇସା ଦେଲେ । ସାଙ୍ଗେ ସାଙ୍ଗେ ବାଇଧର ଫେରି ପଡ଼ିଲା । ଆଖିରେ ତାହାର କଠୋରତା । କର୍କଶ ଗଳାରେ ପଚାରିଲା—'ଅଷ୍ଟ ଯୋତା, ଚଟି କିଛି ମିଳିଲା ନାହିଁ ?'

ବଙ୍କାବାବୁ ତାଙ୍କର ପରିଚିତ ବାଇଧର ମୁହଁକୁ ଚାହିଁ ରହି ଭାବିଲେ ଏହି ପ୍ରକାର ପାଗଳଙ୍କୁ ପୁଲିସ କାହିଁ ପକଡ଼ୁ ନାହିଁ ? କିମ୍ବା ମାଜିଷ୍ଟ୍ରେଟ ଧରିନେଇ ପାଗଳାଖାନାକୁ କାହିଁକି ପଠାନ୍ତି ନାହିଁ ?

ଚାଲିଯିବା ଛଡ଼ା ଅନ୍ୟ ଉପାୟ ନାହିଁ । ବଙ୍କାବାବୁ କିନ୍ତୁ ଜାଣିଥିଲେ ଯେ ପାଗଳା ଯେତେ ଯାହା କୁହେ ଦେଇ କି କୁହେ ପାରି ପଛକେ ସେ ଆଉ ତାହାକୁ କିଛି ଦେବେ ନାହିଁ ।

ଦେବା ନେବାର ସମ୍ବନ୍ଧରୁ ସେଇଠି ପୂର୍ଣ୍ଣଚ୍ଛେଦ ।

ଭୂତ ଛାଡ଼ିଲା ନାହିଁ । ରାସ୍ତାରେ ସେ ଉତ୍ପାତ କରେ । ବଙ୍କାବାବୁ ପଳାନ୍ତି । ତାହାକୁ ରାସ୍ତାରେ ଦେଖିଲେ ବାଟ ଭାଙ୍ଗି ଅନ୍ୟପଟେ

ଯାଆନ୍ତି । ତାହାଙ୍କୁ ଅଘାତ କରିବାକୁ ସାହାସ ହୁଏ ନାହିଁ—ଅହା, ବାଇଧରର ଏମିତି ଦୁରବସ୍ଥା ହେଲା ?

ନାକ ଘରୁ ଓ ଶ୍ୱଶୁର ଘରୁ ସେ ଏମିତି ଛୁଟିକି ପଡ଼ିଥିଲା ରାସ୍ତା ଉପରକୁ । ସେଠି ରାଜପଥ ଉପରେ ଯେ ଜଣେ ଅଧେ ସହାନୁଭୂତି ଦେଖାଉଥିଲେ, ସେ ବି ପାଖ କାଟି ଅଲଗା ହୋଇଗଲେ ।

ବଜିବାବୁ ଏମିତି ଲୁଚି ପଳାଉଛନ୍ତି ବୋଲି ବାଇଧର ବୁଝିଲା । ତଥାପି ତାଙ୍କ ଉପରେ ସେ ପ୍ରତିଶୋଧ ନେବ । ସାଇକଲରେ ଗଲା ଅଇଲାବେଳେ ବାଇଧର ଓ ସେ ଭେଟାଭେଟି ହୁଅନ୍ତି । ବାଇଧର ଗାଳିଦିଏ । ବଜିବାବୁ ମନେକରନ୍ତି ଯେ ସେ ତାଙ୍କ ଉପରକୁ ଛେପ ଖଙ୍କାର ପକାଇଲା ନାହିଁ । ଯେତେବେଳେ ସେ ଦୟା ଦେଖାଇଛନ୍ତି ଏତିକ ପୁରସ୍କାର ଆଉ କଣ ପାଇବ ?

ପ୍ରାୟ ଦେଖା ହେଲେ ବାଇଧର ଏମିତି ପଦେ ଅଧେ ଗାଳି ଶୁଣାଇ ଦିଏ । କେଉଁଦିନ ଥଟ୍ଟା କରେ । କେବେ କେମିତି ମାରିବା ପରି ହୁଏ । ସେ ଅତି କ୍ରୁଦ୍ଧ । ବାଇଧରକୁ ଦେଖିଲେ ବଜିବାବୁ ଜାଣନ୍ତି ଯେ ତାଙ୍କର କପାଳ ମନ୍ଦ । ବୃଥାରେ ପଦେ ଗାଳି ଶୁଣିବାକୁ ପଡ଼ିବ । ଗାଳି ଶୁଣନ୍ତି ।

ବାଇଧର ନୂଆ ଉପାୟ ଖଞ୍ଜିଲାଣି । ତାକୁ ଦେଖିଲେ ମନେ ହୁଏ ଯେମିତି ସେ ତାହାର ହାତବାଡ଼ିରେ ପାହାରେ ପକାଇବାକୁ ଖୋଜୁଛି । ଅନେକ ସମୟରେ ବଜିବାବୁଙ୍କୁ ଲାଗେ ସେ ଯେମିତି ସାଇକଲଟା ତାଙ୍କର ଅଟକାଇ ଦେବାକୁ ଇଚ୍ଛା କରୁଛି । ଭୟରେ ସେ ପାଖେଇ ହୋଇ ଯାଆନ୍ତି । ଯୋଡା ମିଶା ଗୋଡ଼ଟାକୁ ଠିକ୍

ସଜ୍ଜିଲ କରିଥାନ୍ତି ଗୋଟିଏ ନାଉ ଦେବାକୁ । ତଥାପି ସେ ମନେ କରନ୍ତି ଭାଲେ ପାଗଲାଟାକୁ ପାହାରେ ଦେଲେ ବଜାରବାଲା ଆପତ୍ତି କରିବେ । ପୁଣି ଗୋଟିଏ କଥାରୁ ଚଢ଼ଟିଏ ବାହାରିବ ।

ଇସ୍—ପ୍ରଥମ ଥରକରୁ ତଡ଼ ଦେଇଥିଲେ ଏହି ଜଞ୍ଜାଳରୁ ସାହି ମିଳିଥାନ୍ତା । ଅହା, କରି ହେଲା ନାହିଁ । ଭିତରର ସହାନଭୂତି ଅପି ଭାଲ ହେଲା ।

ଘରୁ ବାହାରିଲାବେଳେ ବହୁତ ଥର ସେ ବାଇଧର କଥା ଭାବନ୍ତି । ଦେଖାହେଲେ ସାଇକଲରୁ ଓହ୍ଲାଇ ଗୋଟିଏ ମୀମାଂସା କରି ଦେଇଯିବେ । ପୁଣି କେମିତି କିଛି ହୋଇପାରେ ନାହିଁ ।

ବାଇଧର ତାହାର ବଜାର ଉକୁଟି କରିବାରେ ଲାଗିଥାଏ ଜଳଖିଆ ଦୋକାନ, ଫଳ ଦୋକାନ, ଛକ ଜାଗା, ଗହଳି ରାସ୍ତାରେ ସେ ବୁଲୁଥାଏ । ବୋଧହୁଏ ବଜ୍ରବାବୁଙ୍କ ପରି ଶିକାରଗୁଡ଼ାଙ୍କୁ ସେ ଖୋଜୁଥାଏ ।

ଦେଖା ମିଳୁ ନ ମିଳୁ ବଜ୍ରବାବୁ ମନେ କରନ୍ତି ନିଜ କଥା— କ'ଣ ଖୋଜି ସେ କ'ଣ ପାଇଲେ ? ଏହି ଅଶାନ୍ତ ବୋଧହୁଏ କଟିଯିବ ସହର ଛାଡ଼ି ଅନ୍ୟଆଡ଼େ ପଳାଇଲେ କିମ୍ବା ବାଇଧରର ଗୋଟିଏ ବେତରୁ ଦି'ପାହାର ମିଳି ସାରିଲେ । ଗାଳି ମିଳିଛି ଅପର୍ଯ୍ୟାପ୍ତ—ମାଡ଼ଟା ବାକି ରହିଛି ।

# ବିଶ୍ୱାସ

ପାଗଳ ହୋଇ କେହି ମା' ପେଟରୁ ପଡ଼ି ନ ଥାଏ । ସଂସାରର ପାଞ୍ଚ ପଚିଶି ଘଟଣା ଦେଖି ମଣିଷ କାଳକ୍ରମେ ତାହାର ଗୋଟିଏ ଖିଆଲକୁ ମାଲ୍ ମସଲା ଦେଇ ଗଢ଼ୁ ଗଢ଼ୁ ଦିନେ ପାଗଳ ବୋଲି ସଂସାରରେ ଡକାଯାଏ ।

ଶ୍ରୀଧରବାବୁ ପିଲାଦିନେ ଶାଗଠାରୁ ଆରମ୍ଭ କରି ମାଂସଯାଏ ସବୁ ଖାଉଥିଲେ । ହଠାତ୍ ତାଙ୍କର ଧାରଣା ହେଲା ଯେ, ସଂସାରରେ ରହି ଅନେକ ଜୀବବଧ କଲେଣି । ବହୁତ ପାପରେ ଭାଗୀ ହୋଇ ବୁଲୁଛନ୍ତି । ସ୍ୱାସ୍ଥ୍ୟରକ୍ଷା ବହି ପଢ଼ି ଜାଣିଲେ ଯେ, ପାଣି ଟୋପାକରେ ପ୍ରକାର ପ୍ରକାରରେ ଅସଂଖ୍ୟ ଜୀବାଣୁ ଅଛନ୍ତି । ପ୍ରତିଦିନ ପାଣି ପିଇଲାବେଳେ ସେ ବଡ଼ ଦୁଃଖରେ ଭାବନ୍ତି ଯେ, ଅସଂଖ୍ୟ ଜୀବବଧ ହୋଇଗଲା । ତଥାପି ପାଣି ପିଅନ୍ତି ବାଧରେ ।

ସେମିତ ବହି ପଢ଼ି ଧାରଣା ହେଲା ଯେ, ଗଛ ଲତାର ମଧ୍ୟ ଜୀବନ ଅଛି । ଶାଗ ପଟାଳିରୁ ଖଡ଼ା କୋଶଳା ଉପାଡ଼ି ଆଣିଲେ ସେଗୁଡ଼ିକ ପ୍ରାଣ ହରନ୍ତି । ନେଜଟିଆ ପଟାଳିରୁ ଶାଗ କାଟି ଆଣିଲେ ଗଛ କାନ୍ଦେ । ମାଛକୁ ଜାଲରେ ପଦାକୁ ଆଣିଲେ ମଣିଷଙ୍କ ପରି ପବନ ନ ପାଇ ଅଣନିଃଶ୍ୱାସୀ ହୋଇ ସେ ମରିଯାଏ । ସେଥିପାଇଁ ଆକୁଳ ହୋଇ ପାଟିକୁ ମେଲା କରିଦିଏ । ଛେଳି ମେଣ୍ଢାଙ୍କ କଥା ତ ଅଲଗା । ସେମାନଙ୍କର ଆଖି କାନ ଅଛି । ଦେହରେ ତତଲା ରକ୍ତ ଅଛି । ବୁଝିବା ଶକ୍ତି ଅଛି । ହାଣିକୁ ନେଲାବେଳେ ସେମାନେ ବଡ଼ ଅମଙ୍ଗ ହୁଅନ୍ତି । ମରା ହେଲାବେଳେ କାନ୍ଦନ୍ତି ।

କିନ୍ତୁ ଶ୍ରୀଧରବାବୁ ଯେତେ ଦୁଃଖ ପାଇଲେ ବି ବଡ଼ ଲୋକ-ପ୍ରିୟ । ମାଛ ମାଂସରେ ଭାରି ଚହଟ । ସେ ବେଶ୍ ଖାଇଯାନ୍ତି । ଯେତେ ପରିମାଣରେ ପଦାର୍ଥ ସେ ଭିତରକୁ ଠେଲିଦେଇ ପାରନ୍ତି ସାଧାରଣରେ ଦେଖିବାକୁ ମିଳେ ନାହିଁ ।

ତଥାପି ଲୋକଙ୍କର ଖିଆଲ ଯେ, ସବୁବେଳେ ଏହି ଜୀବ, ପ୍ରାଣୀ, ହତ୍ୟା, ବଧ, ପାପ, ପୁଣ୍ୟ କଥା ସେ ଦିନମାନ ଚର୍ଚ୍ଚା କରୁଥାଏ । ପାଖ ଲୋକ ବଡ଼ ବ୍ୟସ୍ତ ଓ ବିବ୍ରତ ହୋଇ ପଡ଼ନ୍ତି ।

ଆଉ ଗୋଟିଏ ଖିଆଲ ତାଙ୍କ ମୁଣ୍ଡ ଭିତରେ ପଶିଲା ଯେ, ଦି'ଗୋଡ଼ିଆଙ୍କୁ ବିଶ୍ୱାସ ନାହିଁ । ମଣିଷ ଜାତିଟା ସଇତାନ କି ନୁହେଁ, ଏ ବିଷୟରେ ବହୁତ ଆଲୋଚନା ହୋଇଛି । କିଏ ଶ୍ରୀଧର ବାବୁଙ୍କୁ ଠକିଥିଲା, କିଏ ତାଙ୍କ ନାଁରେ ଚୁଗୁଲି କରିଥିଲା, କିଏ ଟଙ୍କା ଧାର ନେଇ ଠକେଇ ଥିଲା । ଏହି ସବୁର ଲମ୍ବା ଫର୍ଦ୍ଦ ତିଆରି କରି ସେ

ମଣିଷଙ୍କୁ ଅବିଶ୍ୱାସ ଓ ଘୃଣା କରିବା ଆରମ୍ଭ କରିଥିଲେ ଭାରି ଜୋରରେ ।

ଧନଙ୍କର ଛୁଆଟି ହୋଇ ସେ ମଣିଷର ସ୍ନେହ ଓ ବିଶ୍ୱସ୍ତତା ଉପରେ ତାଙ୍କର ଚାଳିଶି ବର୍ଷର ବୟସକୁ ଗଢ଼ିଥିଲେ । ଚାଳିଶି ବର୍ଷର ବଦଳରେ ସେ ମଣିଷକୁ ଘୃଣା କରିବା ଆରମ୍ଭ କଲେ । ପିଲାଦିନୁ ମଣିଷର ସ୍ନେହ ଓ ଦୟା ନ ପାଇଥିଲେ ସେ କେଉଁଦିନୁ ରାସ୍ତାର ଧୂଳି ହୋଇ ଯାଆନ୍ତେଣି । ସେ ତ ଗଲା କଥା । ସେ ମଣିଷକୁ ଘୃଣା କରନ୍ତି ଆଜି ।

ପଶୁପକ୍ଷୀ କୀଟପତଙ୍ଗଙ୍କୁ ଶ୍ରଦ୍ଧା କରନ୍ତି । ସେମାନଙ୍କୁ ଯେତେ ପରିମାଣରେ ଖାଇଲେ କି ମାଇଲେ ବି ସେମାନଙ୍କ ପ୍ରତି ତାଙ୍କର ଭାରି ଦୟା ରହିଛି ବୋଲି ସେ ଭାବନ୍ତି, ବୁଝନ୍ତି ଓ ପ୍ରଚାର କରନ୍ତି ।

ତେବେ କେତେ ପୋକଙ୍କୁ ଅନ୍ୟମାନେ ଖାଇଯାନ୍ତି । ସନ୍ଧ୍ୟାବେଳେ ସେ ଆଲୁଅ ଜାଳିଲେ ଝିଟିପିଟି ଓ ବେଙ୍ଗ ଆସି ବେଳେ ବେଳେ ପହଞ୍ଚି, ଆସିଥିବା ପୋକଙ୍କୁ ମନଇଚ୍ଛା ଶିକାର କରନ୍ତି । ସେ ଆଲୁଅ ପାଖରୁ ସେମାନଙ୍କୁ ତଡ଼ିଦେଲେ ସେମାନେ କଣ ଖାଇ ବଞ୍ଚିବେ, ଏହି ସମସ୍ୟା ଶ୍ରୀଧରବାବୁଙ୍କୁ ଘାରେ । ଆଲୁଅ ନ ଜାଳିଲେ ସେ ନିଜେ ଲେଖା ପଢ଼ା କାମ କରିପାରିବେ ନାହିଁ । ନିଜର ମରଣ ପାଖେଇ ଆସିବ ଅର୍ଥ ଅଭାବରୁ । ସେଥିପାଇଁ ଆଲୁଅ ଜଳେ । ତେଣୁ 'ଜଣେ ଆଉ ଜଣକୁ ଖାଇବା' ବିଧି ନିର୍ଦ୍ଦିଷ୍ଟ ବୋଲି ଧରିନେଇ ସେ ମନେକରନ୍ତି ଯେ, ସେ ନିର୍ଦ୍ଦୋଷ । ତାଙ୍କର କାମ ଭିତରେ ଯେ ଆସିବାର ଅଛି, ଯାହା କିଛି କରିବାର ମଧ୍ୟ କରୁ । ଅପରାଧ ନାହିଁ ।

ଝିଟିପିଟି, ବେଙ୍ଗ ପେଟେ ଲେଖାଏଁ ଖାଇଦେଇ ଚାଲିଯାନ୍ତି । ସକାଳେ ଟେବୁଲ ଝାଡ଼ିଲା ବେଳେ ସେ ଅନ୍ଧାର ଓ ଥଣ୍ଡାରେ ମରିଯାଇଥିବା ବାକି ପୋକ ତକ ପହଁରି ଦେଲାବେଳେ ମନେ କରନ୍ତି, ସଂସାରଟା ଈଶ୍ୱରଙ୍କର କଠୋର ଇଙ୍ଗିତରେ ଚାଲିଛି । କେହି ହୁଏତ ଏମାନଙ୍କୁ ହାତରେ ମାରି ନାହିଁ । ତଥାପି ତାଙ୍କର ଜନ୍ମ ହୋଇଥିଲା । ଆଲୁଅ ପାଖରେ କେତେ ଖେଳ ଦେଖାଇ ସେମାନେ ଗୋଟି ଗୋଟି ହୋଇ ମରି ଯାଇଛନ୍ତି ।

ମଶାଙ୍କ ଦୌରାତ୍ମ୍ୟ ଓ ମେଲେରିଆରୁ ନିଜକୁ ରକ୍ଷା କରିବା-ପାଇଁ ସେ ମ୍ୟୁନିସପାଲିଟିର ଡ଼ି, ଡ଼ି, ଟି ପକେଇ ଘରୁ ସବୁ ମଶା, ଡାଂଶ, ବୁଢ଼ିଆଣୀ ଓ ଝିଟିପିଟିକୁ ତଡ଼ି ଦେଇଥିଲେ । ସେଥିପାଇଁ ଦୁଃଖରେ କେଇଟି ଦିନ କଟାଇବା ପରେ ଗୋଟିଏ ଝିଟିପିଟି ଆସି ପହଂଚିଲା । ମଣିଷ ହୋଇ ନ ଥିବାରୁ ତାକୁ ଶ୍ରୀଧରବାବୁ ନିଜର ସଙ୍ଗୀ ବୋଲି ବିଚାରନ୍ତି । କେଇଦିନ ପରେ ଆଉ ଗୋଟିଏ ଯୋଡ଼ୀ ଯୋଗାଡ଼ କରି ଦୁଇଟି ଝିଟିପିଟି ତାଙ୍କ କୋଠରୀରେ ରହିଲେ ।

ସନ୍ଧ୍ୟାର ଆଲୁଅ ଜଳିଲେ ସେ ଦୁଇଟି ଆସି ତାଙ୍କ ଟେବୁଲ ପାଖରେ ବୁଲନ୍ତି । ଶ୍ରୀଧରବାବୁଙ୍କ ହାତ ଭିତରକୁ ଆସନ୍ତି ନାହିଁ । ଯାହା ପୋକ ଯୋକ ଉଡ଼ି ଆସନ୍ତି, ସେତକ ଭୋଜନ କରନ୍ତି । କାଳେ ଅଣ୍ଟୁ ନ ଅଣ୍ଟୁ ହେଉଥିବ ବୋଲି ଶ୍ରୀଧରବାବୁ ଈଶ୍ୱରଙ୍କୁ ଜଣାଣ କରନ୍ତି ଆଉ କିଛି ପୋକଯୋକ ସେଇ ଟେବୁଲ ପାଖକୁ ଉଡ଼େଇ ଆଣିବା ପାଇଁ । ଖାଇ ସାରିଲେ ସେମାନେ ତାଙ୍କର ଝରକା ସନ୍ଧିରେ ଯାଇ ଦିନଯାକ ବିଶ୍ରାମ କରୁଥାନ୍ତି । ବେଳେ ବେଳେ

ଶ୍ରୀଧର ବାବୁଙ୍କର ବନ୍ଧୁ ଖାତାର ର୍ୟାକ ଉପରେ ତାଙ୍କର ପାଇଖାନା ଛଅଡ଼ି କରି ଶ୍ରୀଧର ବାବୁଙ୍କୁ ବିବ୍ରତ କରନ୍ତି ।

ଶୋଇବାକୁ ଗଲାବେଳେ ତାଙ୍କ ଟେବୁଲ, ବର୍ଷା, କୁହୁଡ଼ି, କାକରରେ ଭିଜିଯିବ ବୋଲି ଶ୍ରୀଧର ବାବୁ ଯେତେବେଳେ ତାଙ୍କର ଝିଙ୍କି ଦୁଆର ବନ୍ଦ କରନ୍ତି, ସେତେବେଳେ ଆଗ ସେ ଶବ୍ଦ କରନ୍ତି ଓ ଧୀରେ ଧୀରେ ଝିଙ୍କି କବାଟ ଲଗାନ୍ତି । କେବେ କେମିତି ଝରକା ଚୌକାଠ ସନ୍ଧିରୁ ଝିଟିପିଟି ଦୁଇଟି ଛଲଛଲ ହୋଇ ପଦାକୁ ବାହାରି ଆସନ୍ତି । ଶ୍ରୀଧର ବାବୁ ମନେ ମନେ ଖୁସି ହୁଅନ୍ତି ଯେ ଝରକା ବନ୍ଦ କରିବା କୌଶଳରୁ ସେ ଦୁଇଟି ପ୍ରାଣୀଙ୍କୁ ରକ୍ଷା କଲେ ।

ହଠାତ୍ ଦିନେ କଣ ଅନ୍ୟମନସ୍କ ଥାଇ ସେ ଝରକା ବନ୍ଦ କଲାବେଳେ ଗୋଟିଏ ଚିପି ହୋଇଗଲା । ଝରକା ଠିକ୍ ନ ଖୁଲିବାରୁ ସେ ଫିଙ୍ଗାଇ ଦେଇ ଦେଖିଲେ ଗୋଟିଏ ଚିପି ହୋଇ ଅଧାମରା ହୋଇଯାଇଛି । ତାଙ୍କର ଭିତର କାନ୍ଦି ଉଠିଲା । ଠଉ ନେଇ ପରୀକ୍ଷା କରି ଦେଖିଲେ ସେଇଟି ମରିବା ଉପରେ । ହଠାତ୍ ତାକୁ ମାରି ଫୋପାଡ଼ି ଦେବେ କି ସେମିତି ଅଧାମରାର କଲବଲରେ ଯାତନା ପାଇଁ ଫିଙ୍ଗିଦେବେ, କିଛି ଠିକ୍ କରି ନ ପାରି ସେମିତି ଖଣ୍ଡେ କାଠରେ ପଦାକୁ ଫୋପାଡ଼ି ଦେଇ ଠାକୁରଙ୍କୁ ପ୍ରାର୍ଥନା କଲେ କି, ରାତିରେ କେହୁ ପକ୍ଷୀ କି ଜୀବ ସେଇଟିକୁ ଖାଇଯାଇ ତାକୁ ଶାନ୍ତି ଦେଉ ।

ସକାଳେ ଦେଖିଲେ ପିମ୍ପୁଡ଼ିମାନେ କାମୁଡ଼ି କାମୁଡ଼ି ସେଇଟିକୁ ମାରିଦେଇ ଭୋଜି ଲଗାଇଛନ୍ତି । ଦି ଘଣ୍ଟା ପରେ ଅସଂଖ୍ୟ ପିମ୍ପୁଡ଼ି

ସେହି ମଲ୍ଲ ଦେହକୁ ପଟୁଆରରେ ବୋହି କିଛି ଉପରକୁ ଉଠାଇନେଲେ, ତାଙ୍କର ଗାତ ପାଖକୁ ।

ଗୋଟିଏ ମଲ୍ଲ—ତାହାର ସାଥୀଟି ଅନ୍ୟକୁଆଡ଼େ ଚାଲିଗଲା ! ଶ୍ରୀଧର ବାବୁଙ୍କର ସଞ୍ଜବେଳର ସାଙ୍ଗଟି ହଜିଗଲା ।

ସେ ମନେକରନ୍ତି ଯେ ଜୀବହତ୍ୟା କର ନାହାନ୍ତି । ଜୀବଜନ୍ତୁ ଓ କୀଟ ପତଙ୍ଗଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ସ୍ନେହ ଆଦର ବଢ଼ି ଚାଲିଲା ।

ଟୋଲରେ ଅଟା ଚିନି ଏକାଠି କର ମିଶାଇ ସେ ପଢ଼ିଆରେ, ଘର ତଳରେ ଯେଉଁଠି ପିମ୍ପୁଡ଼ି ମଦା ପାଆନ୍ତି ଦେଇ ଆସନ୍ତି । ପ୍ରତିଦିନ ସକାଳେ ଦମୁଠା ଚାଉଳ ଆଣି କାଉଙ୍କ ଆଗରେ ବୁଣିଲାବେଳେ ଟିକ୍ ବେଳ ଜାଗି ବହୁତ କାଉ ଆସି ରୁଣ୍ଡ ହୁଅନ୍ତି । କେବେ କେମିତ ସୁବଧା ହେଲେ ବୁଲାକୁକୁରଙ୍କୁ କିଛି ଖାଇବା ଜିନିଷ ଦଅନ୍ତି ।

ତନୁ ଯୋଗୀ ଭିଖାରୀକୁ ଆଦର କରନ୍ତି ନାହିଁ । ଧର୍ମାଲୋକ ଦେଖିଲେ ସେ କଥାଭାଷା କରନ୍ତି ନାହିଁ । ସେ କହନ୍ତି ଯେ ମଣିଷର ଉପକାର କଲେ ସେ ଅପକାର କରି ଶୁଝେଇ ଦଏ; କିନ୍ତୁ ପଶୁପକ୍ଷୀଙ୍କୁ ଉପକାର କଲେ ସେ କୃତଜ୍ଞତା ଓ ଆନନ୍ଦ ଦେଖାଏ ।

ପ୍ରତିଦିନ କୁଆଗୁଡାକ ଉଡ଼ିଆସି ତାଙ୍କର ସମ୍ଭାଷଣ ଜଣାଇ-ଯାଆନ୍ତି । ପିମ୍ପୁଡ଼ି ମଦାରେ ସେ ଆଦର ପାଆନ୍ତି । ରାସ୍ତାର କୁକୁର ତାଙ୍କୁ ଦେଖିଲେ ଲାଙ୍ଗୁଡ଼ି ହଲାଏ । ଯେଉଁ ଗାଈବାଛୁରୀକୁ ଦୁବଘାସ

ଧ'ଦଣ୍ଡା ଦେଇଥାନ୍ତି, ସେମାନେ ତାଙ୍କୁ ଦେଖିଲେ ଟିକିଏ ଠିଆହୋଇ ରୁହାନ୍ତି, ଶ୍ରୀଧର ବାବୁ କଣ ଦେବାପାଇଁ ଅଣିଛନ୍ତି ବୁଝିବାକୁ ।

ତେଣୁ ତାଙ୍କର ସମସ୍ତ ଉପାର୍ଜନ ସେହି ମୂକ ଜୀବଗୁଡ଼ିକଙ୍କ ପାଇଁ ଖର୍ଚ୍ଚ କରି ଦେଇ ଥାନ୍ତି । ଚଣ୍ଡୀଖୋଲ ବାବାଜୀଙ୍କ ପାଖରେ ରହି ସେ ଶୁଣିଥିଲେ ଓ ବୁଝିଥିଲେ ଯେ, ହିଂସା ନ ଥିଲେ ବାଘ ଭାଲୁ ମଧ୍ୟ କ୍ଷତ କରିବେ ନାହିଁ । ହିଂସା ନ ଥିବା ଲୋକଙ୍କୁ ଦେଖିଲେ ତାଙ୍କର ହିଂସା ପ୍ରବୃତ୍ତି ଉଠେ ନାହିଁ । ସେଥିପାଇଁ ଘୋର ଜଙ୍ଗଲରେ ମଧ୍ୟ ସେମାନଙ୍କ ପରି ନିସଙ୍ଗ, ନିରସ୍ତ୍ର ଲୋକର ଖଣ୍ଡେ କୌପୁନି ପିନ୍ଧି ବଞ୍ଚିରହିବା ସମ୍ଭବ ହୋଇପାରୁଛି ।

ଶ୍ରୀଧର ବାବୁ ଏହି ପ୍ରକାରର ବିଶ୍ୱାସ ରଖି ସେହି ଧାରଣା ସତ ବୋଲି ମନେକରି ତାଙ୍କର ଆଖି ପାଖରେ ପ୍ରଚାରରେ ଲାଗି-ଥିବାରୁ ଲୋକେ କହନ୍ତି, ସେ ଜଣେ ପାଗଳ । ଶ୍ରୀଧର ବାବୁ ଏଣେ ତାଙ୍କର ପାଖପଡ଼ିଶା ଲୋକଙ୍କୁ ମନେ କରନ୍ତି, ହୃଦୟହୀନ ଓ ମୂର୍ଖ ।

ଯୁକ୍ତିତର୍କ ହୁଏ । କାରଣ ମଣିଷର ପ୍ରବୃତ୍ତି ଯେ ତାହାର ବିଶ୍ୱାସକୁ ନେଇ ଅନ୍ୟମାନଙ୍କଠାରେ ଖେଳିବ । ତାହାହେଲେ ସ୍ୱାର୍ଥସଂସାର ପାଇଁ ସମସ୍ତେ ଏକାପ୍ରକାରେ ଚଳିବେ ।

ସାପ ବିଛା ଦେଖିଲେ ଶ୍ରୀଧର ବାବୁଙ୍କର ବନ୍ଧୁମାନେ ସେମାନଙ୍କୁ ନିପାତ କରନ୍ତି । ଶ୍ରୀଧରବାବୁ ହିଂଥର ସାପଦେଖି ଦୂରକୁ ଚାଲି ଆସିଛନ୍ତି, ସାପ ଗୋଡ଼ାଇ ନାଇଁ କି ତାଙ୍କ ଦୁଆର କି ବାହରକୁ ଆଉ ଆସିନାହିଁ ।

ଆଶ୍ଚର୍ଯ୍ୟଭାବରେ ସେ ତିନିଥର ତାଙ୍କର ବନ୍ଧୁଘାତ ମଧ୍ୟରୁ ଝଂକଡ଼ା ବଞ୍ଚି ପାଇଛନ୍ତି । ଠିକ୍ ଦଶ ଗଜର ଅଙ୍ଗୁଳି ଦୂରରେ ବନ୍ଧୁ ଭଲ୍ଲ ନାହୁଡ ହେଲେକଣ । ଦସ୍ୟୁଦେଖାଇ ଶ୍ରୀଧରବାବୁ ତାଙ୍କ ସିଗାରେଟ ଟିଣରେ ବନ୍ଦୀ କରିନେଇ ପଦାରେ ଛାଡ଼ି ଦେଇଚନ୍ତି । ସେତେବେଳେ ସେ ଭାବି ନାହାନ୍ତି କି ସେହିମାନଙ୍କର ଶତ୍ରୁ ତାଙ୍କୁ ପଦାରେ ନିରାଶ୍ରୟ ଅବସ୍ଥାରେ ପାଇଲେ ଶେଷ କରିବ କି ନାହିଁ ।

ଏମିତି ଶ୍ରୀଧରବାବୁଙ୍କର ବନ୍ଧୁମାନେ ସାପକାମୁଡ଼ା ଓ ବିଛାକାମୁଡ଼ା ଭୋଗିଛନ୍ତି । କିନ୍ତୁ ଶ୍ରୀଧରବାବୁ କେବେ ସେହି ଅପଘାତ ଭୋଗି ନାହାନ୍ତି । ସେଥିରୁ ସେ ସ୍ପଷ୍ଟ ପ୍ରମାଣ କରି ଦିଅନ୍ତି ଯେ, ମନ ଭିତରେ ପଶୁପକ୍ଷୀ, କୀଟପତଙ୍ଗ, ସାପ ବିଛାଙ୍କ ପ୍ରତି ସ୍ନେହ ଓ ମମତା ଥିଲେ ସେମାନଙ୍କର ମାରାତ୍ମକ ଆକ୍ରମଣରୁ ରକ୍ଷା ମିଳିବ ।

ଦିନକର ସନ୍ଧ୍ୟାବେଳେ ଅଫିସରୁ ଫେରି ବାରଣ୍ଡାରେ ବସିଛନ୍ତି । ବହୁତ କୁଆ ଶବ୍ଦ କରି ଏପାଖ ସେପାଖ ହେଉଛନ୍ତି । ଗୋଟିଏ ବିରାଡ଼ି ଛକି ବସିଛି ବାଡ଼ି ମଝିରେ ।

ସନ୍ଧ୍ୟାବେଳେ ସେ କିଛି ଦିଅନ୍ତି ନାହିଁ । କୁଆଗୁଡ଼ିକଙ୍କର ଏହି ଶବ୍ଦ ଶୁଣି ସେ ପଦାକୁ ଆସି ଦେଖିଲେ, ଗୋଟିଏ ଗଛମୂଳରେ କୁଆଟିଏ ବସିଛି । ତାହାର ପଚିଶ ହାତ ଦୂରରେ ବିରାଡ଼ିଟିଏ କିଛି ନ ଜାଣିଲା ପରି ବସି ରହିଛି । ଗଛଅଡ଼େ ଗୋଟା ତିରିଶ କୁଆ ଏପାଖ ସେପାଖ ଜୋର ଶବ୍ଦ କରିବାରେ ଲାଗିଛନ୍ତି ।

ଶ୍ରୀଧରବାବୁ ପଦାକୁ ଆସିଲାରୁ ବିରାଡ଼ି ଖସି ପଳାଇଲା । କୁଆଗୁଡ଼ିକ ସେମିତି ଫଡ଼ ଫଡ଼ ହୋଇ ଏପାଖ ସେପାଖ

ହେଉଥାନ୍ତି । ଗଛମୂଳରେ ବସିଥିବା କୁଆଟି ଆଉ ଟିକିଏ ଘୁଞ୍ଚିଗଲା ଗଛମୂଳକୁ । ଉଡ଼ି ପଳାଇଲା ନାହିଁ ।

ଚାହିଁ ଦେଖିଲାରୁ ଉପରୁ ପୁଣି ଭାରି ଶବ୍ଦ ହେଲା । ବୁଝିଲେ ଯେ, ଛୁଆ କାଉଟିଏ ଖଣ୍ଡିଏ ଉଡ଼ା ଦେଇ ଗଛଡାଳ ବସାରୁ ତଳକୁ ଖସି ପଡ଼ିଛି । ସେଥିପାଇଁ ଏତେ ସବୁ ଉତ୍ପାତ ।

ବିରାଡ଼ିଟି ଛୁଆଟିକୁ ଖାଇ ଦେଇଥାନ୍ତା ସୁବିଧା ପାଇଥିଲେ । ଶ୍ରୀଧରବାବୁ ତାଙ୍କୁ ରକ୍ଷା କରିଛନ୍ତି । ସକାଳ ହେଲେ ତାଙ୍କୁ ନେଇ ତାହା ବସାରେ ଥୋଇ ଦେଇ ଆସିବେ । ସନ୍ଧ୍ୟାବେଳ ହୋଇ ଆସୁଥିବାରୁ ଛୁଆଟିକୁ ରକ୍ଷା କରିବା ପାଇଁ ଗୋଟିଏ କଣା ଟୋକେଇ ଦେଇ ଢାଙ୍କିଦେଲେ । ମା' ଦେଖି ପାରିବ ଛୁଆକୁ । ପବନ ଆଲୁଅ ଯିବା ଆସିବାରେ ବାଧା ହେବନାହିଁ । ସକାଳ ହୋଇଗଲେ ସେ ତାକୁ ନେଇ ଘରେ ରଖିବେ । ତହିଁଆରଦିନ ଛୁଆ ମା' ପାଖକୁ ଫେରିଯିବ ।

ଆଲୁଅ ଯେଉଁ ଦଣ୍ଡେ ଅଧେ ରହିଲା ସେଥିଭିତରେ କୁଆଗୁଡ଼ିକଙ୍କର ଉତ୍ପାତ ଓ ଶବ୍ଦ ବନ୍ଦ ହେଲା ନାହିଁ । ସେମାନେ ମନେ କଲେ, ଛୁଆଟିକୁ ଶ୍ରୀଧରବାବୁ ବନ୍ଦୀ କରିଛନ୍ତି । ସେ ଅନେକ ସମୟ ପଦାରେ ରହିଲେ, ତାଙ୍କର ଦେହ ଘଷି ହୋଇ ଓ ପାଖ ଦେଇ କୁଆଗୁଡ଼ିକ ଏପାଖ ସେପାଖ ହେଉଥାନ୍ତି । ସେମାନେ ଶ୍ରୀଧରବାବୁଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରି ଯେ ଭରସି ପାରୁ ନାହାନ୍ତି ଏକଥା ସେ ବୁଝି ନ ପାରି ମନେ କରୁଥିଲେ, ବନ୍ଧୁଭାବରେ ସମ୍ଭାଷଣ କରିବାକୁ ପକ୍ଷୀଗୁଡ଼ିକ ଶବ୍ଦ କରୁଛନ୍ତି ।

ସନ୍ଧ୍ୟା ହେଲାରୁ ଶବ୍ଦ ବନ୍ଦ ହେଲା । ଚଢ଼େଇଗୁଡ଼ିକ ଗଛକୁ ଚାଲିଯାଇ ବିଶ୍ରାମ କଲେ । ଶ୍ରୀଧରବାବୁ ଦୁଃଖିତ ହୋଇ ଭାବିଲେ ଯେ, ଛୁଆଟି ପାଇଁ ମଣିଷ ଯେତେ ସ୍ୱାର୍ଥତ୍ୟାଗ କରନ୍ତା, ଚଢ଼େଇ ସେତେ କଲା ନାହିଁ । ଖୁବ୍ ଶବ୍ଦ କଲେ, ଉଡ଼ିଲେ ସିନା କିନ୍ତୁ ସନ୍ଧ୍ୟାରେ ଛୁଆ ପାଖରେ ରହିଲେ ନାହିଁ । ଟୋକେଇର ଫାଙ୍କ ଭିତର ଦେଇ ଚଢ଼େଇଛୁଆଟି ପାଖରେ ଆସି ସ୍ୱଉକ କଣ୍ଠାଇବାପାଇଁ ମା'ବି ସାହସ କଲା ନାହିଁ ।

ଅନ୍ଧାର ହୋଇ ଯିବାରୁ ସେ ସନ୍ତ୍ର ଛୁଆଟିକୁ ଧରି ଆଣି ପିଞ୍ଜରାରେ ଟୋକେଇ ଢାଙ୍କି ରଖିଲେ । ରାତିରେ ସେ ବଡ଼ ଆନନ୍ଦରେ ରହିଲେ ।

ତହିଁଆର ଦିନ ସକାଳୁ ସେ ଗଛ ପାଖକୁ ଯାଇ ଉପରକୁ ଚାହିଁଲେ । ଚଢ଼େଇଗୁଡ଼ିକ ସେଦିନ ଯେମିତି ତାଙ୍କର ଆଧାର ଶ୍ରୀଧରବାବୁଙ୍କଠାରୁ ନେବାକୁ କୁଣ୍ଠିତ । ଲୋଭରେ କେଇଟି ଆସି ଖାଇଲେ । କିନ୍ତୁ ଅଧିକାଂଶ ସେମିତି ଉଡ଼ାଉଡ଼ି ଓ ଶବ୍ଦ କରିବାରେ ଲାଗିଲେ । ଶ୍ରୀଧରବାବୁ ମନେ କଲେ, ଛୁଆ ହଜି ଯାଇଛି ବୋଲି ଉପସ୍ୱାଇ ଦେବାକୁ ସେମାନଙ୍କର ଅଳି ।

ନିଜେ ଟୋକେଇରେ ରଖି ଟୋକେଇ ମୁହଁ ଅଧା ଘୋଡ଼ଣୀରେ ବନ୍ଦ କଲେ । ନିଜେ ଗଛରେ ଚଢ଼ି ବସା ପାଖରେ ଟୋକେଇକୁ ଗଛଡାଳରେ ଭଲକରି ବାନ୍ଧି ଦେଲେ । ଛୁଆଟି ଡାଳ ପାଇ ସେଥିରେ ଲଟକି ବସି ରହିଲା । ଚାରିଆଡ଼େ କୁଆଙ୍କର ଶବ୍ଦ । ସତେ ଯେମିତି ଗୋଟିଏ ଶତ୍ରୁ ଆସିଛି । କିନ୍ତୁ ଶ୍ରୀଧରବାବୁ ଭାବି ଖୁସି ଯେ, ସେ ଗୋଟିଏ ଉପକାର କରିଛନ୍ତି ।

ଓହ୍ଲେଇ ଆସିଲେ । ଆସିଲାବେଳେ ବି ତାଙ୍କ ପାଖ ଦେଇ କୁଆ କେଇଟି ଭିର ଏପାଖ ସେପାଖ ହେଲେ । ସେ ମନେ କଲେ ଯେ, ସେମାନେ କୃତଜ୍ଞତା ଜଣାଉଛନ୍ତି । ମନରେ ଧାରଣା କଲେ ଯେ, ମଣିଷଠାରୁ ଏହି ପକ୍ଷୀଗୁଡ଼ିକ କେତେ ଭଲ ।

ତାହାର ଅଧଘଣ୍ଟାକ ପରେ ସେ ଯେତେବେଳେ ପୋଷାକପତ୍ର ପିନ୍ଧି ତାଙ୍କର କାମକୁ ବାହାରିଲେ । ଦେଖିଲେ ଯେ, କୁଆ କେଇଟି ତାଙ୍କୁ ଆକ୍ରମଣ କରିବାକୁ ତାଙ୍କ ପଛେ ପଛେ ଧାଇଁଛନ୍ତି । ଅସୁନ୍ଦର କଥା । ରାସ୍ତା ମଝିରେ ଏମିତି ତାଙ୍କ ଚାରିଆଡ଼େ କୁଆଗୁଡ଼ାଏ ଶବ୍ଦ କରି ଧାଇଁଲେ ଲୋକେ କଣ ଭାବିବେ ? କଣ ପାଇଁ ସେମାନେ ଏଉକ୍ତି, ବୁଝି ନ ପାରି ଖଣ୍ଡେ ଡାଳ ଓ ଢେଲା ଫୋପାଡ଼ି ସେମାନଙ୍କର ଆକ୍ରମଣରୁ ନିଜକୁ ରକ୍ଷା କରି ତରବରରେ ଲୋକ ଭିତରେ ପଶି-ଗଲେ । କୁଆଙ୍କଠାରୁ ଅବ୍ୟାହତି ମିଳିଲା ।

ଅଫିସରୁ ଫେରି ଘରକୁ ପଶି ଆସିଲାବେଳେ ପୁଣି ସେହି ଶବ୍ଦ ଓ ଉତ୍ପାତ । ଶ୍ରୀଧରବାବୁ ଗୋଟିଏ ଭଲକାମ କରିବାକୁ ଯାଇ ସତେ ଯେମିତି ଚଢ଼େଇଗୁଡ଼ିକର ଶତ୍ରୁ ହୋଇ ପଡ଼ିଛନ୍ତି । ସେ ଦିନ ସନ୍ଧ୍ୟାରେ ସେ ଅନେକ ଚିନ୍ତା କଲେ । ତାଙ୍କୁ ଜଣାଗଲା, ଯେମିତି ପକ୍ଷୀ ଗୁଡ଼ିକ ତାଙ୍କୁ ଭୁଲ୍ ବୁଝିଲେ ।

ତହିଁ ଆରଦିନ ସକାଳେ ଅଧାର ନେଇ ବୁଲିଲାବେଳେ ସେ ସେହି ଶବ୍ଦ ଶୁଣିଲେ । ପ୍ରତ୍ୟେକ ଶବ୍ଦରେ ଯେମିତି ହିଂସା, ବୈରତା ଫୁଟି ଉଠୁଥିଲା । ସେ ଦୁଃଖିତ ଓ ବ୍ୟଥିତ ହୋଇ ସେମାନଙ୍କୁ ସୁହଁ

ଭାବିଲେ, ମଣିଷକୁ ଯେ ମଣିଷ ଖାଇଲି ଭୁଲ୍ ବୁଝେ, ଠିକ୍ ନୁହେ । ପଶୁପକ୍ଷୀ ବୋଧହୁଏ ଭୁଲ୍ ବୁଝନ୍ତି ।

ସେମାନଙ୍କର ଆକ୍ରମଣରୁ ନିଜକୁ ଏଡ଼ାଇବାକୁ ସେ ଅସି ଘରେ ପଶିଲେ । ଲଣ୍ଠ ଦେଖିଲେ, ସେହି ଅଧାରକୁ ସେମାନେ ଗ୍ରହଣ କଲେ । ଭାବିଲେ ମିଳାମିଶା ହୋଇଗଲା ।

ଘଣ୍ଟାଏ ପରେ ବୁଲିଯିବା ବାହାନାରେ ସେ ରାସ୍ତାକୁ ଉଠିଲେ । ପୁଣି ସେହି ଆକ୍ରମଣର ତୋଫାନ । ରାସ୍ତାରେ ଗଲା ଆଇଲା ଲୋକ ମୁହଁ ଦେଖିଲେ ଯେ ଭଦ୍ରଲୋକଟିକୁ ଖୁମ୍ପିବାକୁ କୁଆଗୁଡ଼ାଏ ଭାବି ଧାଇଁଛନ୍ତି ? ଏତେଲୋକ ଥାଉଁ ଥାଉଁ ଜଣକୁ କାହିଁକି ସେମାନେ ବାଛିଲେ ? ବୋଧହୁଏ ଲୋକଟା ଦୁଷ୍ଟ । କୁଆଗୁଡ଼ାଙ୍କୁ ବୋଧହୁଏ ହଇରାଣ କରେ । ସେଥିପାଇଁ ଏ ଆୟୋଜନ ।

ଖଣ୍ଡେ ବାଟ ଗଲେ । କିନ୍ତୁ ଏହି ଆକ୍ରମଣରୁ ଅବ୍ୟାହତି ନାହିଁ । ଶ୍ରୀଧରବାବୁଙ୍କର ସାଙ୍ଗସାଥୀ ଅସି ଯୁଟିଗଲେ ମଜା ଦେଖିବା ପାଇଁ । ଜୀବବଧ ବିଷୟରେ କହୁଥିବା ଲୋକଟିର ଦୁର୍ଗତି ପାଇଁ । ସେ ଯାଇ ଜଣକ ଘରେ ଆଶ୍ରୟ ନେଲେ ଏହି ଲୋକଲଜ୍ଜାରୁ ନିଜକୁ ଲୁଚାଇବା ପାଇଁ ।

ଆଇଲାବେଳେ ଖଣ୍ଡେ ଗାମୁଛା ମୁଣ୍ଡରେ ଦେଇ ଦୋଷୀ ଲୋକ ପରି ଲୁଚି ଲୁଚି ଘରକୁ ଅସିଲେ । ସବୁ ପିତା ଲାଗିଲା ।

ଯେଉଁ ଲୋକ ମଣିଷଠାରୁ ଏତେ ଉପକାର ପାଇ ମଣିଷଜାତିକୁ ଘୃଣା କରୁଥିଲା, ସେହି ଲୋକ ଆଜି ଜୀବଜନ୍ତୁଙ୍କୁ ଦୟା ଦେଖାଇ, ସେମାନଙ୍କର ଉପକାର କରି ତାଙ୍କଠାରୁ ଘୃଣା ଓ ଶତ୍ରୁତା ଅର୍ଜିଛି ।

ସେଦିନଠୁ ସେ ଅଫିସରୁ ଛୁଟି ନେଲେ । ଯେତେବେଳେ ଯଦାକୁ ଆମନ୍ତ୍ର ସେହି ଯୁଦ୍ଧର ଅୟୋଜନ ଆରମ୍ଭ ହୁଏ । ଶ୍ରୀଧର ବାବୁ ଜଣେ ଯେମିତି ଶତ୍ରୁ ।

ଦୁଃଖର ଆଘାତ ପାଇ ପାଇ ତାଙ୍କର ଖିଆଲ ଭାଙ୍ଗିଗଲା । ସେ ବଲବଲେଇ ଉଠିଲେ 'ପର ନିଜକୁ କହିଲେ ଭୁଲ୍ କରିଛନ୍ତି ବୋଲି । ସଂସାରରେ ଯେ ଜୀବନ ପାଇ ବଞ୍ଚିଥାଏ ସେ ତାହାର ପର ବଞ୍ଚି ରହିଥିବା ଲୋକର ଶତ୍ରୁ । ହିଂସା, ଶଠତା, କୁଟବୁଦ୍ଧି ଖେଳାଇ ସେ ତାହାଠାରୁ ସବୁ ରସ ନିଗାଡ଼ି ଦେଇଥାଏ । ମଣିଷ ଯାହା, ପଶୁପକ୍ଷୀ ସେଇଆ ।

ଗୁଣୁ ଗୁଣୁ ହୋଇ ସେ ଈଶ୍ୱରଙ୍କୁ ଜଣାଇଲେ 'ପ୍ରଭୁ ହେ, ଏତେ ବର୍ଷରେ ଗୋଟିଏ ବିଶ୍ୱାସକୁ ଠାଣି କରି ଗଢ଼ିଥିଲି—ଭାଙ୍ଗିଦେଲ । ହାୟ ।'

# ଚକ୍ରବାଳ

ସୁର ପ୍ରତିଦିନ ଦେଖେ—ସୂର୍ଯ୍ୟ ଯେଉଁ ଅଡ଼ୁ ଉଇଁ ଆସନ୍ତି, ସେଇଟା ପୂର୍ବ ଦିଗ । ଯେଉଁ ଅଡ଼େ ଅସ୍ତ ଯାଆନ୍ତି, ସେଇଟା ପଶ୍ଚିମ ଦିଗ ।

ବାପା ଯାଆନ୍ତି କଟକ । କଟକ ଅଛି ତାହାର ଗାଁର ପଶ୍ଚିମକୁ । ବୋଉ ଦିନଯାକ ବସି ଗୁଣୁ ଗୁଣୁ ହେଉଥାଏ—ନାଳବନ୍ଧ ଧରିବେଣି, ପୋଲ ପାରି ହୋଇ ଯିବେଣି, ସମାଧି ଟପି ଯିବେଣି, କଟକରେ ପହଞ୍ଚି ଯିବେଣି ।

ସୁର ପଚାରେ, 'ବୋଉ, ଅଗ ସୂର୍ଯ୍ୟ ବୁଡ଼ିବେ କି ବାପା କଟକରେ ପହଞ୍ଚିବେ ?' 'ନାହିଁ, ବାପା ଅଗ ପହଞ୍ଚିବେ । କି ବେଳ ଲଢ ବଢ ହେଉଥିବ ପହଞ୍ଚିଯିବେ ।' ବୋଲି ବୋଉ କହେ ।

ସୁର ପୁଣି ପଚାରେ, 'ତାହାହେଲେ ବାପା କଣ ସୂର୍ଯ୍ୟଙ୍କଠୁଁ ଚଞ୍ଚଳ ଯାଆନ୍ତି ? ହେଉଥିବ—କେଡ଼େ ଧଇଁସଇଁରେ ଯାଉଥିଲେ ତ ।'

ବାପା ଫେରିଲେ, ସୁର ଆସି ପଚାରେ 'ବାପା ଗଲାଥର ତମେ ଆଗ ହେଲ ନା, ସୂର୍ଯ୍ୟ ଆଗ ହେଲେ ?' ବୋଉ କହୁଥିଲା, ତମେ ଆଗ ପହଞ୍ଚିଲ ପରେ ଯାଇଁ ସୂର୍ଯ୍ୟ ପହଞ୍ଚିଲେ । ମୁଁ ଭାବିଲି ହେଇଥିବ । ବାପା ଭାରି ଧପଡ଼ରେ ଯାଉଥିଲେ—

ବାପା ହସି କହନ୍ତି, 'ହଁ ରେ ସୁର, ମୁଁ ତ ଧାଇଁ ଥାଏ । ସୂର୍ଯ୍ୟ ପହଞ୍ଚିବା ଆଗରୁ ଯାଇ କଟକରେ ହୋଇଗଲି ।'

ସୁର ଗୁହେଁ ତାହାର ବାପା ଅଡ଼େ । ଚପଗ୍ରସି ହେଲେ ବି ସୂର୍ଯ୍ୟଙ୍କ ଆଗରେ ସେ ଯାଇଁ ପହଞ୍ଚିଲେ କଟକରେ । ପୁଅ ସୁର ଭାବିଥିଲା—ସୂର୍ଯ୍ୟ ଦେବତା କଟକରେ ବୁଡ଼ିଯାନ୍ତି । ବାପା ସେଠି ଯାଇ ଗୃହଙ୍କର ଭରି ଟଙ୍କା ଅଣନ୍ତି । ପ୍ରତିଦିନ ଦେଖୁଥିବେ ସୂର୍ଯ୍ୟ କେମିତି ବୁଡ଼ୁଛି । ସେ ଖାଲି ତାହାର ଗାଁ ଦାଣ୍ଡରୁ ଦେଖେ ବହୁତ ଦୂରରେ ଗଛ ଜହାଡ଼କୁ ସୂର୍ଯ୍ୟ ଖସି ଯାଉଛନ୍ତି ଓ ଅନ୍ଧାର ଘୋଟି ଆସୁଛି ।

ପିଲାଟି ମନରେ କଟକ କହିଲେ ହୁଏ ଏଡ଼େ ଜାଗା ସୂର୍ଯ୍ୟଙ୍କର ବୁଡ଼ିଯିବା ଥାନ ଓ ବାପାଙ୍କର ଗୃହଙ୍କର ଥାନ । ସେଠି କବି ସହେ ନାହିଁ । ବାପା ନ ଥିଲେ କଟକ ଗୃଲେ ନାହିଁ । ଭାରି ବଡ଼ ଜାଗା ସେହି କଟକ ।

କେମିତି ସୁର ସେଠି ସବୁଦିନ ରହନ୍ତା, ଆଉ ଗାଁକୁ ଆସନ୍ତା ନାହିଁ । ବୋଉ କହୁଥିଲା ଭାରି ବଡ଼ ଜାଗା କଟକ । ତାହାର ଗାଁଠୁଁ ଦଶ କୋଶ ଦୂର । ସେଠି ବଡ଼ ବଡ଼ ଲୋକ ଅନେକ ଅଛନ୍ତି । ବହୁତ ପକାକୋଠା ଅଛି । ସୁର ମଣିଷ ହେଲେ ସେଠି ରହିବ ।

ଭାରତର ସହର କହିଲେ କଲିକତା ଦିଲ୍ଲୀ ବୁଝାଏ । ସେଠି ଲୋକେ ମନେ କରନ୍ତି କି କଟକ ଗୋଟାଏ ମଫସଲି ଗାଁ—ସହର କୁହାଯାଉଛି ଖାଲି ଭଦ୍ରତା ଖାତିରରେ । କଟକର ବାବୁମାନେ ରେଲ ଚଢ଼ି ଯାନ୍ତି, କଲିକତା ଗଲାବେଳେ ବି ମନେ କରନ୍ତି ସେଇଆଡେ ମଣିଷ ରହନ୍ତି, କଟକରେ ରହନ୍ତି ଅଗାଡ଼ି । ସେଇଆଡୁ ଉତ୍ତର ପବନ ଶୀତ କୁହୁଡ଼ି ଉଡାଇ ଆଣେ । ସେଇଆଡୁ ଫେରନ୍ତା ମେଘ ବର୍ଷି ବର୍ଷି ଚାଲି ଆସେ । ସେଠି ରଜା ରହନ୍ତି, ପଲଟନ ରହନ୍ତି, ମଣିଷ ରହନ୍ତି, ମନ୍ତ୍ରିଷ୍ଟ ରହେ, ଆଉ ନ ରହେ କଣ ?

ଚଉରାସି ପିଲା ସୁର କଟକ କହିଲେ ଯାହା ବୁଝେ, ସୁରର ମା କଟକ କଥା ଭାବିଲେ ଯାହା ସମ୍ଝି ଥାଏ, କଟକର ବଡ ବଡ ମଣିଷ, ଜ୍ଞାନୀ ଓ ପାରଲର ଲୋକେ, ଲୋକଙ୍କ ଘରଣୀ ଓ ପିଲା ଯାନ୍ତି, ବମ୍ବେଇ, କଲିକତା ଆଦି କହିଲେ ପ୍ରାୟ ସେଇଆ ବୁଝନ୍ତି ।

ତାଙ୍କର ଦୃଷ୍ଟି ସେଇ ଉତ୍ତର ଆଡକୁ ରହିଥିଲା ପରି ଗାଁର ସୁର ମଧ୍ୟ ପଶ୍ଚିମ ଦିଗର କଟକକୁ ସେହି ଲକ୍ଷ୍ୟରେ ଚାହିଁ ରହିଥିଲା । ତାହାର ପିଲା ଛାତିରେ କେତେ ଆଗ୍ରହ, କେତେ ଆଶା । କଟକ ଆସିବ, କଟକରେ ରହିବ, ଆଉ ସେଇ ଗାଁକୁ ଫେରିବ ନାହିଁ ।

ନ' ବର୍ଷ ହେଲାବେଳେ ସେ କଟକ ଆସିଲା ବାପା ସାଙ୍ଗରେ । ପିଲାଟା ଚାଲି ପାରିବ ନାହିଁ ବୋଲି ବୋଉ ଗାଁରୁ ଗୋଟିଏ ଗୋରୁଗାଡ଼ି ସଜାଳି କରି ଦେଇଥିଲା, ବାପ ପୁଅ ଦୁହିଁଙ୍କ ପାଇଁ । ସାଥିରେ ମଇଳା ଲୁଗାର ପୁଡ଼ାରେ ବଡି, ଆଚୁର, ଚୂଡ଼ା, ନଡ଼ିଆ, ଅରସାପିଠା ସବୁ ହେଇ କଟକ ସଉଦା ଓ ବାଟ ଖରଚର ବ୍ୟବସ୍ଥା କରା ହୋଇଥିଲା ।

ସୁର ଛାଡ଼ିଯିବ ବୋଲି ବୋଉ ମନରେ ସୁଖ ନାହିଁ, କଟକରେ ରହିବ ବୋଲି ସୁର ମନରେ ଦୁଃଖ ନାହିଁ । ବାପା କଟକ ଛାଡ଼ି କେତେଥର ଯା ଆସ କଲେଣି—ଘର ଛାଡ଼ି କଟକରେ ରହୁଛି, କଟକ ଛାଡ଼ି ଘରକୁ ଆସୁଛି । 'ବୋଉ ଠିକ୍ କହେ, ବାପାଙ୍କ ଛାତି ପଥର—ସବୁ ସହିପାରେ । ଯେଉଁଥିରେ ବୋଉ କାନ୍ଦ ପକାଏ, ବାପା ସେଥିରେ ଟିକିଏ ବି ମନ ମାରେ ନାହିଁ ।'

ସେତେବେଳେ କଟକର ଏବକା ଜାକ ନ ଥିଲା । ଗୋରୁ-ଗାଡ଼ି ଚଳୁଥିଲା । ରାସ୍ତାଗୁଡ଼ାକ ପିଚୁ ପଡ଼ି କଅଁଳିଆ କଳା ହୋଇ ନ ଥିଲା । କଟକ କହିଲେ ବୁଝାଉଥିଲା ଚୂନଘର, ଭୂତିଆର ଜଙ୍ଗଲ, ମାଟିରାସ୍ତା ଓ ମଫସଲିଆ ମଣିଷ ।

ନୂଆବଜାର ପାଖେ ସୁରର ବାପା କହିଲା, 'ହେଇରେ ସୁର, ଏହି ଯେଉଁ ଡେଙ୍ଗା ଦେବଦାରୁ ଗଛ ଦିଶୁଛି, ତାହାର ଆରପାଖେ କଟକ । ସୁର ତନ୍ମୟ ହୋଇ ଦେଖିବାକୁ ଗାଡ଼ି ଭିତରେ ସିଧା ଠିଆ ହୋଇଗଲା । ତାହାର ମୁଣ୍ଡ ବାଜିଲା ଗୋରୁଗାଡ଼ିର ଛାଟି ଘେରା ବାଉଁଶ ଦେହରେ । କପାଳରେ ସେଠି ଖଣ୍ଡିଆ ରହିଯାଇ ସବୁଦିନେ ସୁରକୁ ମନେ ପକାଇ ଦିଏ କି ସେ କଟକ ଆସିଥିଲା ।

ସେଦିନ ତାହାପାଇଁ ଥିଲା କଟକ ଗୋଟିଏ କଳ୍ପନାର ସହର । ସେଠି ଗାଁଠୁ ବଡ଼ଲୋକେ ରହନ୍ତି । ସୂର୍ଯ୍ୟ ସେଠି ପ୍ରତିଦିନ ବୁଡ଼ନ୍ତି । ବାପା ନ ଥିଲେ କଟକ ଚଳେ ନାହିଁ ଠିକ୍ ।

କଟକରେ ରହି ସୁର ଦେଖିଲା, ସୂର୍ଯ୍ୟ କଟକ ସେ ମୁଣ୍ଡରେ ଯାଇ ବୁଡ଼ନ୍ତି । ହଁ—କଟକ ମଝିରେ ବୁଡ଼ିଲେ କ'ଣ ଲୋକ ଆଉ ପ୍ରାଣ ପାଇ ରହନ୍ତେ ? କେଡେ ଧାସ—କେଡେ ତାତି । ବୋଉ-

କଥା ମନେ ପଡେ । ଯେଉଁଠି ସୂର୍ଯ୍ୟ ବୁଡ଼ନ୍ତି ସେ ହେଉଛି କଟକ । ବାପାଙ୍କୁ ପଚାରେ ଗାଁଠା କେତେ ଦୂର ?—ବାପା କହେ, ଯେଉଁଠୁ ଏଣୁ ସୂର୍ଯ୍ୟ ଦେବତା ଉଇଁ ଆସନ୍ତି ସେଣୁ ହେଉଛି ଆମ ଗାଁ । ସୁର ଖୁସି ହୋଇ ଭାବେ, ତାହାହେଲେ ସୂର୍ଯ୍ୟ ଲାଗି ରହୁଛନ୍ତି ତାହାର ଗାଁଠୁ ରହୁବା ଜେଗା କଟକ ଯାଏ ।

ଢ’ ପାଖରେ ନଈ । କାଠଯୋଡ଼ୀ ନଈ ଦେଖିଲାଣି । ବସାରୁ ରୋଜ ଗାଧୋଇ ଆସେ କାଠଯୋଡ଼ି ନଈକୁ । ବାପା କହୁଛି, ବୁଲେଇ ନବ ସେପାଖ ମହାନଦୀ କୂଳକୁ ଦିନେ । କାଠଯୋଡ଼ୀ ନଈରେ ଠିଆ ହୋଇ ଦେଖେ, ଆଗରେ ପୂର୍ବ ଦିଗରୁ ରେଲପୋଲ ଆରପାଖୁ ସୂର୍ଯ୍ୟ ଉଇଁ ଆସନ୍ତି— ତାହାର ବୋଉ ରହୁଥିବା ଗାଁ ଆଡ଼ୁ । ସାମନାରେ ଦୂରର ମସିହା ପାହାଡ଼ ଦିଶେ । ବାପାକୁ ପଚାରିଲେ କହେ, ‘ସେଠି ଠାକୁର ସବୁ ଓହ୍ଲାନ୍ତି ସ୍ୱର୍ଗରୁ । ଆଉର ପଶ୍ଚିମରେ ସେମିତି କଟକ ଆରପାଖେ ଯେଉଁଠି କାଠ-ଯୋଡ଼ି ନଈ ବାହାରୁଛି ସେଠି ସେମିତି ସୂର୍ଯ୍ୟ ବୁଡ଼ି ଯାଆନ୍ତି ।

ଉନାଅଡ଼େ ସେ ସୀମାରେଖା ଦେଖେ । ଆକାଶ ପୃଥିବୀକୁ ଲାଗିଛି । ଗୋଟିଏ ପାଖରେ ଗାଁ, ସାମନାରେ ଠାକୁରଙ୍କର ରହିବା ଥାନ, ଆରପାଖେ ଅଛି ସୂର୍ଯ୍ୟଙ୍କର ବୁଡ଼ିବା ଗାଡ଼ ଓ ସେପାଖେ ମହାନଦୀ ।

ତାହାର କଳ୍ପନାର ପରିସରରେ ରହନ୍ତି କେଇଟି ମଣିଷ— ବାପା ବୋଉ, ଗାଁର ଲୋକେ ଓ ପୃଥିବୀ କହିଲେ ଦେଖେ କଟକକୁ —ଗାଁରୁ କଟକ ।

ଏଠି ସୁର ରହିବ ଓ ବଡ଼ ହବ । ପାଠ ପଢ଼ିବ—ମଣିଷ ହବ ।

ବହିରେ ପଢ଼ିଲା ଚକ୍ରବାଳ କଣ ? ଯେତେଦୂର ପରେ ଆଖି ପୃଥିବୀ ସାଙ୍ଗରେ ଆକାଶକୁ ମିଶିବା ଦେଖି ହୁଏ ସେଇ ହେଉଚି ଚକ୍ରବାଳ । ତାହାର କଳ୍ପନା ଧୀରେ ତେଜି ଉଠେ । ସେ ଦୂରରୁ ଦୂରକୁ ଦେଖିପାରେ । ଗାଁକୁ ଫେରିଲା ବେଳେ ଗାଡ଼ି ଭିତରୁ ଅନେଇ ଥାଏ—ପୃଥିବୀ ଉପରେ ପଡ଼ିଥିବା ଲମ୍ବ ରାସ୍ତାଟି କେମିତି ସରୁ ହୋଇ ଆଗକୁ ପଶିଯାଇଛି । ଯେତେ ଚାଲିଲେ ବି ସରୁ ନାହିଁ । ଯେତେ ପଢ଼ିଲେ ବି ବହି ସରୁ ନାହିଁ । ଯେତେ ଭାବିଲେ ବି ଭାବନା ସରୁ ନାହିଁ ।

ବୋଉ କହେ ସୁର ବଡ଼ ମଣିଷ ହବୁ । କଟକରେ ଭାରି ପଣ୍ଡିତ ଓ ଧନୀଲୋକ ଅଛନ୍ତି ; ତାଙ୍କଠାରୁ ସରସ ହେବୁ । ଧନୀଲୋକ କିଏ କହିଲେ ବୋଉ ବୁଝାଇଦିଏ, ଦୋକାନୀ ଓ ମାରୁଆଡ଼ି । ବହୁତ ଟଙ୍କା ରଖିଛନ୍ତି ଘରେ ଓ ବେଙ୍କରେ । ପଣ୍ଡିତଲୋକ ହେଲେ ମାଷ୍ଟ୍ର ଓ ଓକିଲ । ପାଠଗୁଡାକ ତାଙ୍କ ମୁଣ୍ଡରେ ଖାଲି ଖିଜିବିଜି ହେଉଥାଏ । ବହିରେ ଯୋଡା ଯେତେ ଉଭା ସେତେ ।

ସୁର ଖୁସି ହୁଏ । କେଡ଼େ ସହଜରେ ସେ ବୁଝିଯାଉଛି । ଅନେକ ଦୋକାନୀ ଓ ମାରୁଆଡ଼ି ଦେଖିଲଣି । ସେମିତି ଅନେକ ଓକିଲ ଓ ମାଷ୍ଟ୍ରଙ୍କୁ ବି ଜାଣିଲାଣି

ସେଇଠା ହୁଏ ଭାହର ନୂଆ ଚକ୍ରବାଳ। ନଈ ସମୁଦ୍ରରେ ପଡ଼ୁଛି ବୋଲି ବହିରେ ପଢ଼ିଛୁ ଓ ମାଷ୍ଟ୍ର ବି କହୁଛନ୍ତି। ସେମିତି ସବୁ ବିଦ୍ୟା ଯାଇ ଓକିଲରେ ପହଞ୍ଚି ଯାଉଛି ଓ ସବୁ ଧନ ଯାଇ ମାରୁଆଡ଼ୀ ଠେଇଁ ରହି ଯାଉଛି।

ସୁର ବଡ଼ ମଣିଷ ହେବ। ତାହାର ଆଖି ଆଗରେ କଳ୍ପନାର ଜାଲ ବୁଣି ହୋଇଯାଏ। ସେ ଦେଖେ ଗୋଟିଏ ପାଖରେ ଗାଁ ଓ ଆର ପାଖେ କଟକ। ଗୋଟିଏ ପାଖରେ ମାରୁଆଡ଼ୀ ଓ ଆର ପାଖେ କଟକ।

ଗାଁରୁ ଗଲା ଅଇଲା ବେଳେ ଦେଖେ, ନୂଆ ନୂଆ ଘର ତିଆରି ହେଉଛି। ନୂଆଘର ପୁରୁଣା ହୋଇ ଯାଇ ଝିଙ୍କାଲି ଲାଗି କଳା ଦିଶୁଛି। ରାସ୍ତାରେ ମାଟି ଉପରେ ଗୋଡ଼ି ପଡ଼ୁଛି ଓ ଗୋଡ଼ି ଉପରେ ଅଲକାତରା ବସୁଛି। ମଣିଷଙ୍କର ମୁଣ୍ଡରେ ସେମିତି ଜ୍ଞାନ ସବୁ ଥାକ ଥାକ ହୋଇ ବସି ଯାଉଛନ୍ତି। ଯେତେ ଉପର କ୍ଲାସକୁ ଗଲେ ବି ମାଷ୍ଟ୍ର ବଢ଼ୁଛନ୍ତି। ଓକିଲଙ୍କର ବି ମାଷ୍ଟ୍ର ଅଛନ୍ତି। ମାରୁଆଡ଼ୀଙ୍କର ଟଙ୍କା ଉପରେ ଅସରପି ଗଦା ହେଉଛି। ସବୁ ହେଉଛି କଟକରେ। ଗାଁଅଡ଼ୁ ଗାଡ଼ି, ମଣିଷ, ଟଙ୍କା ସବୁର ଧାଉଡ଼ି କଟକ ଅଡ଼େ।

ବଡ଼ ମଜାଯାଗା କଟକ—ଏହାର ପାଖ ଦେଇ ରେଲ ଯାଉଛି। ମଟରଗାଡ଼ି ଗୋରୁଗାଡ଼ିକୁ ଠେଲି ବାହାର କରି ଦେଉଛି। ଧନୀଲୋକେ ଗରିବଙ୍କୁ ପେଲି ଦେଉଛନ୍ତି। ମାଷ୍ଟ୍ର ପିଲାଙ୍କୁ ପରୀକ୍ଷା କରି କରି କେତେଥର ହଇରାଣ କରିଦେଉଛନ୍ତି।

ରାସ୍ତା ସରୁ ନାହିଁ—ପାଠ ସରୁ ନାହିଁ ବୋଲି କହୁଛନ୍ତି କି, ଦିନେ ସବୁ ସରିଯିବ, ତା ପରେ ସୁର ହୋଇଯିବ ମଣିଷ ।

ସୁର ଓକିଲ ହୋଇଗଲା । ବୋଉ କହୁଥିଲା ସେ ଦେଖି ପାରିଲା ନାହିଁ । ବାପା ଅଧା ଦେଖିଥିଲେ । କେହି ପୂରା ହୋଇ ଦେଖିଲେ ନାହିଁ । ଖାଲି ସୁରକୁ ଦେଖିବେ ବୋଲି ଭାବି ଭାବି ସତେ କି ଝିଙ୍ଗିଗଲେ ।

ଓକିଲ ହେଲେ ମଣିଷ ହୁଅନ୍ତି ନାହିଁ କଟକରେ । ଯେପରି ଉପରକୁ ଗଲେ ଅନ୍ଧାର ଉପରେ ଯାଗା ଅସି ଦେଖା ଦିଏ । ଓକିଲ ହେଲେ ବି ଓଡ଼ିଶାର ଓକିଲ ଦିଲ୍ଲୀରେ ହୁଏ ମଫସଲିଆ—କଟକର ଓକିଲ କଲିକତାରେ ହୁଏ ମୂର୍ଖ । ଓଃ—ଶେଷ ନାହିଁ । ସେଠି ବି ସୂର୍ଯ୍ୟ ଦେଖା ଦିଅନ୍ତି । ସେଠି ଅଜିର ବଡ଼ ବଡ଼ ମଣିଷ ରହନ୍ତି । ସେଠି ଟଙ୍କାର ଝିଙ୍କ, ଜ୍ଞାନର ଝିଙ୍କ ବନ୍ଧୁଯାଏ ।

ନା—ଆଉ ହୋଇପାରିବ ନାହିଁ । ଯେଉଁ ମାଟିରୁ ଯେତିକି ବଢ଼ିଗଛ ହେବା କଥା ହେବ । ସୁର ଆଉ ବାହାରର କଳ୍ପନାକୁ ବଢ଼ାଏ ନାହିଁ, ଛୋଟିଆ କରି ଅଣେ । ବୋଉ କହୁଥିଲା ଏଇ କଟକରେ ମଣିଷ ହେବାକୁ—ଏଠି ଓକିଲ ହେବାପାଇଁ, ନଇଲେ ଦୋକାନୀ ହେବା ପାଇଁ । ଗୋଟିଏ ତ ହେଲା ।

ତଥାପି ଗାଁରୁ ଭଡ଼ାମଟରରେ ଅସିଲାବେଳେ ପ୍ରତିଥର ସେଇ ନୂଆବଜାରଠେଇଁ ସୁରକୁ ଲାଗେ—କଟକ ହେଲା ଅସି । ସେହି କୁଳିଁ ଡେଙ୍ଗା ଦେବଦାରୁ ଗଛ ଆରପାଖେ କଟକ ।

ସେହି ଗଛସବୁ କଟା ହୋଇ ଗଲେଣି । ଧନୀଲୋକେ ମାଡ଼ି ଅସୁଛନ୍ତି । ଗଛଗୁଡ଼ାକ ଲଢ଼େଇକେ ପାରୁ ନାହାନ୍ତି । କୁରାଡ଼ି

ଅଗରେ ଧନକେ କେଜାଣି କେତେ ଉଡ଼ ଯାଉଛନ୍ତି । ଘର ହେଲେ ମଣିଷ ରହିବେ । ମଣିଷ ରହି ସାରିଲେ ତାଙ୍କର ବଗିଚା ହେବ, ଗୋଶାଳା ହେବ, କାରଖାନା ହେବ, ଧାନ କିଆରି ହେବ, ସରକାରୀ ଅଫିସ ହେବ, ମାରୁଆଡ଼ୀଙ୍କର ଗୋଦାମ ହେବ; ନଇଲେ ବଗିଚା ଘର ହେବ । ସୁରର ସେହି ଶ୍ମଶାଣଦିଆ ଗଛ କେଇଟି ଉଡ଼ି ଗଲେଣି । ତଥାପି ସୁର ଆଖିରେ ସେମାନେ ଭୂତପରି ଅସି ଠିଆ ହୋଇଯାନ୍ତି ।

ସୁରର ପିଲାଦିନ କଟକ ମରି ଯାଇଛି । ତାହା ବଦଳରେ ରହିଛି ତାହାର ଦେଖା ପରଖା କଟକର ଗୋଟାଏ ଲଙ୍ଗୁଡ଼—ମାଡ଼ି ଯାଉଛି ତାହାର ଗାଁ ଅଡ଼େ, ଟଙ୍କାର ଗରମରେ ବୋଧହୁଏ । ଯାହା ସେ ପ୍ରଥମେ ଦେଖିଥିଲା, ସେ ତାହାର କଳ୍ପନାର କଟକ । ବଡ଼ କାଉଁଳ, ବଡ଼ ସୁନ୍ଦର, ଗାଁଠୁ ବଡ଼; କିନ୍ତୁ ବେଶୀ ବଡ଼ ନୁହେଁ ।

କଟକରେ ଜଣାଶୁଣା ଲୋକ ହେଲା । ନିଜେ ଘର ମଠର କଲା, ତାହାର ମାଷ୍ଟ୍ରମାନେ ମରି ଉଡ଼ି ଗଲେଣି । ସାଙ୍ଗ ପଢ଼ୁଆ ପିଲାମାନେ ଏଠି ସେଠି ଗୋଟିଏ ଲେଖାଁ ଖୁମ୍ବ ପରି ହୋଇ ଗଲେଣି । ସୁରର ପରାମର୍ଶ ଓ ମତାମତ ନେଇ ଲୋକେ ଗୁଳନ୍ତି । ସହରର ଉନ୍ନତି ଓ ଭବିଷ୍ୟତର କଳ୍ପନାରେ ସୁରକୁ ଭାରି ଖୋଜାପଡ଼େ ।

ଭୋଟ ବେଳ ମଫସଲକୁ ପାଟି ହେଉଛି । ସହରିଆ ଲୋକେ ମଫସଲକୁ ପଚାରୁଁ ନାହାନ୍ତି । ନେତାମାନେ ମଫସଲକୁ ଧାଇଁଲେଣି । ସୁର ବି ଧାଇଁଯାଏ ତାହାର ଗାଁକୁ । ଦେଖେ ସେଠି ଆଉ ସେହି ସୁନ୍ଦର ଗାଁ ନାହିଁ । ଗାଁ ଭାଙ୍ଗି ପଡ଼ିଲାଣି । ସେହି ଗାଁର ଆଉ

ପାଖରୁ ସୂର୍ଯ୍ୟ ଆଜି ଗଛପତ୍ର ଭେଦ କରି ଫୁଟି ଉଠେ ନାହିଁ, ଅସି ଯେମିତି ଅଜାଡ଼ି ହୋଇପଡ଼େ ସୁର ଉପରେ ଓ ତାଙ୍କ ଗାଁ ଉପରେ ।

ଗୋଶାଳାର ଉନ୍ନତି ପାଇଁ ସୁରର ଭାବନା । ସେଠିକି ସେ ଗୋପାଷ୍ଟମୀ ଧନ ଅସି ଭାବେ ,ଏଇଠି ଥିଲା, ସେହି ତାହାର ଦେବଦାରୁ ଗଛ ଗୁଡ଼ିକ । ଏଇଠୁ ସେ ଚାହିଁଥିଲା, କଟକକୁ । କଟକକୁ ଗାଁଠାରୁ ଅଲଗା କରୁଥିଲେ ଏଇଠି ରହୁଥିବା ଗଛଗୁଡ଼ିକ । ସମସ୍ତେ ଗଲେଣି । ସୂର୍ଯ୍ୟଙ୍କୁ ଦେଖି ଦେଖି ତାଙ୍କ କଥା ଭାବିବା ଭୁଲି ଗଲଣି ।

କାଠଯୋଡ଼ୀ ଆର ପାଖେ ପାହାଡ଼ ଯେମିତି ଛୋଟ ହୋଇ ବସି ଯାଇଛି ତଳେ । ସେଠୁ ଆଜି କଣ ଠାକୁର ଓହ୍ଲାଇବେ ? ଲୋକଙ୍କର ଉତ୍ପାତରେ ଠାକୁରେ ବସା ଭାଙ୍ଗି ପଳେଇଲେଣି । ଆଲୁଆଡ଼ୀ ରାଜାଙ୍କ ମାଡ଼ ଆସୁଛି । ସେହି ରାଜାଙ୍କରେ ମଣିଷଗୁଡ଼ାକ ଖାଇବାକୁ ନ ପାଇ ମରକଟିଆ ହୋଇ ଝରପୋକ ପରି ମରି ପଡ଼ୁଛନ୍ତି । ଘରସବୁ ବିକା କିଣା ଚାଲିଛି । ଦୋକାନୀ ଦେଖିଲେ ସମସ୍ତେ ଲାଇଁ ଯାଇ ଓଳଗି ହେଉଛନ୍ତି ।

ସୁରର କଟକର କାଠଯୋଡ଼ୀ ନଈ ଶୁଖି ଗଲଣି । ତାହାର ପେଟଟା ବାଲିରେ ଭରି ଯାଉଛି । ଦ' ପାଖେ ଦୁଇଟି ମଶାଣି— ଗୋଟିଏ ଖାନନଗର ଓ ଆରଟି ସତୀଚଉରା । ସେଇଟା ହେଉଛି ସୁରର ଏବକାର ଚକ୍ରବାଳର ସୀମାରେଖା । ସେଇଠି ତାହାକୁ ଲାଗେ ଆକାଶ ପୃଥିବୀ ସାଙ୍ଗରେ ମିଶୁଛି ନୂଆ ହୋଇ ଓ ମଣିଷ ମିଶୁଛି ଠାକୁରଙ୍କ ପାଖେ ।

# ପଶୁ

କୁକୁରଟି ବୁଝୁ ନ ବୁଝୁ, ତା'ଙ୍କୁ ପଶୁ ବୋଲି କୁହାଯାଏ ଘରେ । ସେ ଗେହ୍ଲା ହୁଏ, ଆଦର ପାଏ, ମାଡଖାଏ, ଗାଳି ଶୁଣେ- ସବୁଥିରେ ଗୋଟିଏ ଧାରା ଜୋଡ଼ି ଦିଆଯାଏ ସେ ପଶୁ । ଅନେକଦିନ ହେଲା ଘରେ ରହିଲାଣି । ଘରର ନୂଆ ଚାକର ମାନଙ୍କଠାରୁ ପୁରୁଣା । ଘରକୁ ଆସିଥିବା କଅଁଳ ପିଲାଟିଠାରୁ ବଡ଼ ଓ ପୁରୁଣା ପିଲାଟି ଜନ୍ମ ହେଲାବେଳେ ମା' ଯେତେବେଳେ କଷ୍ଟ ପାଉଥିଲା, କୁକୁରଟି ସେହି ଦୁଃଖ ସହି ନ ପାରି ନିଜେ ମଧ୍ୟ କାନ୍ଦି କାନ୍ଦି ଘରେ ଜଣକ ପାଖରୁ ଆଉ ଜଣକ ପାଖକୁ ଧାଉଁଥିଲା ଓ ମୁହଁକୁ ଚାହିଁ, ଗୋଡ଼କୁ କାମୁଡ଼ି କହୁଥିଲା ଯେ ଘରେ ଜଣେ ଦୁଃଖ ପାଉଛି ।

ତା'ଙ୍କୁ ପଶୁ କୁହାଯାଏ । ମଣିଷର ଦୁଃଖରେ ମଣିଷ କାନ୍ଦେ ନାହିଁ । ସେ ତାହାର ଜ୍ଞାନରେ ବୁଦ୍ଧିରେ ହୃଦ ଭିତରର କଅଁଳ

ରସକୁ ଶୁଙ୍ଘେଇ ଦେଇ କହେ ସେ 'ମଣିଷ । ପୋଷା କୁକୁର ଟିମି ଗୋଟିଏ ମଣିଷର ଦୁଃଖରେ ଯେତେବେଳେ କାନ୍ଦି ଅସ୍ଥିର ହୋଇ ଏଠି ସେଠି ହେଉଥିଲା ତା'କୁ କୁହା ହେଉଥିଲା ପଶୁ ।

ବାବୁଙ୍କ ଘରର ପିଲାମାନେ ବି ବାବୁ । ସେମାନେ ପିଣ୍ଡାରେ ଠିଆ ହୋଇ ଦେଖୁଥାନ୍ତି ଗୋରୁ ଗୁହାଳରୁ ଫିଟିଲେ ଓ ଗୁହାଳକୁ ଫେରିଲେ । ଗୋରୁ ଦୁଇଟିଙ୍କର ଭାରି ଆଖି, ପାଖରେ ଥିବା କଦଳୀ ବୁଦାଟି ଉପରେ । ଗଛକୁ ସବୁବେଳେ ମୁହଁ ପାଏ ନାହିଁ—କିନ୍ତୁ ପାଖରେ ଥିବା ପୁଅଗୁଡ଼ିକୁ ମା'ଠୁ ନେଇ ନିଜ ପେଟ ଭିତରକୁ ଠେଲି ଦେବାପାଇଁ ସବୁବେଳେ ଚେଷ୍ଟା ।

ସେତକ ଟିମି ଜଗିଥାଏ । ଗାଈର ଟାଣୁଆ ଖୁରା, ମୁନିଆ ଶିଙ୍ଗ, ଓ ଫଁ ଫଁକୁ ଡରେ ନାହିଁ । କାମୁଡ଼ିବାକୁ ମାଡ଼ିଯାଏ । ଭୁକି ସମସ୍ତଙ୍କୁ ଡାକି ପକାଏ—ଆସ, ଧାଇଁ ଆସ । ଏହି ଗାଈମାନେ କଦଳୀ ବୁଦାଟିକୁ ନେଇ ଭୋଜି କରିବାକୁ ବ୍ୟାକୁଳ ।

ବାବୁମାନେ ଚାକରକୁ ଡାକି ପକାନ୍ତି । ଟିମି ଲଢ଼ୁଥାଏ ଏକା ଏକା । କେତେବେଳେ ପଛକୁ ହଟି ଆସିଲାବେଳେ ଗାଈ ଖଣ୍ଡେ ପତ୍ର କି ଗୋଟାଏ କଦଳୀ ପୁଅକୁ ଦାନ୍ତରେ ଭିଡ଼ିନିଏ । ଚାକର ଗାଳି ଖାଏ ଓ ଟିମି ଗୋଇଠା ଖାଏ । କେହି ହେଲେ ବାବୁଙ୍କର ଗୁହାଳ ପାଖରେ ଯତ୍ନରେ ସଂପାଦିଥିବା କଦଳୀ ବୁଦାଟିକୁ ରକ୍ଷା କରି ପାରିଲେ ନାହିଁ । ଘରେ ରହି ଆଉ କଣ କରିବେ ?

ବୁଦ୍ଧିମାନ ଲୋକଙ୍କ ଇଚ୍ଛା ଯେ ସମସ୍ତେ ପଶୁପରି ତାହାର ସଂପତ୍ତିକୁ ଜଗି ବସିବେ । ସେଥିପାଇଁ ମରିବା ଦରକାର ପଡ଼ିଲେ

ଖୁସି ହୋଇ ଝଲି ପଡ଼ିବେ । ତାହାହେଲେ ସେ ଖୁସି ହୋଇ ଗୋଟିଏ ସାର୍ଟିଫିକେଟ୍ ଦେବ—ପଣ୍ଟାଏ ବୋଲି ଏତିକି ବୁଦ୍ଧି ଖଟେଇଲା ।

ବଣ ଜଙ୍ଗଲର ପିଲା । କୁକୁର ଛୁଆଟିରୁ ଏହି ଝିମିଟି ଗୋଟିଏ ସହରରେ ରହି ସହରିଆ ହୋଇଯାଇଛି । ତା'କୁ ମାଟିରେ ଶୋଇବାକୁ ଭଲ ଲାଗେ ନାହିଁ । ଏକୁଟିଆ ବଣବୁଦାରେ ବୁଲିବାକୁ ସୁଖ ଲାଗେ ନାହିଁ । ସେ ଖୋଜେ ପକ୍କା ଘର ଓ ପିଣ୍ଡା । ସେଠି ପୁଣି ତା'କୁ ଖଣ୍ଡେ ଶେଜ ଲୋଡ଼ା ହୁଏ । ଅଖା କି ଛିଣ୍ଡା କମ୍ବଳ ନ ପାଇଲେ ଉପରେ ଶୁଖୁଥିବା ତଉଲିଆ, ଲୁଗା ଅଧ ଖଣ୍ଡେ ଯୋଗାଡ଼ କରି ସେ ବିଛଣା କରେ । ସେ ଖୋଜେ ଦି'ଜଣ ଜଣେ ମଣିଷଙ୍କ ସାଥିରେ ଯାଇ ନଈକୂଳେ, ପାର୍କରେ, ନଇଲେ କୋଠା ଉପରେ ବୁଲିବାକୁ ।

ବାବୁଘର ଝରକା ଭିତରୁ ଜଣେ ବାବୁ ପରି ରାସ୍ତାକୁ ଚାହିଁଥାଏ । ସେଠି ଲୋକେ ଯା ଆସ କରୁଚନ୍ତି । ପରିବା ବିକାଳୀ ଗଲେ ଝିମିର ମନେ ପଡ଼ିଯାଏ ବାବୁଙ୍କର ପରିବା କିଣା ହୁଏ ବୋଲି । ଦି'ଥର ଭୁକି ଦେଇ ଓହ୍ଲେଇ ଆସେ ସିଡ଼ି ଉପରୁ । ପୁଣି ଧାଇଁଯାଏ, ପୁଣି ଓହ୍ଲାଏ । ଏହି ଠାରରୁ ସମସ୍ତେ ଜାଣନ୍ତି କ'ଣ ବିକି ଯାଉଛି ଯେ ଘରେ କିଣିବାକୁ ଝିମି ବିବାଦ କରୁଛି ।

ସହରିଆ ବାବୁଙ୍କ ପରି ଝିମିକୁ ବି ଖାଲି ଭାତ ଦେଲେ ଅରୁଚି ହୁଏ । ସେ ଖୋଜେ ଡାଲି ତିଅଣ । ନ ପାଇଲେ ପଡ଼ିଥିବା ଗ୍ଲେପା-ଛଡ଼ ଖାଇ ସେ ତାହାର ଭୋକ ମେଣ୍ଟାଏ ।

କିଏ ମୁଣ୍ଡ କୁଣ୍ଡାଇଲାବେଳେ ଟମି ଆସି ପାଖରେ ବସି ଦେଖୁଥାଏ । ବୋଧହୁଏ ତାର ଇଚ୍ଛା ହୁଏ ମୁଣ୍ଡ କୁଣ୍ଡାଇବା ପାଇଁ । ମଝିରେ ମଝିରେ ଗୋଟିଏ କଡ଼ା ବ୍ରୁସରେ ତାହାର ଲୋମକୁ ଘସି କଅଁଳ ଓ ସଫା କରାହୁଏ । ଟମିକୁ ଭଣ୍ଡାସିଆ ଲାଗେ—ସେ ଆଖି ବନ୍ଦ କରି ପଡ଼ିଯାଏ । ତାହାର ଇଚ୍ଛା ହୁଏ ଦିନ ଦିନ ଧରି ତାହାର ଦେହ ଖାଲି ବ୍ରୁସ୍‌ରେ ମଜା ହେଉଥାନ୍ତା ।

ଯେବେ ମୁଣ୍ଡ କୁଣ୍ଡାଇଲା ବେଳେ ଟମି ପ୍ରତିଦିନ ବସି ରହେ । ସୁବିଧା ପାଇଲେ ଦର୍ପଣ ପାନଅଣ୍ଟା ଚାଟେ—କିନ୍ତୁ ସୁବିଧା ନ ହେଲେ କୁଣ୍ଡାଉଥିବା ବାରିକଙ୍କର ଗୋଡ଼କୁ ଚାଟୁଥାଏ । ମାଡ ଖାଏ ଯେ ବାମ ବେଳେ ଟମି ଏମିତ ହଇରାଣ କରି କାମରେ ଝଡ କରୁଚି । ତରକି ଯାଇ ପାନଅଣ୍ଟା ଲୋକଙ୍କ ମୁଣ୍ଡରେ ଜୋରରେ ଖେଞ୍ଚି ହୋଇଯାଏ । ଟମି ଖାଏ ଗୋଇଠା ।

ବଣୁଆ ଲୋକେ ସହରକୁ ଆସି ସହରିଆ ପାଲଟିଲା ପରି ଏହି କୁକୁରଟି ସହରିଆ ହୋଇ ଯାଇଛି । ଟିଣ ଦୁଧ, ଚକୋଲେଟ୍ କେକ୍ ଆଦି ତାକୁ ଭଲ ଲାଗେ ଖାଇବାକୁ । ଭଙ୍ଗା ଟିଣ ଦୁଧର ଟିଣରୁ ଲାଗିରହିଥିବା ଦୁଧକୁ ଚାଟି ଚାଟି ସେ ତାହାର ମୁହଁକୁ ଖଣ୍ଡିଆ କରି ରକ୍ତଦାନ ମଧ୍ୟ କରିଚି । ତାହାର ପୋଷିଲା ବାବୁମାନେ ଦାଢ଼ି ଚାଞ୍ଛିଲାବେଳେ ଥରକୁଥର ଖୁରକୁ ନିଜର ମୁହଁର ରକ୍ତ ଦେଇ ମଧ୍ୟ କ୍ଳାନ୍ତ ହୁଅନ୍ତି ନାହିଁ । ଅଶେଷ ମମତାରେ ଖୁରଟିକୁ ପୋଛି ରଖିଦିଅନ୍ତି ।

ସକାଳୁ ଉଠି ଟମି ଚାଲିଥାଏ ଗୋଟିଏ ଝରକା ପାଖକୁ—ସିଢ଼ିଘର ଉପରେ ନିଚ୍ଛଟିଆ ଜାଗାରେ ଥିବା ଝରକାଟି । ସେଠି

ପ୍ରତିଦିନ ଆଠ ନଅ ଘଣ୍ଟା ସେ ବସେ । ପଦାକୁ ଚାହିଁଥାଏ ନଇଲେ ଶୋଇଥାଏ । ଦେଖିବାରେ ତାହାର କ୍ଳାନ୍ତି ନାହିଁ । ଭଲ କରି ରାସ୍ତାର ଲୋକଙ୍କୁ ଦେଖିବାକୁ ଝରକାର ରେଲିଂ ମଝିରେ ମୁହଁଟିକୁ ଭରତି କରି ସେ ଚାହିଁଥାଏ ।

ଘରର ଚାରିଆଡ଼େ ବୁଲା କୁକୁର ଦଳଟିଏ ବୁଦା ଭିତରେ ରହୁଥାନ୍ତି ଦିନ କରି । ଖରା ତାତି ସହନ୍ତି । ବର୍ଷାରେ ଓଦା ହୁଅନ୍ତି । ଶୀତ ଦିନର କାକର ତାଙ୍କର ପିଠି ଉପରେ ଟୋପା ଟୋପା ବୋହୁ ଅସି [illegible] ଘାସର ଭୁକିଁକୁ ଉନ୍ମେଇ ଦିଏ ଟିକ୍ ଗୋଟିଏ କୁକୁରର ଛବି ତିଆରି କରି ।

ଟମିକୁ ହୁଅଇଟା ଭି ଅଶ୍ରା ଲାଗେ । ସେ ଖୋଜେ ଘର କଣରେ ରହିବାକୁ । ବର୍ଷା ପାଣି ଦେଖିଲେ ତାହାର ନାକରୁ ପାଣି ଗଡ଼େ । ସେ ଝରକା ସେପାଖରୁ ବସି କଣ ଭାବୁଥାଏ କେଜାଣି ?

କାମ ଭାରି କମ୍ । କାରଣ ଟମି ଗୋଟିଏ ଛୋଟିଆ ପୁଞ୍ଜିପତିଙ୍କର ଟହଲିଆ । ତାଙ୍କ ଘରେ ଯେଉଁ ପୁରୁଣା ଲୁଗା, ପୁରୁଣା ଟେବୁଲ୍, ଚୌକି, ପୁରୁଣା ବାସନ, ଅଉ ପୁରୁଣା ଘଡ଼ି ଯୋତାଆଦି ଅଛି ସେତକ ରାତିରେ ଜଗିବା ଟମିର କାମ । ଏସବୁ ନେବାକୁ କିଏ ବାହିଁକି ଆସିବ ? ତେଣୁ ଟମିର କାମ ନାଇ । ସେ ବସି ତାହାର ଗୋଡ଼କୁ କାମୁଡ଼ୁଥାଏ ନଇଲେ ରାସ୍ତାକୁ ଚାହିଁଥାଏ ଅବା ଶୋଇଥାଏ ।

ବାରବୁଲାଗୁଡ଼ିକ ନିଜର ପେଟପାଟଣା କରିବାକୁ ଏ ପାଖ ସେ ପାଖ ହେଉଥାନ୍ତି । ଟମି ପରି ତାଙ୍କୁ କେହି ଯାଚି, ନିମନ୍ତ୍ରଣ କରି ଖୁଆଇବେ ନାହିଁ । ସେମାନଙ୍କୁ ଦୂର ରାସ୍ତାରେ ଦେଖିଲେ ଟମି ଗର୍ଜି ଉଠେ ଘର ଭିତରେ ।

ସହରର ବାବୁ ଖାଲି ତାର ପର ଜଣକୁ ଦେଖେ ଓ ଶ୍ରଦ୍ଧା କରେ । ଏହି ବାଗବୁଲି ଉଚ୍ଚାଭିଳାଷିତା ତାହାର ଶାନ୍ତି ନଷ୍ଟ କରି ଦିଅନ୍ତି । ତାହାର ପୁଞ୍ଜି ଉପରେ ଆକ୍ରମଣ କରିବାକୁ ତିଆରି ।

ପୁରୁଣା କଥା ମନେ ପକାଇ ଲାଭ ନାହିଁ । କେବେ ଆମ ବାପ ଅଜା ବଣରେ, ମଫସଲରେ ପଡ଼ିଥିଲେ । ଶିକାରୀ କୁମ୍ଭୀର, ବଣୁଆ ବାଘ ସେମାନଙ୍କୁ ଶିଣ୍ଡିଆ କରୁଥିଲା କି ଖାଇ ଯାଉଥିଲା । ମଞ୍ଜି ତାହାର ଗୋଳିଆ ପାଣିରେ ତାଙ୍କର ଗୁଳିଆ ପଲ୍ଲୀଗୁଡ଼ିକୁ ସପରିବାରରେ ଚିମୁଡ଼ି ମାରି ପରି ଏକଟି ମେଞ୍ଚା ମେଞ୍ଚା କରି ତାହାର ମୁଅରେ ଟେଲି ନେଉଥିଲା ଏଠୁ ସେଠିକି । କେବେ ମହରଅ ସଭ୍ୟ ଲୋକେ ବନ୍ଧୁକ ଟେକି, ବୁଲିସ ଠାରୁ ଧାଇଁ ଆସୁଥିଲେ ତାଙ୍କୁ ଲୁଟି ନେବାକୁ—ତାଙ୍କର କ୍ଷୀଣ--ସ୍ୱାସ୍ଥ୍ୟ ଯୁବତୀମାନଙ୍କୁ ଅବା ଅର୍ଥ-ହେତୁ ଧନ ଦୌଲତକୁ । ସେ କଥା ମନେ ପକାଇ ଲାଭ କ'ଣ ?

ଚମିର ବ ସେଇ ମତ । କେବେ ତାହାର ବାପ ... ସେ ବଣ ଭିତରେ ବାଘ ଭାଲୁଅଙ୍କ ମେଳରେ ଅସହାୟ ହୋଇ ବାନ୍ଧୁଥିଲେ; ପାଇଲେ ଖାଉଥିଲେ । ଘଣ୍ଟାଏ ନ ଥିଲା—ବେଳ ଜାଣି କିଏ ଖୁଆଉ ଥିଲା କାହାକୁ ? ଭବିଷ୍ୟତ ନ ଥିଲା ତ—ସଞ୍ଚୟର କି ପ୍ରୟୋଜନ ? ଆଜ କ'ଣ ଅବା ସଞ୍ଚୟ କରିବେ ?

ଚମି ଆସି କୋଠା ଘରେ ରହିଲାଣି । ସେ ଜାଣେ ବୁଲିବା ଜାଗା କୋଠା ଉପର—ସେଠି ଭଲ ପବନ ଦିଏ । ଚାଣି ପବନରେ ଠାଣି ହୋଇ ଠିଆ ହୋଇ ସେ ପବନକୁ ଶୁଙ୍ଘେ—ପିଇଯିବା ପାଇଁ । ମାଟି ଉପରେ ପାଇଖାନା ନ କରି ସେହି କୋଠାଟିର

ବଡ଼ ଚଟାଣର ଗୋଟିଏ କ'ଣରୁ ସେ ତାହାର ଲଣ୍ଡି ଗଦା କରନ୍ତୁ । ବେଶି ଅସନା ହେଲେ ନିଜେ ବାବୁ ସେଗୁଡ଼ିକ ସଫା କରୁଛନ୍ତି । କି ଦରକାର୍ ଆଜି ସେ ଦୁସ୍ଥ ଅତୀତ କାହାଣୀ ଭାବିବା ?

ବାବୁମାନେ ଭାବୁ ନାହାନ୍ତି ଯେ କେବେ ବିଦେଶୀ ଶାସନରେ ଚାକର ଥିଲେ । ଏବେ ଦେଶ ସ୍ୱାଧୀନ ହେବା ପରେ ଆଶିବୁଜା ବଢ଼ି ଚାଲିଛନ୍ତି । ଶହେ ଟଙ୍କା ପାଉଥିବା ଲୋକ ଦଶ ପ୍ରାଣୀଙ୍କୁ ଝାଅଁଳ, ଖଣ୍ଡେ ପର ମୋଟା କର ସାର ବ ହାତୀଶାଳ ପର ଘରଟିଏ କର ପାରୁଛୁ । ଛାଡ଼—ପୁରୁଣା କଥା ।

ତଥାପି ଟମି ପାଏ ଗୋଟିଏ ସାର୍ଟିଫିକେଟ୍—'ସେ ପଶୁ' । ସେଥିରେ କ'ଣ ଯାଏ ଆସେ ? ଭଲ ଖାଇବାକୁ, ପିନ୍ଧିବାକୁ, ସଜିବାକୁ, ମିଳୁଚି । ହେଲେ ଏବେ ଏଠିକାର କି ଦିଲ୍ଲୀ ଅଲ୍ଲାହାବାଦର ହାକିମମାନେ କହୁଛନ୍ତି 'ଏମାନେ ପଶୁ' । ସେମାନଙ୍କର ତ କିଛି କ୍ଷତି ହେଉ ନାହିଁ । ଟମିର କିଆଁ ଦୁଃଖ ହେବ ? ସେ ବଞ୍ଚି କରି ହାଇମାରେ ଓ ଶୋଇପଡ଼େ ଆରାମରେ । ଏହି ଆନନ୍ଦ କ'ଣ ବଣ ଜଙ୍ଗଲର ସ୍ୱାଧୀନତାରେ ମିଳେ ?

କୋଠାଘର ଭିତରେ ରହି ଟମି ସେହି ବାରବୁଲା ଗୁଡ଼ିଙ୍କୁ କେତେ ଥର ଥଟ୍ଟା କରିଚି—କେତେ ଅନୁକଂପା ଦେଖାଇଚି । ଟମିର ଯୌବନ ଆସିଲାଣି—କୁକୁରର ସୌନ୍ଦର୍ଯ୍ୟ ନେଇ ସେ ଠିଆ ହୁଏ ଝରକା ପାଖରେ । କଅଁଳ ଘନ ଲୋମ—ଯୌବନ-ରଙ୍ଗ ବୋଳା ମୁହଁ ।

କୁକୁର ଗୁଡ଼ିକ ଗଳି ଆରମ୍ଭବେଳେ ଠିଆ ହୋଇଯାନ୍ତି । ତାଙ୍କର ନାକ ପୁଡ଼ା ଫୁଲିଉଠେ । ସ୍ପର୍ଶଧର ପର ପଶୁ ଜଗତରେ

ମଧ୍ୟ ଦେହ ଦେହକୁ ଖୋଜିଲାବେଳେ ଧନ ଦଉଳତର ଅଛି ତୁଚ୍ଛ ପର 'ଜଣାଯାଏ ।

ହେଇ—ଜଗିଥାଅ ଝେମିକୁ ଏହି ଦୁଇମାସ—ବୁଲା କୁକୁରଙ୍କ ସାଙ୍ଗରେ ମିଶି ଝୋପ ହୋଇଯିବ । ଏହି ବାରବୁଲାଙ୍କର ଉତ୍ପାତ ଗୁଡ଼ଏ ଅଛେ । ସହର ବଜାରରେ, ସିନେମା ଥିଏଟରରେ; ବ୍ୟବସାୟ ଗୃହରରେ, ସବୁ ପ୍ରକାରର ସ୍ତରରେ ଏହି ବାରବୁଲାଙ୍କର ଉତ୍ପାତ ।

ବାହାରେ ବାରବୁଲାଙ୍କର କଳରବ ଓ କାକୁତି । 'ଆ—ପଦାକୁ ଆ । ଏଠି ପବନ ସୁଲୁସୁଲିଆ ହୋଇ ବହୁଛି । କଅଁଳ ଖରା ଭାରି ଭଲ ଲାଗୁଛି । ଭୁତିଆଘା ଲାଠାରେ ପ୍ରଜାପତି ଉଡୁଚନ୍ତି । ଗୁନ୍ଦମା ରାତି ଅନ୍ଧାରକୁ ଠେଲି ଠେଲି ଉଡୁଛି ବଣ ବୁଦାକୁ ମଧ୍ୟ......ଏଠି ରହିବାରେ ଅନନ୍ଦ ।' ବାର ବୁଲାଙ୍କର ସଂସାର ଲୋଡ଼ପାଏ ନାଇ । ଯେତେ ଧନ ସଂପତ୍ତି ସଂସାରରେ ବଢ଼ିଲେ ବି ବାରବୁଲା ସରନ୍ତି ନାଇ ।

ଝେମିର ଅଛି ନାଭୁତରେ ପୁଣି ପ୍ରକୃତି ଜାଗିଉଠେ । ସେ ଉତ୍ତର ଦିଏ । ବିକଳ ହୋଇପଡ଼େ କୋଠାଘରର ଶୃଙ୍ଖଳାକୁ ଭୁଲି ପୁଣି ଡେଇଁ ପଡ଼ିବାକୁ ବୁଦା ଭିତରକୁ ।

ଏଠି ସଭ୍ୟତାର ପୋଷାକ ଖୋଲି ବୋହିଗଲା ନଈକୁ ବନ୍ଧାଇ ସେଥିରୁ ହୀରାକୁଦର ବିଜୁଳି ପରି ଶକ୍ତି କାଢ଼ିବାରେ ଲାଗିଛି । ପ୍ରକୃତି କୋଳରେ ଏହି ଜୀବଟି ସେମିତି ମଣିଷଙ୍କର ଆଶ୍ରୟକୁ ଏତେ ଚାହିଁ ଯାଇଛି ଯେ ଛାଡ଼ି ପାରୁନାହିଁ । ଲୋକ ଯେମିତି ଗୃହବାସ, ବ୍ୟାଙ୍କ—ପୁଞ୍ଜିର ଛାଇ, ବା ସ୍ତ୍ରୀ ଧନର ନିର୍ଭରରେ ରହି ଚଳିବା ଶିଖିଗଲେ ସେ ସବୁ ଛାଡ଼ି ପାରେ ନାହିଁ ।

ଜ୍ଞାନୀ ବୋଲାଉଥିବା ଡାକ୍ତର, ଇଞ୍ଜିନିୟର, ବଣୀ, ଓକିଲ ଥରେ ଗୋଟିକୁ ନିର୍ଭର କରିବା ଶିଖିଗଲେ ଯେପରି ମାଡ଼ଗାଳି ଗୋଇଠା ଖାଇଲେ ବି ଆଉ କି ଛାଡ଼ି ପାରନ୍ତି ?

ତଥାପି ଝିମି ତାହାର ବନ୍ଧନକୁ, ଶାସନକୁ ଗୋଇଠା ମାରି ସେହି କୁକୁର ଦଳରେ ମିଶିଯାଏ ନା । ଏହି ଅବାଧ୍ୟତା ପାଇଁ ମାଡ଼ ଖାଏ । କିନ୍ତୁ ବନ୍ଧନକୁ ଠେଲି ଦେଇ ଯିବାକୁ ଅମଙ୍ଗ ହୋଇ ସେହି କୋଠାଘରର ଶିଙ୍କୁଳିରେ ବାନ୍ଧି ହୋଇ ରହେ । ବୋଧହୁଏ ଏହି ବନ୍ଧନରେ ଆନନ୍ଦ ଅଛି ।

ଝିମିର ଛୁଆ ହେବ—କେତେ ଅସନା, ଅଜାତିଆ ଗୁଡ଼ାଏ ହେବେ । ଝିମି ଠା ଅଜାତିଆ ହସିବ ।—ପଶୁଜାତି କ'ଣ ବୁଝେ ?

ମଣିଷ ଛୁଆ କରିବା ଝିମି ଦେଖିଥିଲା । କେତେ ସେବା ଯତ୍ନ । ସେ ସେମିତି ଧାଁ ଦୌଡ଼ କରୁଥାଏ । ଯାହା ମିଳେ ଗିଳିଦିଏ । ପିଲାଗୁଡ଼ାକଙ୍କର ଅନେକ ଦିନ ଆଖି ଫିଟିବ ନାହିଁ । ତା'ଙ୍କୁ ଖାଇ ଜୀଇଁବେ । ତାହାର ଇଚ୍ଛା ହୁଏ ଦନପାକ ଖାଇବା ପାଇଁ ।

ଗୃହସେଠି ଛୁଆ—ନିଜର ଅଣଓସାରିଆ କୋଳରେ ସେମାନଙ୍କୁ ସେ ସ୍ଥାନ ଦେଇଛି । ଭଙ୍ଗା ଦଦରା ଘରଟିର ଉପର ବରଷାରେ ଭଙ୍ଗି ଧରିଗଲାଣି । ଖଣ୍ଡେ ଖଣ୍ଡେ ଚୂନ ଖସେ । ତାହାର କିନ୍ତୁ ଭୟ ନାହିଁ ଏହି ଉପେକ୍ଷିତ ହୋଇ ପଡ଼ିଥିବା ଘରଟିକୁ । ଡର ତାହାର ମଣିଷଙ୍କୁ । ତାହାର ଦୁର୍ବଳ ପଞ୍ଜରାର ଘୋଡ଼ଣୀରେ ସେ ନିଜ

କୋଳତଳେ ଗୁଡ଼େଇଟି ଅନାଥ ଶିଶୁଙ୍କୁ ଭଙ୍ଗାଘରର ଆକ୍ରମଣରୁ ରକ୍ଷା କରି ପାରିବ । କିନ୍ତୁ ମଣିଷ ?......

ଖାଇଲା ପରେ ସବୁ ଦିନ ପରି ତା'କୁ ଡକା ଯାଏ—ଟମି, ଟମି । ଭୋକ ଚମକିଯାଏ ପେଟ ଭିତରେ । ଛୁଆ ଗୁଡ଼ାକ ଟିକିଏ ହଲଚଲ ହୋଇ ଯାନ୍ତି । ତାଙ୍କୁ ଥରେ ଗୁଡ଼ି ଦେଇ ସେ ପୁଣି ଶୋଇରହେ । ପିଲାମାନେ ନିଜର ଭୋକଠାରୁ ବଡ଼ ।

ତାହାର ସେଇ କଳା ମଚ ମଚ ଛୁଆଙ୍କୁ ଦେଖିବାକୁ କେହି ହଁରକା ଯାକେ ଆସିଲେ ଟମିର ଦୁର୍ବଳ ଭୟାର୍ତ୍ତ ଆଖି ହିଂସାରେ ଜଳିଉଠେ । ଧଳା ଦାନ୍ତଗୁଡ଼ାକ ତାହାର ଦିଶିଯାଏ କଙ୍କାଳର ଭୟ ଦେଖାଇ । ଉପର ଓଠ ନାକ ଯାକେ ଉଠିଯାଏ । 'ନେଇ ଯିବେ—ନେଇଯିବେ ସମସ୍ତେ' ।

ଛୁଆଯାକ ଲେବେକେ ଖାଉଥାନ୍ତି—ଥାଳି ଧୂଆ ଗୁଲିଥାଏ । ସେ ପ୍ରତିଥର ଦ'ହା ଗୁରୁହା ଖାଉଥିଲା । ସେ ଛୁଆଙ୍କୁ ଗୁଡ଼ି ସେହି ଅଣା ମେଣ୍ଟାଏ । ଏଣେ ଛୁଆଯାକ ଆନନ୍ଦରେ ଆଉରି ଜୋରରେ ଦୁଧ ଖାଇବାରେ ଲାଗିଯାନ୍ତି । ଦୁଧ ସରି ଆସିଥିଲେ ତା'ର ପଞ୍ଜରା ହେରଗୁଡ଼ାକୁ ଖଣ୍ଡିଆ କରି ଦିଅନ୍ତି ।

ତଥାପି ତାଙ୍କୁ ସେ ଆଉ ଟିକିଏ ଜାକିଧରେ କୋଳରେ । ସେତିକି ତାହାର ସମ୍ବଳ— କାରଣ ସେ ପଶୁ ।

ଅଭ୍ୟାସ କରି ଟମି ତାହାର କୁକୁରଙ୍କ କୃତଜ୍ଞତା ଦିନକୁ ଅନ୍ତତଃ ଥରେ ଦେଖାଉଥିଲା ଘରର ମାଲିକଙ୍କ ପାଖରେ । ସେ

କାମରୁ ଫେରିଲେ ଟମି ତାଙ୍କୁ ସଙ୍ଗୋଳିବାକୁ ଧାଇଁ ଆସେ । ଘରେ ପିଲମାନେ କି ସ୍ତ୍ରୀ କେବେ କେମିତ ଥିଲେ ଥାଆନ୍ତି । କିନ୍ତୁ ଏହି କାମଟିରେ ଟମି କେବେ ହେଲା କରେ ନାଇ । ବାବୁ ଆସିଲାବେଳେ ସେ ଘରେ ନ ଥିଲେ ଦୂରରୁ କେବେ କେମିତ ଧାଇଁଥାଏ ଜୋରରେ— ବାବୁଙ୍କ ଅଗରୁ ଆସି ପହଞ୍ଚିବା ପାଇଁ ।

ଛୁଆ ହେବାର ଦୁଇ ଦିନ ହୋଇ ଗଲଣି । ଟମି ଆସି ଦେଖା କରି ନାହିଁ । ସଞ୍ଜରେ ସେ ଖାଇ ହାତ ଧୋଇଲାବେଳେ ଅନ୍ଧାରରେ ଟମି ତାହାର ଛୁଆ ଗୁରେଟିଙ୍କୁ ଲୁଚେଇ ଦେଇ ଧାଇଁ ଆସିଲା । କୁଇଁ କୁଇଁ ହୋଇ ଦୁଆରେ ଦି'ହାତ ଖାଲି ଗଡ଼ିଗଲା । ସେହି ତାହାର କୁଶଳ, କୃତଜ୍ଞତା, ଦୁଇଦିନ ନ ଆସିବାର କ୍ଷମା ପ୍ରାର୍ଥନା ଓ ଦେଖିବାର ଆନନ୍ଦ ।

ନ ଖାଇ ଫେର ଧାଇଁଗଲା ଛୁଆଙ୍କ ପାଖକୁ । ପୁଣି ଆସିଲା ଦି'ଟା ଖାଇବାପାଇଁ । ବଣର ଆତ୍ମନିର୍ଭରଶୀଳ ପ୍ରାଣୀଟି ଆଜି ସହରର କୋଠାରେ ଭିକାରି ।

ସେହି ଖଣ୍ଡିଆ ଘରର ଦୁଆର ମୁହଁରେ ବସିଥାଏ ଟମି ଭିତରେ ଛୁଆଗୁଡ଼ାକ କେଁ କେଁ ହେଉଥା'ନ୍ତି । ସମସ୍ତେ ମନେ କରନ୍ତି ଯେ ଟମିକୁ ଦୁଧ ଦବାକୁ ପଡ଼ିବ ବୋଲି ଲୁଚୁଚି । ଆଜି ତେଣେ କେହିଗଲେ କାମୁଡ଼ିବାକୁ ଧାଇଁ ଆସୁଚି ।

ମାଡ଼ ଡର ଦେଖାଇ ତା'କୁ ଭିତରେ ଘୁସାଇ କବାଟ ବନ୍ଦ କରି ଦଅନ୍ତି । ଆଜି—ସେ ଭିତରେ ଛୁଆମାନେ ତାକୁ ଝୁଣି ଝୁଣି ଖାଉଥାନ୍ତି । ଏବେ ପଳେଇବ କାହିଁକି ?

ହାତ ପଞ୍ଜୁରେ ଯେତେକ କ୍ଷୀର ସମୁଦ୍ର ଖାଇ ଯାଉଛନ୍ତି ଛୁଆମାନେ ତାହାର ଲାଞ୍ଜ, କାନ, ଗୋଡ଼କୁ କାମୁଡ଼ୁଥାନ୍ତି । ସେ ପ୍ରତିବାଦ କରେ ନାହିଁ । ଏହି ସଭ୍ୟ ସହରର ଜାଣିବା ଶୁଣିବା ମା'ମାନେ ଛୁଆଙ୍କର ଏତିକି ସେବା କରୁଥିଲେ କସ୍ତୁରବା ପାଣ୍ଠିରେ ପ୍ରଚୁର କାହିଁକି ଚାଲନ୍ତା ସେମାନଙ୍କ ପାଇଁ ?

ଗୋଟିଏ ଛୁଆ ମରିଗଲା ।—

ମରିବା ଆଗରୁ ମା' ସାଙ୍ଗରେ ଧାଇଁ ନ ପାରି ଖାଲି ଠାଁ କରେ ବସି କେଁ କେଁ ହେଉଥାଏ । ଝିମି ଯାଇ ଥରେ ଚୁଟିଦିଏ—ଚାଲିଆସେ । ମନେ କରେ ସେହି ଛୁଆଟିର ମା' ସାଙ୍ଗରେ ଧାଇଁବାକୁ ଇଚ୍ଛା ନାହିଁ । ମା'କୁ ଡାକି ଡାକି ମରିଗଲା । ବିଚରା କୋଠାଘରର ଅଇଁଠା ଚାଖି ଶିଖିଲା ନାହିଁ ।

ଝିମି ତା'କୁ ପାଟିରେ କାମୁଡ଼ି ଏଠି ସେଠି ହୁଏ ଆଉ ଚାଟେ । ଲୋକ ସେ ପାଖକୁ ଗଲେ ଗଁ ଗଁ ହୁଏ । ଦେଖାଗଲା ଯେ ଛୁଆକୁ ବଞ୍ଚାଇବା ବାହାନାରେ ଚାଟି ଚାଟି ସେ ଚୋପଣ ଖାଇ ଦେଇ ସାରିଲାଣି ।

ଅରେ—ଦେଖ ଦେଖ । ଝିମି ଏଥର ପାଗଳା ହୋଇଗଲା ବୋଧ ହୁଏ । ନିଜର ଛୁଆକୁ କ'ଣ ପଶୁମାନେ ଖାଆନ୍ତି । ଅର-ଶୁଡାକୁ ବ ଖାଇଯିବ—ମଣିଷକୁ ହୁଏତ ଛାଡିବ ।

ଲମ୍ବା ଠେଙ୍ଗାର ସାହାଯ୍ୟରେ ସେ ମଲାଛୁଆଟି ତାହାଠାରୁ କଢ଼ା ହୋଇ ପାରେନି ଗୁଆଁ ଇ ଦିଆଗଲା । ଝିମି ଦେଖିଲା କିଛି ପାରେନି ତାହାର ପେଟ ଭିତର ଛୁଆକୁ ନେଇଗଲା ।

ବେଳେ ବେଳେ ଠିଆ ହୋଇ ପାରେଗ୍ରାକୁ ଶୁଙ୍ଘେ ।

ଆଉ ଯୋଡ଼ାଏ ମଲେ । ସେମିତି ପାରେଗ୍ରା ଥିବ ପାଖେ ଲୁଚିଗଲେ ତାହାର ଆଖିର ଆଗେ ଆଗେ ।

ଗୋଟିଏ ଛୁଆ ରହିଲା । ଝିମି ତାଂକୁ ଖୁଆଇ ବଳୁଆ କଲା । ଏଇଟି ତାହାର ପାଖେ ପାଖେ ରହିବ । କୁକୁର ଜଗତକୁ ଏତିକି ତାହାର ଦାନ ।

ସୁଙ୍ଘେଇଲି ଘାସ, ଛୁପେଇଲି ଜଙ୍ଗଲ, ଫୁଲର ବାସନା, ପ୍ରଜାପତିର ରଙ୍ଗ ଭିତରେ ସେ ଯାହା ପାଇଥିଲା ସେଗୁଡ଼ିକ ଏମିତିରେ ଗୁଲିଗଲେ । ଆସିଥିଲେ ତାହାର କାନ୍ଦଣା ଭିତରେ ପୁଣି ଫେରିଗଲେ ତାଂକୁ କନ୍ଦାଇ ।

ତଥାପି ବାବୁମାନେ କହନ୍ତି ସେ ପଶୁ—ସେ ହସ କାନ୍ଦ କିଂଣ ଜାଣେ ନାଇ ।

ତାହାର କୌତୁକିଆ ଗୋଟିଏ ଛୁଆଟି ପଡ଼ଶା ଘର ନେଇ-ଗଲେ ପାଳିବେ ବୋଲି । ନେଲାବେଳେ ଝିମିକୁ ଜଣା ନାହିଁ । ଛୁଆକୁ ଗୁଡ଼ିଆଡ଼ ଖୋଜିଲା । ସମସ୍ତଙ୍କ ମୁହଁକୁ ଗୁହେଁ—କିଏ ଚୋରି କରି ଜାଣି ପାରେ ନାଇ । ଏଠି ସେଠି କୁଇଁ କୁଇଁ ହୋଇ କହେ ଛୁଆଟିକୁ ଫେରାଇବା ପାଇଁ ।

ପାରେଗ୍ରାର ଚୂନକୁ ଶୁଙ୍ଘେ ସେମିତି କୁଇଁ କୁଇଁ ହୁଏ । ଏଥି ପାରେଗ୍ରା ତାହାର ଶତ୍ରୁ । ତାହାର କାନ୍ଥକୁ ନିଜର ଦୁର୍ବଳ ଗୋଡ଼ ନଖରେ ସ୍ୱମ୍ଭେ ।

ରାସ୍ତାରେ ଗହଳ । ଗୋଟେ ଛୁଆଟି ପାଖ ପଡ଼ଶା ଘରେ ପିଲାଙ୍କ ସାଙ୍ଗରେ ଖେଳୁଥାଏ । କେତେବେଳେ ମାଂକୁ ଡ଼ାକିବା ପାଇଁ

ତାହାର ଦୁର୍ବଳ ସ୍ୱର କାଢ଼େ, ସେତକ ସଂସାରର ଗୋଳମାଳକୁ ବୁଡ଼େଇ ଉଠି ପାରେ ନାଇ ।

ରାତ ଅଧିକ ହୋଇଗଲା । ରାସ୍ତାର ଗହଳି ଭାଙ୍ଗି ଗଲାଣି । ପଡ଼ଶା ଘରେ ଶୋଇଲେଣି । ଝମିର ନିଦ ଭାଙ୍ଗିଗଲା—ସନ୍ଦେହ ତୁଟିଗଲା । ଛୁଆ କାନ୍ଦୁଛି—ଠିକ୍ ସେହି ପାଚେରି ଆରପାଖେ ।

ଘରଯାକ ଧାଁ ଦଉଡ଼ କଲା । ପାଠିକର, ଭୁକ, ବୋବେଇ ସମସ୍ତଙ୍କୁ ଉଠାଇଲା । ପାଚେରି ଯାଏ ଧାଇଁଯାଏ ଓ ଲୋକଙ୍କ ମୁହଁକୁ ଅନାଏ । 'ଛୁଆଟି ସେ ପାଖରେ ଅଛି—ଦିଅ ।'

ନିଦ ଭଙ୍ଗାଇ ଥିବାରୁ ମାଡ଼ ଖାଇଲା । ଛୁଆଟିର କାନ୍ଦଣା ବନ୍ଦ ହୋଇଯାଏ ପୁଣି ହୁଏ । ଝମି ନ ଶୋଇ ବାହୁନେ । ଘରେ ଶୁଣେ 'ଅଳ୍ପ ଏଇଟା ଆଉ ଶୁଆଇ ଦବ ନାହିଁ—ଗୋଟାଏ ଛୁଆକୁ ଖାଇଗଲା । ଅଳ୍ପ ଦେଖ ପୁଣି ସୋହାଗ ।'

ପାଚେରିର ଖୁବ ଅଡ଼ ନିବୁଜ । ଘରର ସବୁ କବାଟ ବନ୍ଦ । ସେଥିରେ ଝମି ବନ୍ଦୀ । ପାଚେରି ଆରପାଖେ ଠିକ୍ ତାହାର ଛୁଆର କାନ୍ଦଣା—ହଁ, ତାହାର ଛୁଆଟି ।

ସେହି ପାଚେରିର ଗୋଟିଏ ବର୍ଷା ପାଣି ଯିବା କଣା ଥାଏ । ସେଥିରେ ମୁହଁ ପୁରେଇ ଝମି ଅନେକ ସମୟ ରହେ । ଛୁଆ କାନ୍ଦଲେ ବୋବାଏ—କିନ୍ତୁ ସେହି କଣା ଭିତରକୁ ପଶିପାରେ ନାଇ ।

ନିଶୁନ ରାତି—ସବୁଆଡେ ଶୋଇଚନ୍ତି । ଝମିର ଖୋଜାଣ ଘର ଓ ଛୁଆ ରହିଥିବା ପଡ଼ଶା ଘରର ସମସ୍ତେ । ଛୁଆଟି ବେଳେ

ବେଳେ ବୋବାଇ ଉଠେ । ଗହନ ରାତିର ଥଣ୍ଡା ପବନ ସେହି ସ୍ୱରକୁ ବୋହି ଆଣେ ଝମିର କାନ ପାଖକୁ । ଛୁଆଟିକୁ ଶୀତ କରୁଛି, ମା'କୋଳର ଆଶ୍ରୟ ନାହିଁ । ଝମିକୁ ଶୀତ କରୁଛି । ଛୁଆଟି କେଇଦିନ ହେଲାଣି ତାହାର କୋଳକୁ ଉଷୁମ କରିଥିଲା—ନାହିଁ ।

ଗୋଟାଏ ଝିଅଲରେ ସେହି ପାଚେରୀ କଣା ଭିତରେ ଝମି ଗଲା ଯାଇଛି ସେ ପାଖରୁ ତାହାର ଛୁଆଟିକୁ ଉଦ୍ଧାର କରିବ ବୋଲି । ପଶି ଯାଇ ପୂରା ସେପାଖକୁ ଯାଇ ପାରିଲା ନାହିଁ—ଫେରି ପାରିଲା ନାହିଁ । ଅଣଓସାରିଆ ନଳାରେ ତାହାର ଦୁର୍ବଳ ପଞ୍ଜରା ଚିପି ହୋଇ ରହିଗଲା ।

ବାତ୍ସଲ୍ୟର ଯନ୍ତ୍ରା । ଏହାରି ଭିତରେ ତାହାର ପୂର୍ବପୁରୁଷ-ମାନେ ବଣର ଜନ୍ତୁଙ୍କ ସାଙ୍ଗରେ ଲଢ଼ି ଅସହାୟ ଶିଶୁମାନଙ୍କ ପାଇଁ, କେତେ ଥର ମରିଥିଲେ । ମା' ବଞ୍ଚିଥିବା ଯାଏ ଛୁଆମାନଙ୍କର କ୍ଷତି ହୋଇ ନ ଥିଲା । ସେହି ଯନ୍ତ୍ରାରେ ଚିପି ହୋଇ ପଡ଼ିଥିଲାବେଳେ ଛୁଆର କାନ୍ଦଣା ବାଜେ ଆଖି ଆଗରେ । କାନ ଦି'ଟା ଘସି ହୋଇ ଖଣ୍ଡିଆ ହୋଇ ଯାଇଛି ।

ତାହାର ଟିକି ହୃଦୟଟି ପିଲାଙ୍କ ପାଇଁ ବୋଧହୁଏ ଆକାର ପ୍ରକାରରେ ବଢ଼ି ଯାଇଥିଲା । ସେଇଟି ଚିପି ହୋଇ ହାଡ ତଳେ ପୁଣି ସଂକୁଚିତ ହୋଇ ଯାଇଛି ।

ସକାଳ ହେଲାବେଳକୁ ଜଣାଗଲା । ତାହାର ମେଲା ଆଖିକୁ ଦେଖି ସମସ୍ତେ ମନେ କଲେ ସେ ଜୀଇଁଛି । ତାକୁ ମୁକୁଳେଇବା ପାଇଁ ପାଚେରୀର ଇଟା ଭାଙ୍ଗି ବାହାର କଲାବେଳେ ଖଣ୍ଡେ ଭୁଷୁଡ଼ି ପଡ଼ିଲା କୁଢ଼ଟିଏ ହୋଇ ତାହାର ମଲା ଦେହ ଉପରେ ।

ଏହି ଇଚ୍ଛା ଜୀବନର ପାଚେରୀ ତା'କୁ ବାଧା ଦେଉଥିଲା ଯେତେବେଳେ ବୁଲା କୁକୁରମାନେ ଯୌବନର ଗୀତ ଗାଇ ତାହାର ଚେତନା ଭାଙ୍ଗିଥିଲେ । ସେଇ ପୁଣି ତା'ର ଛୁଆକୁ ନେଇଥିଲା । ସେହି ପାଚେରୀ ଆରପାଖେ ଛୁଆ କାନ୍ଦୁଥିଲାବେଳେ ତାହାର ଦୁର୍ବଳ ସ୍ୱରକୁ ପାଚେରୀ ବାଧା ଦେଉଥିଲା ମା ପାଖରେ ନ ପହଞ୍ଚାଇବାପାଇଁ । ସେହି ପାଚେରୀ ପୁଣି ଝୋଟିଏ ମା'କୁ ନିଜ ଛୁଆ ଦେଖିବାକୁ ଗଲାବେଳେ ବାଧା ଦେଇ ଏକାବେଳକେ ନେଇଗଲା ଆର ପୁରକୁ ।

'ଆରେ ଦେଖ—ଝେମିଟା ମରିଗଲା କେମିତି । ଆଃ, ପଶୁଜାତି ତ—କ'ଣ ବୁଝନ୍ତି ?'

ମଣିଷ ତାହାର ଗୋଟିଏ ଛୁଆଟିକୁ ଚୋରାଇନେଲେ—ସେମାନେ ବଳୁଆ ବୋଲି । ତାକୁ ତାହାର ମରିବାର ରାସ୍ତା ଦେଖାଇଦେଲେ—ସେମାନେ ବୁଦ୍ଧିଆ ବୋଲି । ମଲା ପରେ ତା'କୁ ମୁକୁଳେଇବାର ଚେଷ୍ଟା କଲେ—ସେମାନେ ହୃଦୟବାନ୍ ବୋଲି ।

ଧର୍ମା ସାହୁକାର ଟିକ୍ ଏମିତି ମଣିଷକୁ ପଶୁପରି ଗଢ଼ିଦିଏ । ତା'ପରେ ତାହାକୁ ମାରି ସାରି ତାହାର ଶ୍ରାଦ୍ଧରେ ସାହାଯ୍ୟ କରି ନିଜର ଧର୍ମ ଅର୍ଜନ କରେ ଓ ବଡ଼େଇ କରି ବୁଲେ ।

# ଇଗୁଆଇ

ଆଜି ସିନା 'ମନ୍ତ୍ରୀଙ୍କଠାରୁ ଆରମ୍ଭକରି ତାଙ୍କର ପାଳିଆ, ହାଳିଆ, ଓ କୁଲିମାନେ ବି ଓକିଲଙ୍କୁ ଗାଳିଦେବା ଆରମ୍ଭ କରିଦେଇଛନ୍ତି । ସମସ୍ତଙ୍କର' ମତରେ ଓକିଲଙ୍କ ପାଇଁ ଦେଶଟା ଭୁଷୁଡ଼ି ପଡ଼ୁଛି । ନ ଜାଣିବା ଲୋକେ କଥାଟାକୁ ସତ ବୋଲି ଭାବି ଅଧିକେ ଧରି ନେଲେଣି ।

ସବୁଦିନେ ଏମିତି ନ ଥିଲା । ଚବିଶ ବର୍ଷ ଧରି ଭାରତ ବହୁତ ଆଇନ ଅମାନ୍ୟ ଆନ୍ଦୋଳନ ଚାଲିଲା । ଗ୍ରେର ଗାନ୍ଧିଙ୍କଠାରୁ ଆରମ୍ଭ କରି ସାଧୁସନ୍ଥ ଯାଏ ଅନେକ ପ୍ରକାରର ଲୋକେ ଯେତେବେଳେ ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରକୁ ନିକାଲି ଦେବା ପାଇଁ ନାନା ପ୍ରକାରରେ ଆଇନ ଭାଙ୍ଗି ଅଚଳ କରିଦେବାରେ ଲାଗିପଡ଼ିଥିଲେ ସେତେବେଳେ କେଜାଣି କାହିଁକି ଓକିଲଙ୍କର ଦରକାର ହେଉଥିଲା । ଓକିଲମାନେ ବିଭିନ୍ନ ସ୍ଥାନରେ ରହି, କରି କରାଇ,

ସମସ୍ତ ଓ ଶକ୍ତି ଦେଇ ଆଇନ—ଅମାନ୍ୟକାରୀ ଦଳକୁ ଅନେକ ପ୍ରକାରର ସାହାଯ୍ୟ ଦେଇ ସେମାନଙ୍କର ସ୍ନେହ ଓ କୃତଜ୍ଞତାର ଭାଜନ ହୋଇଥିଲେ । ଦେଶର ନେତା ପ୍ରାୟ ଉତ୍କଳ ଗୋଷ୍ଠୀକୁ ଋଣୀ ହୋଇ ଅଛନ୍ତି ।

ଯେତେବେଳେ ଉତ୍କଳ ଅନୁଷ୍ଠାନର ଏହି ପ୍ରକାରର ସୁନାମ ଥିଲା, ସେତେବେଳେ ବନା, କଚେରୀରେ ଚପରାଶି ହୋଇଥିଲା । ସେଠି ରହି ସେ କେତେ ହାକିମଙ୍କୁ ଅମଳ କରିଛି, କେତେ ପ୍ରକାରର ପକ୍ଷ ଓ ଉକିଲଙ୍କର ଭଲମନ୍ଦ କରିଛି ଓ ଦେଖିଛି । କଟକ କଚେରୀର ସେ ଗୋଟିଏ ଖୁଣ୍ଟ ପରି । କଚେରୀରେ ଅନେକ ପ୍ରକାରର ପରିବର୍ତ୍ତନ ହୋଇଛି । ବଡ଼ କୋଠାରୁ ଆସି ଛୋଟ ଟିଣ ଘରେ ଆସି ରହିଛି । ଛୋଟ ଉକିଲଙ୍କୁ ବଢ଼ି ବଢ଼ି ବଡ଼ ହାକିମ ହେବା ଦେଖିଛି । ବଡ଼ ହାକିମଙ୍କୁ ପେନସନ୍ ପରେ ପୁଣି ତାହା ପରି ଚପରାଶି ପିଅନଙ୍କଠାରୁ ହୀନ—ବଳ ଓ ହୀନ-ପରାକ୍ରମ ହୋଇଯିବାର ମଧ୍ୟ ଦେଖିଛି ।

ସବୁଥିରେ ବନାର ଆନନ୍ଦ । ତାହାର ନାଲି ହୋଦାଟା ପକାଇଦେଲେ ତାହାର ଦେହରେ ସତେ କି ବିଜୁଳି ଖେଳିଯାଏ । କଳଗୁଡ଼ାକ ତେଲ କୋଇଲା ଅଭାବରେ ଗୁଳୁଲା ପରି, ହୋଦାଟା ପକାଇଲେ ବନାର ଗଳାରେ ଗର୍ଜନ କରିବାକୁ ବଳ ଆସେ, ମଗଜରେ ବୁଦ୍ଧି ଖେଳିଯାଏ । ସେହି ଗୁହାଳରେ ସେ କଟାଇଥିଲା ଚବିଶି ବର୍ଷ । ପିଅନ ହୋଇ ହାକିମମାନଙ୍କର ବୋଲହାକ କରି, ଉକିଲ ମହକିଲଙ୍କର ଖିଜମତ୍ କରି ତାହାର ଛୋଟିଆ ଟୁଲଖଣ୍ଡକରେ ସେ ବସିରହେ । ଦୂରରେ ଉକିଲ ଠିଆହୋଇଥାନ୍ତି, ବସିବା ସ୍ଥାନ ନଥିବା ବେଳେ ।

କଟକରୁ ସେ ବଦଳି ହୋଇ ନ ଥିଲା । ସେଥିପାଇଁ ସେ ଅନେକ ସମୟରେ ତାହାର ବୁଦ୍ଧିର ଓ ଦୂରଦର୍ଶୀର ତାରିଫ କରି କହେ, 'କେତେ ଇନ୍ଦ୍ର ଗଲେଣି, ବନା ବସିଛି ।'

ସତରେ ବନା ବସିଛି । ଖବରକୁଟି ହେଲେ ଗେଜେଟ୍‌ରେ ହାକିମମାନଙ୍କର ବଦଳି ହୋଇଥିବା ଖବର ବାହାରେ । ବନାର ପୁରୁଣା ହାକିମଙ୍କର ବେଳେ ବେଳେ ବଦଳି ହୋଇଥାଏ । ତାଙ୍କ ଜାଗାରେ ନୂଆ ହାକିମ ଆସିଥାନ୍ତି । ବନା ତାଙ୍କର କାମରେ ଲାଗିଯାଏ । ସେ ବନା ଉପରେ ଖୁସି ହୋଇଯାନ୍ତି ।

ପ୍ରତିବର୍ଷ ଦୁଇଥର ବିଶ୍ୱବିଦ୍ୟାଳୟ ଆଇନ ପରୀକ୍ଷା କରି ଏଁ ଗୁଡ଼ିଏ ନୂଆ ଓକିଲ କଚେରି ଭିତରକୁ ଛାଡ଼ିଦିଏ । ବନା ସେମାନଙ୍କୁ ଦେଖି ଭାରି ଖୁସି ହୋଇଯାଏ । ଏହି ବାବୁ ଗୁଡ଼ିକ କେଇଦିନ ଭାରି ମନ ଉଲ୍ଲସିଆ ହୋଇ ବୁଲିବେ—ତା'ପରେ କଚେରି ତାତି ସହି ନପାରି କେଇଟି ଟାଇଁଲା ଶୁଖିଯିବେ, କିଏ ପଳାଇବେ, ଆଉ ଗୋଟିଏ ଅଧେ କେଉଁଠି ହାକିମ ବନିଯାଇ ଦିନେ ଆସି ବନାର ହାକିମ ହୋଇ କଟକ କଚେରିରେ ହାଜର ହୋଇଯିବେ । ଅନେକଦିନ କାମ କରି ଏହି ଅନୁଭୂତି ବନାର ହୋଇଥିଲା । ସେଥିପାଇଁ ନୂଆ ଓକିଲଙ୍କୁ ପ୍ରଜାପତିଠାଣିରେ ଦେଖିଲେ ବନା ଏକାବେଳକେ ତାଙ୍କର ମୁରବି ପାଲଟିଯାଇ ତାଙ୍କପାଇଁ ତାହାର ହାକିମଙ୍କୁ ସୁବିଧା ଦେଖି କେବେ କେମିତି ଟିକିଏ ସୁପାରିସ କରିଦିଏ ।

ହଁ ନୂଆ ଓକିଲଙ୍କୁ ବନା ବୁଝେଇ ଦେଇ କହେ । ଅମୁକ ବାବୁ, ଅମୁକଙ୍କ ପୁଅ, ଅମୁକ ଜାଗାରେ ଅମୁକ କାମ

କରୁଛନ୍ତି ଯେ ବନା ଚପରାସିକୁ ବର ଖାତିର କରୁଥିଲେ । ବନା ଗୋଟିଏ ଚପରାସିଟିଏ ହେଲେ କ'ଣ ହେଲା, ତାଙ୍କପାଇଁ ଅନେକ ଅସାଧ୍ୟ କାମ କରି ଦେଇଛି । ହାକିମଙ୍କୁ କହି ତାଙ୍କପାଇଁ ନାବାଳକ ମକଦ୍ଦମା ଦୁଇଟା ଯୋଗାଡ଼ କରେଇ ଦେଇଥିଲା; ତାଙ୍କର ଥରେ ଟଙ୍କାର ଭାରି ଦରକାର ପଡ଼ିଥିଲା ବେଳେ ତାହାର ଜଣେ ମହଜିଲ ମହାଜନଠାରୁ ଟଙ୍କାକେ ଦୁଇପଇସା ସୁଧରେ ତିରିଶି ଟଙ୍କା କରଜ କରେଇ ଦେଇ ଥିଲା ଯେ ତାଙ୍କୁ ଶୁଝିବାକୁ ତିନିବର୍ଷ ଲାଗିଲା ।...ଏମିତି ତାହାର ବ୍ୟବହାରର ଓ ଗୁଣର ଝଲକା ।

ମୋଟାମୋଟି ବନା ସମସ୍ତଙ୍କୁ ଭଲ ପାଏ ଓ ସମସ୍ତେ ବନାକୁ ସୁଖ ପାଆନ୍ତି । ସେ ବି ସଂସାରର ଜଣେ ମୁଖିଆ ଓ ଭାରି ଦରକାରୀ ମଣିଷ । ତାହାର ଚେଲା ଅଛନ୍ତି, ତାହାଠାରୁ ଉପକାର ପାଇଥିବା ଲୋକ ଅଛନ୍ତି । ତାହାଠାରୁ ପରାମର୍ଶ ମାଗୁଥିବା ଲୋକ ଅଛନ୍ତି । ଚପରାସି ହେଲେ ବି ସେ ଜଣେ ନଗଣ୍ୟ ନୁହେଁ ।

ପ୍ରତିଦିନ ସକାଳ ସାଢ଼େ ଦଶଟାରେ କଚେରୀ ଲାଗେ । ବନା ଆସି ଘଣ୍ଟାଟିଏ ତାହାର ଜଞ୍ଜାଳିଆ କାମରେ ଲାଗିଯାଏ । ଆସି ପ୍ରଥମେ ସିଲ୍ ମୋହର ଆଦି ରଖାରଖି କରେଇ ଦେଇ ହୋଦାଟାକୁ ଟିକିଏ ସିଧା କରନେଇ ଆଖପାଖ କେସ୍ ଡାକରେ ଲାଗିଯାଏ । ସେ ଗର୍ଭନରେ ବଡ଼ ଜମିଦାର ଓ ରଜାମାନେ ଯେମିତି 'ହାଜର ହାସୁ' ହୁଅନ୍ତି ପରଦାସୀନ ଧନୀ ଘରର ବୋହୂ ଝିଅ ବି ଠିକ୍ ସେମିତି ଏକା ପ୍ରକାରର 'ହାଜର ହାସୁ' କରା ହୁଅନ୍ତି । ତାଙ୍କର ଲୁହର ଚେମେଇ, ଗୁରୁବାରୀ, ସମା, ଶାମା, ଦାମା ବି ଠିକ୍ ସେମିତି 'ହାଜର ହାସୁ' କରା ହୁଅନ୍ତି । କେତେ

ନୂଆ ଓକିଲ୍ କି ଲୋକ ପଚ୍ଚାରିଲେ ବନା କହେ, ଆମର କଚେରୀରେ ହୁକୁମ ଅଛି କି ଏଠି ବଡ଼ ସାନ ଭିତରେ ତଫାତ ରଖା ହେବ ନାହିଁ । ହାକିମମାନେ ଏମିତି ବଡ଼ଲୋକଙ୍କୁ 'ହାଜର ହାପ୍ତ' ଡାକି ଦବାକୁ ହୁଏତ ହାତେ ଦିହାତେ ମାଟି ଭିତରକୁ ଦଶିଯିବେ । କିନ୍ତୁ ଏଇ ବନା ଚପରାସି କେବେ ହେଲେ ପଛେଇ ନାହିଁ କି ଡରି ନାହିଁ । କଚେରୀ ହାଜର ସେ କରାଇ ଅଣିଛି କେତେ ମହା ମହା ଲୋକଙ୍କୁ ।

ତଥାପି ବନାର କଚେରୀରେ ପ୍ରତିଦିନ ସୁବିଧା ମଜ୍ଜିକା ନେଇ ପାଞ୍ଚରୁ ପଚିଶି ଯାଏ ରୋଜଗାର ହୋଇଯାଏ । ପ୍ରତିଦିନ ବନା ମଜ୍ଜିକା ଖୋଜେ । ବର୍ଷକେ କେଇଦିନ ଆସେ, ବାକି ଦିନ ଗୁଜରାଣ ଚଳିଲା ଭଳି । ବନା ସ୍ଲେଟିଆଙ୍କୁ ହାତ ପତାଏ ନାହିଁ । କହେ ରଖିଥା ବାବୁ ତମର କ'ଣ କାମରେ ଲଗିବ ତାକରେ । ଏବେ ସିନା ସ୍ଲେଟ ସ୍ଲେଟ ହାକିମ ଆସୁଛନ୍ତି ଯେ। ତାଙ୍କର ଚଢ଼େଇ କଲିଜା । ଆଗେ ଲୋକଥିଲେ ଦେଖିଲେ ଆଖି ଯୁରିଯିବ । ମଣିଷ ଯେମିତି ହାକିମ ସେମିତି । ସେ ରୋଜଗାର କାହୁଁ ଆସିବ ? ମହକିଲ ତ ହାକିମଙ୍କୁ ଡରନ୍ତି ନାହିଁ । ଆଜି ହାକିମଙ୍କ ବାହନ ବନା, କଣ ପାଇବ ? ଖାଲି ବର୍ଷ ରଖାକୁ ଯାହା ରେଙ୍କାରେଙ୍କି ନବା କଥା—ନଇଲେ ଲକ୍ଷ୍ମୀ ଛାଡ଼ିଯିବେ । ଏଥିରେ କିଛି ଗୋଟିଏ କାମ ହେଉନାହିଁ ।

ଏମିତି ବନା ଅନେକ କଥା କହେ । ଅନେକ କଥା କରେ । ଚବିଶି ବର୍ଷ ଗୃହିରୀ କରି ସାରିଲାଣି, କେଇ ବର୍ଷରେ ଛୁଟି ନେଇ ଗୁଲିଯିବ ଘରକୁ ।

ଜୀବନରେ ତାହାର ଗୋଟିଏ ଦୁଃଖ—ସେଇଟା ତାହାର ସ୍ତ୍ରୀ । ଯେପରିସି ହେଲେ ବି ବାଛି ବାଛି ବୋହୂଟିଏ ଆଣିଥିଲା । ତାହାର ମନରେ ଥିଲା କି ହାକିମିଆଣୀ ଗୁଡ଼ାକ ବଡ଼ କଦାକାର । ସୁନ୍ଦର ହାକିମିଆଣୀ କଦବା ଗୋଟିଏ ମିଳେ । ତାହାର ସ୍ତ୍ରୀକୁ ନେଇ ଯାତ୍ରାଯାତରେ ଗଲାବେଳେ ଲୋକେ ତ କହିବେ ବନାର ସ୍ତ୍ରୀ ବଡ଼ ସୁନ୍ଦର—ବଡ଼ ଗୋରା ।

ସ୍ତ୍ରୀଟିକୁ ଜୀବନର ଆଶୀର୍ବାଦ ବୋଲି ମନେ କରନ୍ତି । ବନା ଜାଣେ ଯେ ତାହାର ଗୋଟିଏ ଜୀବନରେ ଦୁଇଟି ବଡ଼ କଥା—ଗୋଟିଏ ଚାକିରିର ମହିମା, ଆରଟି ସ୍ତ୍ରୀ'ର ମହାତ୍ମ୍ୟ । ସେଥି ଭିତରେ ବନା ଗୋଟାଏ ଅତି ସାଧାରଣ ଲୋକ ।

ସେହି ସ୍ତ୍ରୀ ବନାକୁ ଗୋଟିଏ ପରେ ଗୋଟିଏ ଛ'ଟି ପିଲା ଆଣି ଦେଇଥିଲା । ସେଥି ଭିତରେ ବନା ସାଙ୍ଗରେ ସ୍ତ୍ରୀ'ର ମନ କେତେଦୂର ମିଶୁଥିଲା, ବନା କେବେ ହେଲେ ବୁଝିବାକୁ ଚେଷ୍ଟା କରିନାହିଁ । ସ୍ତ୍ରୀଟା ବଡ଼ ଖର୍ଚ୍ଚୀ । ଯେତେ ପାଏ, ଖର୍ଚ୍ଚ କରେ । ବନାକୁ ଆଉର ଟଙ୍କା ପାଇଁ ଓଜର କରେ । ବନା ଯେଉଁଠୁ ଯାହା ଆଣିଲେ ବି ସ୍ତ୍ରୀ'କୁ ନଅଣ୍ଟ ହୁଏ । ତଥାପି ବନା ଆଖିରେ ସ୍ତ୍ରୀ'ଟି ଗୋଟାଏ ବଡ଼ ପଦାର୍ଥ ।

ଏହି ସ୍ତ୍ରୀ'ଟିକୁ ସନ୍ତୁଷ୍ଟ କରିବାପାଇଁ ବନା କେତେ ବୁଦ୍ଧି ଖର୍ଚ୍ଚ କରି କେତେ କଥା ଭାବନ୍ତି । କଟକର ବଇଶାଖ ଖରା ଅଖାଡ଼ୁଆ ହାଲ ସବୁ ପାର କରନ୍ତି । ଏତେ ମୂଲ୍ୟ ଦେଇ ଯାହାକୁ ସେ ମନେଇବା ଚେଷ୍ଟାରେ ଲାଗିଥିଲା, ସେହି ସ୍ତ୍ରୀ ନିଶ୍ଚୟ ମୂଲ୍ୟବାନ ହୋଇଥିବ—ସନ୍ଦେହ କାହିଁ ଆସିବ ?

କିନ୍ତୁ ସ୍ତ୍ରୀ'ର ସବୁବେଳେ ଅଭିଯୋଗ ଓ ଦୁଃଖ ଯେ ତାଙ୍କୁ ଓ ତାହା ପରି ଲୋକଟିକୁ ଗୋଟିଏ ଚପରାସି ମିଳିଲା । ସବୁବେଳେ ସେ ଖାଲି ବାବୁ ହାକିମ ଖୋଜେ ମନେ ମନେ । କେତେ ଆଶା ତାହାର ମନରେ ଉଠେ । କେତେ ସ୍ୱପ୍ନ, କେତେ କଳ୍ପନା । ସଂସାରଟା ତାହାକୁ ବିଷ ପରି ଲାଗେ । ସେ ପୀଡ଼ାକୁ ସେ ଉଝାଳେ ଚପରାଶି ବନା ଉପରେ ।

ପିଲାଙ୍କୁ ହେପାଜତ୍ କରେ ନାହିଁ । ନିଜର ଦେହ ଓ ମୁହଁର ହେପାଜତ୍‌ରେ ଲାଗିଥାଏ । ପିଲାଙ୍କ ଜଞ୍ଜାଳ ବନା ଉପରେ ପଡ଼େ । ଚପରାସିଟା ଯେତେବେଳେ, ପିଲାଙ୍କୁ କିଆଁ ନ ଚଳେଇବ । ହାକିମଙ୍କ ପିଲାକୁ ଚଳେଇ ନ ପାରିଲେ ହାକିମ କଣ ସୁଖ ପାଉଥିବେ ? ବନା ଆପତ୍ତି କଲେ କଳି ହୁଏ ।

ସେଇଟା ଦୁଃଖର କାହାଣୀ । ପିଲାଙ୍କ ସଂଖ୍ୟା ଅନୁସାରେ ସେ କାହାଣୀଟିର ଆକାର ଲମ୍ବା ଚଉଡ଼ା ଉଭାରେ ବଢ଼ିଯାଏ । ବନା ସେହି କଥା କହୁ ଛାତିରୁ ବୋଝ ହାଲୁକା କଲାବେଳେ ସହାନୁଭୂତି ପାଏ । ସମସ୍ତେ ସ୍ତ୍ରୀ' କଥା ଅଧିକରୁ ଅଧିକ ବୁଝି ବସନ୍ତି । ବନା ସ୍ତ୍ରୀର ଚରିତ୍ରକୁ ସନ୍ଦେହ ନ କରି ଖାଲି ତାହାର ମିଜାଜକୁ ଖୁଣୁଥାଏ ଲୋକଙ୍କ ଆଗରେ ।

ହଠାତ୍ ଦିନେ ବନା ପରି ସ୍ୱାମୀ ଓ ସେତିକଯାକ ପିଲାଙ୍କର ଲୋଭ ଛାଡ଼ି ବନାର ସ୍ତ୍ରୀ' ଘର ଛାଡ଼ି ଆଉ ଜଣଙ୍କ ସାଙ୍ଗରେ ଘରୁ ଚାଲିଲା । ଫେରିଲା ନାହିଁ । ବନା ଉପରେ ଘରର ସବୁ ଭାର ପଡ଼ିଲା ।

ବଡଟା ଯେଉଁ ଧନ ଛାଡ଼ି ପଳାଇଲା ଲୋକଙ୍କର ହଠାତ୍ ଧାରଣା ହେଲା ଯେ ବନାର କିଛି ନାହିଁ ଆଉ ତାହାର ସ୍ତ୍ରୀ'ର ସବୁ ଥିଲା । ବୋଧହୁଏ ସେ କଥା ସତ ଯେ ବନାର କିଛି ନ ଥିଲା ଓ ସ୍ତ୍ରୀ'ର ସବୁ ଥିଲା । ବନା ଭାଙ୍ଗି ପଡ଼ିଲା । ତାହାର ଗଳାର ସ୍ୱର, ଚପରାସି କାମର ହାଙ୍କମାତ, 'ହାଜର ହାୟ' କରିବା ସବୁ ଯେମିତି ଦୁର୍ବଳ ହୋଇ ଉଠିଲା । ତାହାର ଚିନ୍ତା ହଠାତ୍ ଘର ବୋଝପରି ତାହାର ଉପରେ ଅଜାଡ଼ି ହୋଇ ପଡ଼ିଲା ।

ଆଉ ବନାର ବାହାଦୁରି ନାହିଁ । ଯେଉଁମାନଙ୍କ କଥା ନେଇ ସେ ସଂସାରରେ ଆଉ ପାଞ୍ଚଜଣଙ୍କ ଆଗରେ ବଡ଼େଇ କରୁଥିଲା ସେମାନେ ଚାଲିଗଲେ ତାକୁ ଛାଡ଼ି ଦେଇ । ବାକି ରହିଲେ ପିଲା କେଇଟି । ସେମାନେ ମଣିଷ ହେବେ—ବନାର ଦୁଃଖ ଯିବ । ମଣିଷ କରିବାରେ ଲାଗିଲା ।

ଯେଉଁଆଡ଼େ ବନା ଯାଏ ତାହାର ଦୁଃଖର କାହାଣୀ ତାହାର ଆଗରେ ଓ ପଛରେ ଭୂତ ପରି ଚାଲିଥାଏ । ସେହି ନୀରସ ବାଜେ କଥା ଶୁଣି ଶୁଣି ଲୋକେ ବିରକ୍ତ ହେଲେଣି । ବନାକୁ ବି କହି କହି ଧିକ୍‌କାର ଲାଗିଲାଣି । ସେ ଖାଲି ଚାହିଁ ରହେ । ବଞ୍ଚି ରହିଛି ବୋଲି ତାହାର ଚାକିରି । ସେ ବଜେଇ ରଖିଥାଏ ଓ ଯେତିକି ନ ହେଲେ ନ ଚଳେ ସେତିକି କରି ଘରକୁ ଧାଇଁ ଯାଏ ଜଗୁଆଳି କାମ କରିବା ପାଇଁ । ସ୍ତ୍ରୀ'କୁ ଆଣିଥିଲା ଯେ ବୋଝଟାଏ ଥୋଇଦେଇ ଯାଇଛି ।

ବନାର ଜୀବନରେ ନୂଆ ଅଧ୍ୟାୟଟାଏ ଆରମ୍ଭ ହେଲା । ସେଇଟା ତାହାର ଭିକାରିର ଜୀବନ । ଚାକିରି କରୁଛି—ତଥାପି ଭିକ୍ଷା

ଦରକାର ପଡ଼େ । ପିଲାଙ୍କ ପାଇଁ ସବୁ ନଅଣ୍ଟ ହେଉଛି । ସବୁବେଳେ ସ୍ତ୍ରୀଟା ଯାହା ନେଇ ପାରୁ ନ ଥିଲା ତାହାଁରୁ ଅଧିକ ଏବେ ବଢ଼ିଥିଲା ପିଲାମାନେ ଝାଣି ନେଉଚନ୍ତି । ସେଥି ଉପରେ ପୁଣି ବନାର ନଜର ଦେବ ଭାଙ୍ଗି ପଡ଼ୁଛି ।

କଟେଶ୍ୱ ଦାଣ୍ଡରେ ଚିହ୍ନା ଲୋକ ହେଲେ ସେହି ଓଡ଼ିଆ ପଣ୍ଡାଙ୍କ ! ସମସ୍ତଙ୍କୁ ଦେଖିଲେ ହସନ୍ତି, କାହାରକୁ ମୁହଁ ମାର କହୁ କହି ପାରନ୍ତି ନାହିଁ । ସେହିମାନଙ୍କ ପାଖରେ ବନାର ଅନେକପ୍ରକାର ମାଗୁଣିର ତାଲିକା ବାହାରେ । ଘର ଛପର ହେବ, ପିଲାର ସ୍କୁଲ ଦରମା ଦିଆହେବ, ପିଲାର ଔଷଧ ଦରକାର ଇତ୍ୟାଦି ଫରମାସ ପ୍ରତି ଗୃହ ଆଠଦିନରେ ମୁଣ୍ଡ ଟେକି ଚମକେ ।

ଦାନ କରିବାକୁ ବନା ବାଧ କରେ । ସେଥିରେ ତାହା ଦୁଃଖ ପାଇଁ ସେ କଷ୍ଟ କରିବା ଆରମ୍ଭ କରିଦିଏ । ନ ହେଲେ ଚଳିବ ନାହିଁ । କେହି କେହି ଦିଅନ୍ତି । ବିରକ୍ତ ହୋଇ ଅପଣା ଭିତରେ ବନା କଥା କୁହାକୁହି ହୁଅନ୍ତି । ସମସ୍ତେ ବିରକ୍ତ ।

ବନା ଏଣେ କଟେଶ୍ୱ ବାଇଣ୍ଡାରେ ଛକି ରହିଲା ପରି ଥାଏ । ତାହାର ଦାତାମାନଙ୍କୁ ଦେଖିଲେ ଭାର ତରଗଲା ପରି ହୋଇ ଗୋଟିଏ ଲମ୍ବା ଚଉଡ଼ା ନମସ୍କାର ପକାଏ ।

ଏହିସବୁ ଅଦିନିଆ ଦାନକୁ ଛାଡ଼ିଲେ ବି ଦୋଳ, ପୂଜା, ମହରମ ବଡ଼ଦିନ ଆଦି ପ୍ରତି ଉପଲକ୍ଷରେ ସେ ବକସିସ୍ ମାଗେ । ତାହାର ବପରିସି ହିସାବରେ ହେଉଥିବା ମାମୁଲିକୁ ବାଦ୍ ଦେଇ ସେ ଭିକାର ପସରା ପତେଇଲା ।

ଦଶହରା ଆସିଲା । ମାଲ ମାଲ ଚପରାସିଙ୍କର ତାଗିଦା ବକ୍‌ସିସ ପାଇଁ । ଯେ ଥରେ କୌଣସି କାମରେ ଥରେ ଚପରାଶି ପାଖ ଦେଇ ହାକିମ ପାଖକୁ ଯାଇଛି, ସେ ବକ୍‌ସିସ୍ ଦବ । ଏପରି ଅବସ୍ଥାରେ ବନାର ଦାବୀ ଅଛି, ହକ ପାଉଣା ଅଛି । ବର୍ଷ ବର୍ଷ ଧରି ସେ ଆଦାୟ କରି ଆସିଛି । ତେବେ କଥା ହଉଛି ଯେ ବନା କେତେ ମାଗିବ ?

ବନାର ଦେଖା ନାହିଁ । କେଉଁଠି ଥିବ । କାହାଠାରୁ ପାଉଣା ଅଦାୟ କରୁଥିବ । ଦେଖା ନ ହୋଇ ପୂଜା ଛୁଟି ହୋଇଗଲେ ରକ୍ଷା । କିଏ ଜାଣେ ଏଥର ତାହାର କି ଫରମାସ ଥିବ ?

ହଠାତ୍ ଜଣେ ବନା କଥା ପଚାରି ଦେଲା । ଶୁଣିଲା ଯେ ସାତ ଦିନ ହେଲାଣି ସେ ମଲାଣି, ଆମାଶୟରେ ଭୋଗୁଥିଲା । ଗ୍ରହଣୀ ଧରି ଯାଇଥିଲା । ତାହାହେଲେ ସେ ମାଗିବ ନାହିଁ ।

ଜଣ ଜଣ ହୋଇ ସମସ୍ତଙ୍କୁ ସେହି ଖବର ହୋଇଗଲା । ବନା ଆଉ ନାହିଁ । ସମସ୍ତେ ଆହା ଆହା କଲେ । ସମସ୍ତଙ୍କର ଗୋଟିଏ କଥା—ବନା ମାଗିଥିଲେ ଖୁସିରେ ଦେଇଥାନ୍ତେ । ମଣିଷ ଏମିତି ଯାହାକୁ ଦେବାପାଇଁ ବାଉଳା ହେଉଥାଏ ମନରେ, ଠିକ୍ ସେହି-ମାନେ ମାଗିଲେ ସେ ଚିଡ଼ି ଉଠେ ।

ବନାର ଶୂନ୍ୟ ସ୍ଥାନ ଆଉ କେହି ଦଖଲ କରିବେ ନାହିଁ । ତାହାର ପାଉଣା ବକ୍‌ସିସ ପକେଟରେ ପଡ଼ି ପଡ଼ି ବନାକୁ ବୋଧ-ହୁଏ ଖୋଜିବ ।

ବନାର ପୁଅ ଆସି ଦୁଆର ଦୁଆର ବୁଲିଲାଣି ବାପାଙ୍କର ଶ୍ରାଦ୍ଧ ହବ—ସମସ୍ତେ ଯେ ଯାହାର ଦେବା କଥା ଦେଇ ଦେଲେ ବନାର ପୁଅକୁ । ସମସ୍ତେ ଖୁସି, ବନା ତାହାର ଅବର୍ତ୍ତମାନରେ ବ ଆସି ତାହାର ମାମୁଲିଟା ଆଦାୟ କରି ନେଇ ଯାଉଚି ।

# ଆସାମୀ

ଅଗରେ ଓ ପଛରେ ଅଇନ । ଅଇନରେ ସଂସାର ବନ୍ଧା— ରାଜ୍ୟ ଚଳୁଛି ଓ ସଜୁଡ଼ି ରହୁଛି । ଚଳାନ୍ତି ତାକୁ ହାକିମ ।

ଡରଡର ହୋଇ ଇଜ୍‌ଲାସ ଭିତରକୁ ହାକିମ ଉଠିଲାବେଳେ ଆଖି ପଡ଼ିଗଲା ବାଁ ପାଖକୁ— ଲମ୍ବ ହୋଇ ମଣିଷଟିଏ ବାରଣ୍ଡା କଡ଼ରେ ପଡ଼ିଛି । ଦେହ ଢଙ୍କା । ମେଢ଼ୁଆ ସକାଳ ପରି ତାହାର ଦେହ ମଇଳା ଦରବା ଖଣ୍ଡିକରେ ଢଙ୍କା ହୋଇ ଧଳାକାନ୍ଥ ସାଙ୍ଗରେ ମିଶି ଯାଇଛି । ମୁଣ୍ଡ ଉପରେ ଗୋଟିଏ ସିଶା ଲୋଟା । ଲୋଟାରେ ଦଉଡ଼ିବନ୍ଧା । ଓହ୍ଲେଇ ଆଣିବାକୁ ପାଣି ଲୋଟାଟାର—ଏହି ସରଞ୍ଜାମ । ଗୋଡ଼ ପାଖରେ ବୁଢ଼ୀଟିଏ— ବୋଧହୁଏ ମା ହେବ । ଲୋକଟିର ମୁହଁ ଦିଶୁନାହିଁ । ନିସ୍ତ ଆଖିରେ ସମସ୍ତଙ୍କୁ ଚାହୁଁଛି । ସମସ୍ତେ ଯେପରି ତାକୁ ଆଘାତ କରିବାକୁ ତିଆର ।

ସେ ଗୋଟିଏ ଆସାମୀ । ଆସାମୀ ହେବା ଆଗରୁ ଥିଲା ମୂଲିଆ । ଧନକୁ ଛ, ସାତ ସିକିକା ମୂଲ ପାଉଥିଲା । ମୂଲ ବଢ଼ାଇବାକୁ ଆନ୍ଦୋଳନ ହେଲାବେଳେ ସେ ସେଥିରେ ଗୋଟିଏ ପାଲିଆ ସାଜିଥିଲା । ଦଳ ଦଳ ହୋଇ ବାଜ୍ୟସ୍ତର ବାକ୍ୟ-ବାଣ ମାରି ମାରି ଶୋଭାଯାତ୍ରା କଲାବେଳେ କୁଆଡ଼େ ଶାସନ ଟଳିଥିଲା । ପୁଲିସ ଆସିଥିଲା, ହାକିମ ଆସିଥିଲେ; ବନ୍ଧୁକ ଫୁଟି ଥିଲା । ମଣିଷର ରକ୍ତ ଯେତିକି ଯିବାର ଯାଇଛି । ତାପରେ ସେ ହେଲା ଆସାମୀ । ହାକିମଙ୍କ ଦୟାମୟ ହସ୍ତରର ଗୋଟିଏ ଖେଳନା ।

ଯେଉଁ ଜନତା ଉପରେ ଗୁଳି ମାଡ଼ ବସିଥିଲା, ସେହି ପଶୁ-ମେଳାର ସେ ଗୋଟିଏ ପ୍ରାଣୀ । ତାହାର ମିହନ୍ତ ଉପରେ ଧନବାଦୀ ସମାଜର କୋଠା, ମଟର, ବିଳାସବ୍ୟସନ ଛାଡ଼ିଁକି ହେବ, ବୁଝିବାକୁ ଚେଷ୍ଟା କଲାବେଳେ କଥା ନୁହେଁ, ବାଧା ଗୋଇଠା ନୁହେଁ, ବନ୍ଧୁକର ଗୁଳି ଉତ୍ତର ଦେଇଥିଲା । ସେ ଉତ୍ତର ଶୁଣି କଲିଜା କମ୍ପିଛି । କମ୍ପେ କି ନାହିଁ ଜାଣିବାକୁ ହେଲେ ସେ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ, ଯେଉଁଦିନ ହାକିମମାନଙ୍କ କୋଠା,ମଟର ଉପରକୁ ଗୁଳି କମାଣ ଗୁଳିପାରିବ । ସେହି ସୁଦିନ ପର୍ଯ୍ୟନ୍ତ ହାକିମମାନେ ବୁଝି ପାରିବେ ନାହିଁ, ଧନବାଦୀ ସମାଜର ଆସାମୀ କିଏ ଭାବେ ?

ଲୋକଟି ଭାଙ୍ଗି ପଡ଼ିଛି ସେହି ଦିନୁ । କିନ୍ତୁ 'ଶାସନକଳ କ୍ଷମା ଦେଇ ନାହିଁ । ବିପ୍ଳବର ଉଡ଼ାଜାହାଜରେ ଉଡ଼ିବାକୁ ଚେଷ୍ଟା କଲାବେଳେ ପଡ଼ିଯାଇ କ୍ଷତ ଜଖମ ହୋଇ ଯାଇଛି । ସେହିଦିନୁ ଭୟରେ, ଆତୁରତାରେ ନିଜକଥା ଓ ମା କଥା ଭାବି, ଲୋକଟି ରୋଗୀ ହୋଇ ଯାଇଛି । ମୂଲ ଯିବାରୁ ଖାଇବା ଅଭାବ ଘଟିଛି । ମକଦ୍ଦମା ଚାଲିଥିବାରୁ ଶେଷ ପୁଞ୍ଜି ନିଗିଡ଼ା ହେଉଛି । କଟେସ୍ତାର

ଅମଲା, ଓକିଲ, ଚପରାଶି ଓ ଫିସ୍ ତାଙ୍କୁ ଟାଣୁଛନ୍ତି ଜେଲ୍‌ଖାନା ଆଡ଼କୁ । ଜାମିନ୍‌ରେ ଥିଲା ଯେ, ହାକିମ ବୁଝନ୍ତି ଲୋକ ଛଟା ଗାଣ୍ଠୁଛି ଓ କହୁଛି ଜର । ପୁଣି ନାଲି ପଗଡ଼ି ଧରି ଆଣିବାକୁ ଧାଏଁ । ପୁଲିସକୁ ଦେଖିଲେ ସେ ମନେକରେ ବନ୍ଧୁକ ପୁଣି ଗୁଳିବ ।

ହାକିମ ଆସିଲେ ବୋଲି ଭାରି ଡାକହାକ । ଚପରାସୀ ନିଜ ହୋଦା ଟାଣିଦେଲା । ହାକିମଙ୍କୁ ପାଲ୍ଟେଟି ନେବାକୁ ତଳକୁ ଧାଇଁ ଆସିଲା । ଟିଣ୍ଡାରେ ବସିଥିବା ଲୋକେ ଉଠିଗଲେ । ଗଡ଼ଜାତର ରାଜା ଏମିତି କରୁଥିଲେ ବୋଲି ଆନ୍ଦୋଳନ । ‘ମଣିଷକୁ ମଣିଷ ଡରିବା ଉଚିତ ନୁହେଁ’ । ମିଛ କଥା—ହାକିମଙ୍କୁ ଡ଼ରିବାକୁ ହେବ । ତାଙ୍କର ପଛରେ, ଢରରେ, ଆଗରେ ଆଇନ ଥୁଆ ହେଇଛି ।

ଲୋକଟିର ଗୋଡ଼ ହାକିମଙ୍କ ଆସିବା ରାସ୍ତାକୁ । ଅପମାନ ହେଲା ନାହିଁ କଣ ? ହାକିମଙ୍କ ଯୋତା ତେରଛେଇ ହୋଇ ଧାଇଁ ଆସିଲା କ୍ଲାନ୍ତ ରୋଗୀର ଦେହ ଉପରକୁ । ଅଳିଅକୁ ଯେମିତି ଗୋଡ଼ରେ ପୋଛାଡ଼ି ଦଅନ୍ତି ଏ ! ଆସାମୀମାନେ ଯେମିତି ସଂସାରର ଅଳିଅ ! ସେ ଅଳିଅକୁ ଅଳିଆଗଦା ଜେଲ୍‌ଖାନା ଭିତରକୁ ଠେଲିବା ପାଇଁ ଆଇନର ଏଇ ଲୋକ-ଦେଖା ବନ୍ଦୋବସ୍ତ ।

ଜର କଣ ଅସମୀଙ୍କୁ ହୁଏ ? ଜର ସିନା ହାକିମଙ୍କୁ ହେବ । ଛୁଟି ନେବେ ଘରେ ଶୋଇବାପାଇଁ । ଚପରାଶି ଛୁଟିନେବ ହାକିମଙ୍କ ସେବା କରିବାପାଇଁ । ହାକିମଙ୍କ ଘରେ ସିନା ଚହଳ ପଡ଼ିବ । ବଡ଼ ହାକିମ ବ୍ୟସ୍ତ ହୋଇ ବୁଝିବେ । ତଳିଆ ହାକିମ ଡାକ୍ତରଙ୍କ ଘରେ ଧାଇଁବେ । ଆସାମୀର ଏ ସବୁ କି ଫିସାଦ ?

ବୁଢ଼ୀର କରୁଣ ଆଖି ନୀରବ ନିବେଦନ କରି ଚପରାଶିକୁ ଚାହିଁଲା । ହାକିମଙ୍କ ଇଙ୍ଗିତରେ ହିଁ ରୋଗିଣୀ ପୁଅଟାକୁ କେଜାଣି କାଳେ ଗୋଟାଏ ମାରିଦବ ! ବୁଢ଼ୀର ମୁହଁ ଖୋଲି କହିବାର ସାହସ ନାହିଁ । ହାକିମ ଆଜି ତାଙ୍କ ବିଚାରର ରାୟ ଶୁଣାଇବେ । ବୁଢ଼ୀ ଆସିଛି ବୁଝିବାପାଇଁ ଯେ, ତାର ମୂର୍ଖ ନିଶାପରେ ଯେଉଁ ଲୋକ ନିର୍ଦ୍ଦୋଷ, ସେ ହାକିମଙ୍କ ପାଠୁଆ ବିଚାରରେ କଣ ହେଉଛି ?

ଚପରାସୀର ଡୋରିରେ ଲୋକଟା ଉଠି ବସିଲା । ମା'କୁ ଅଭିଜ୍ଞ ଲାଲ୍ ଲାଲ୍ ଆଖି କରି ଚାହିଁଲା । ଜ୍ୱରର ଗରମରେ ଆଖି ମନ୍ଦାରଫୁଲିଆ ହୋଇଯାଇଛି । ଝାଙ୍ଗୁଆ କହରିଆ ବାଳପୁଞ୍ଜିକ ଠିଆ ଠିଆ । ଓଠ ଶୁଖିଯାଇଛି । ନାକପୁଡ଼ା ଫୁଲୁଛି ।

'କଚେରୀ ପିଣ୍ଡାଟା ଡାକ୍ତରଖାନା ନୁହେଁ' । ଲୋକଟି ପୁଣି କରୁଣ ଆଖିରେ ଚାହିଁଲା । ମୂଲିଆଠାରୁ ହୀନ ଚପରାସୀ ଧମକେଇ ପାରୁଛି । ବନ୍ଧୁକର ଗୁଳି ଡରେଇ ଥିଲା । ପୁଲିସର ଜୁଲମ ଛଟେଇଥିଲା । ଚପରାସୀ ବି ଥରେଇ ପାରୁଛି ।

ଚିତ୍କାର ନାହିଁ । ମେରୁଦଣ୍ଡ ନ ଥିବା ପ୍ରାଣୀ ପରି ମୁହଁରୁ କଥା ବାହାରୁ ନାହିଁ । ଚପରାସୀ ଦରମା ନ ବଢ଼ିଲେ କୁଆଡେ ଝଡ ବହେ । ହାକିମଙ୍କର ଉନ୍ନତି ନ ହେଲେ ଶାସନକଳ ଭାଙ୍ଗିଯିବାର ଗୁଜବ ଉଠେ । ଘରେ ରହିବା ଖାଇବାର ସୁବିଧା ଦିନକୁ ଦିନ ବଢ଼ୁଛି । ପଢ଼ିଲା ହାକିମ ମୋଟା ହେଉଛନ୍ତି; ବ୍ୟାଙ୍କରେ ଜମା ବଢ଼ୁଛି; ହାକିମଙ୍କର କ୍ଷମତା ବଢ଼ୁଛି; ଏଇ ଅନ୍ୟାୟ, ଅତ୍ୟାଚାରର ବିଭିନ୍ନ ଅସ୍ତ୍ର ଚଳାଇ ଚଳାଇ ।

ହାକିମ ପଢ଼ୁଛନ୍ତି ନିଜ ଲେଖିଥିବା ରାୟକୁ, ନିଜ ହାତରେ ମାରିଥିବା ପଶୁକୁ ଶିକାରୀ ବୁଲେଇଚାଲେଇ ଦେଖିଲା ପରି । ହାକିମଙ୍କର ଟ୍ରେନିଂ ହୋଇଛି । ପଢ଼ିଲାବେଳର କଅଁଳିଆ ମୁହଁ, ଦରଦୀ ହୃଦୟ କମାଠ ବାନ୍ଧ ମୁଣ୍ଡା ପଥର ପାଲଟିଛି ।

ହାକିମ ସିଗାରେଟଟିଏ ଲଗାଇ ଖୁସି ହେଉଥିଲେ । ମୁହଁରେ ହସ—ଅସାମୀକୁ ଦଣ୍ଡ ଦେଇ ପାରୁଛନ୍ତି । ବଡ ହାକିମ ଖୁସି ପାଇବେ । ଗୃହକାମରେ ଉନ୍ନତି ହେବ । ତଅଣ ସାଙ୍ଗରେ ଭଜା ଖାଇ ହେବ । ପିଲାମାନେ ଦୁଧ ପିଇ ପାରିବେ । ମଣିଷକୁ ଅସାମୀ ତିଆରି କରିପାରୁଛନ୍ତି । ଅସାମୀକୁ କଏଦୀ କରିପାରୁଛି । ହାକିମଙ୍କର ଉନ୍ନତି କରାଇ ପାରୁଛି । ଆଇନ ନ ଥିଲେ ଏସବୁ କି ସମ୍ଭବ ?

ଅସାମୀ ଭାବୁଥିଲା, ମାଗିବା କଣ ଦୋଷ ? ହାକିମ ଉନ୍ନତି ମାଗୁଛନ୍ତି । ବେପାରୀ ବେପାର ମାଗୁଛି । ରଜା ରାଜୁତି ଚାହୁଁଛନ୍ତି । ସେ ମାଗିଥିଲା ନିଜର ପାଉଣା ।

ତାକୁ ଡର ଲାଗିଲା । ମୁହଁକୁ ସିଗାରେଟ ଲଭୁ ନାହିଁ । ନୂଆ ପେସ୍କାରକୁ କହୁଲେ ଦଣ୍ଡକଥା ଶୁଣେଇ ଦେବାକୁ । ରୋଗୀ ମୂକ । କିନ୍ତୁ ବୁଢ଼ୀମା କାନ୍ଦ ଉଠିଲା । ପୁଅ ଯିବ ଜେଲକୁ । ଧଇଡା ସ୍ୱର୍ଗରେ । ଦେହରେ ବଳ ନାହିଁ । ସବୁ ସରିଲାଣି । ସେ ବଂଚିବ କେମିତି ?

ସେହି କଠୋର ହସ ହସି ହାକିମ ଚପରାସୀକୁ କହିଲେ, ପୁଲିସ ହେପାଜତରେ ଅସାମୀକୁ ଦେବାପାଇଁ ଓ ବୁଢ଼ୀକୁ ବାହାର କରି ଦେବାକୁ । ଅସାମୀ ଦୋଷ କରିଛି—ତାର ମା କାନ୍ଦିଲେ ଘରେ ଯାଇ କାନ୍ଦୁ ।

ଅଜାଣତରେ ପିଲା ପେସ୍କାର ଆଖିରୁ ଲୁହ ଗଡ଼ିଆସିଲା । ହାକିମ କହିଲେ, "ପିଲାଲୋକ ତୁମେ । ନୂଆକରି ଦେଖୁଛ ବୋଲି କଅଁଳ ଲାଗୁଛି । ସହି ହେଉ ନାହିଁ । ଜଜ ସାହେବ ଫାଶି ହୁକୁମ ଦିଅନ୍ତି । ଆଇନ ବଳରେ ମଣିଷକୁ ଲଟକେଇ ଦିଅନ୍ତି । ବଂଚିବାକୁ ହେଲେ ଓଠରେ ହସ ଖେଳାଇ ଏମିତି କର୍ତ୍ତବ୍ୟ କରାଯାଏ ।"

ମଣିଷ ଆଇନ ଗଢ଼ିଛି—କଣ କରିବାକୁ ହେବ, କେମିତି କରିବାକୁ ହେବ, କହି ଦେଇଛି । ସେଥିରେ ଅନ୍ୟାନ୍ୟ ଜିନିସ ସବୁ ବାଜେ କଥା ।

# ମାଳୀ

ରାସ୍ତା କଡ଼ର ଗଛଟି ପରି ଗୋପାଳ ଠିଆ ହୋଇଛି । ଗଛପରି ମାଟିରୁ ରସ ଟାଣେ । ଦେହରେ ବଳ ଧରେ । ଗଛପରି ପତ୍ର ଝଉଁଲେ, ଆଉ ଝଡ଼ିଯାଏ । ଫୁଲ ଫଳ ହୋଇ ପୁଣି ଭୂଇଁରେ ଖସିପଡ଼େ । କେହି କେହି ଆସି ଆଶ୍ରା ନିଅନ୍ତି । ଚଢ଼େଇଗୁଡ଼ାଙ୍କର ମଜଲିସର ସିଂହାସନ ହୁଏ । ଲୋକଙ୍କ ଆଖିରେ ପଡ଼ି ନ ପଡ଼ିଲା ପରି ତାହାର ଭାଗ୍ୟ । ସେହି ରାସ୍ତାକଡ଼ର ଗଛମୂଳେ ଗୋପାଳର କୁଡ଼ିଆ । ଆଉ ତାହାର ଗୃହାଳୀ ।

ସଂସାରର ମୂଳହୁଅ ଯେଉଁଠୁ ପଡ଼େ ସେଇ ସ୍ଥାନଟିକୁ ମନେ ରଖିବାର, ବନ୍ଧେଇ ରଖିବାର ପ୍ରୟାସ ମଣିଷ ହାତରେ ହୁଏ ନାହିଁ । ଲୋକେ ଏନୁଡ଼ଶାଳ ଭୁଲନ୍ତି, ଗାଁ ଗୃହାଳୀକୁ ଭୁଲନ୍ତି । ଯେଉଁଠି ପାଣି ପବନ ପିଇ ମଣିଷ ହୋଇଥିଲେ, ସେ ସ୍ଥାନକୁ

ଭୁଲନ୍ତି । ଯେ ପାରିଯାଏ ସେ ବଡ଼ ହୋଇଯାଇ ଅନ୍ୟଜାଗାରେ କୋଠା ତୋଳେ ଗାଁଠୁ ଦୂରରେ । ନାକ ଟେକି ନ ଟେକିଲା ପରି, ବାଧ୍ୟରେ ମନେ ପକାଇଲା ପରି, ଅଦରକାରି ଜନସଙ୍କୁ କର୍ତ୍ତବ୍ୟ ଅନୁରୋଧରେ ହେଜିଲା ପରି, କେବେ କେମିତି କହେ ନିଜ ଗାଁ କଥା ।

ଗାଁରୁ ଏମିତି କେତେ ଲୋକ ଚାଲି ଗଲେଣି । ଗୋପାଳର ଚାହାଳୀ ଭିତର ଦେଇ । ଗୋପାଳକୁ ଗୁରୁ ବୋଲି ଡାକି କେତେ ପୁଅ ଝିଅ ଗାଁ ଦାଣ୍ଡରୁ ବାହାରି ଗଲେଣି । କାହାରି ମନେ ପଡ଼ୁନାହିଁ ସେହି ରାସ୍ତାକଡ଼ର ଚାହାଳୀ କଥା । ସତେ ଯେମିତି ପିଲାଙ୍କ ଭୂଗୋଳ ପରି ନଈଗୁଡ଼ିକ ଛୋଟ ପାଣିଧାରରୁ ବଢ଼ି ବଢ଼ି ସମୁଦ୍ରରେ ବଡ଼ ହୋଇ ମିଶେ । ଦେଖି ଦେଖି ଗୋପାଳ ଜାଣିଲାଣି ଯେ ତାହାର ଗାଁର ପିଲାଗୁଡ଼ିକ ତାହାରି ହାତରୁ ଖସି ମଣିଷ ହେଉଛନ୍ତି ସଂସାରରେ—ମୋଟାମୋଟି ଯେମିତି ହେଉଛନ୍ତି ଧନୀ ମାନୀ ମଧ୍ୟ ସେମିତି ହେଉଛନ୍ତି । ଶେଷରେ ତାର ଛାତି ଫୁଲି ଉଠେ ମୋ'ର ପିଲାତ ।

ଦିନେ ଗାଁ'ଟିର ଡାକହାକ ଥିଲା । ଲୋକ ଗହଳି ଥିଲା । ପୁରୁଣା ଗଛଗୁଡ଼ାକ ମଲେଣି । ଗାଁ'ର କଅଁଳିଆ ପୁଅ ଗୁଡ଼ାକ ସହରରେ ମଣିଷ ହେଉଛନ୍ତି । ଗୋପାଳର 'ଚାହାଳୀଟି ପାଖ ଗଛଟିର ସଢ଼ା ପତରରେ, ଆଉ ତାହାର ଭିତରର ଦୈନ୍ୟରେ ଲୁଚିଇ ହେଇ ପଡ଼ିଲା ପରି ହେଉଛି । ଆନ୍ଦୋଳନ ଲାଗିଛି ଯେ ତାର ପରି ମାଷ୍ଟ୍ରଙ୍କର ଦରମା ବଢ଼ାଇବା ପାଇଁ ।

ସତ କଥା ତ । ଘର ଚଳୁନାହିଁ । ପ୍ରତିବର୍ଷ 'ନୂଆବର୍ଷର ଟିକସ' ଭଳି ଗୋଟିଏ ଭଲଟି ଟିକସ ଲାଗୁଛି । ଚାରିଆଡ଼େ

ଇସ୍କୁଲ୍ ବଛେଇ ହୋଇ ପଡ଼ୁଛି । ଭଲ ପଢ଼ାଇବା ବିଜ୍ଞାପନ ଦେଇ ଗୋପାଳ ଉପରେ ଭାର ପଡୁଛି ପଢ଼ିବାକୁ ରାଜି ନଥିବା ପିଲାଙ୍କୁ ଆଣି ପଢ଼ାଇବା । ଉଃ—କି କଠୋର କର୍ତ୍ତବ୍ୟ ।

ଶଗଡ଼ ଗୁଲିଲା ପରି, ନଈ ବହିଲା ପରି, ଗଛ ବଢ଼ିଲା ପରି କର୍ତ୍ତବ୍ୟ ତାହାର ଚକକୁ ଗଡ଼େଇ ଚାଲୁଛି । ତାହାର ଛାତ୍ରଗୁଡ଼ାକ ଛୋଟ ବଡ଼ ଇସ୍କୁଲରେ, ସରକାରୀ, ବେସରକାରୀ କଲେଜରେ, କମ୍ପାନୀ ଓ ସରକାର ଦପ୍ତରରେ କେଜାଣି କେତେ ବଡ଼ ହୋଇ ଗଲେଣି । ସେ ଶୁଣେ ସେମାନେ ଶହ ଶହ ପିଲାଙ୍କୁ ମଣି କରୁଛନ୍ତି । ଶହ ଶହ ମଣିଷଙ୍କୁ ଚଳାଉଛନ୍ତି । ମା ଯେମିତି ପିଲାଟି ମାନଙ୍କର ବଡ଼ ପଣ ଦେଖିଲେ ଚିରିଗିରା ମଇଳା ଦରବା ପିନ୍ଧି ବି, ଭୋକିଲା ପେଟରେ ବି, ଖୁସି ହୋଇଯାଏ, ଗୋପାଳ ସେମିତି ସେହିସବୁ ଖୁସିଖବର ପାଇଲେ ଆପଣାଛାଏଁ କୁଳୁ କୁଳୁ ହୋଇ ହସେ 'ଏବେ ଭାବୁଥିବେ ଗୋପାଳ ମାଷ୍ଟ୍ର କଥା—ଗୋପାଳର ଚେଷ୍ଟାଂ କଣ ବ୍ୟର୍ଥ ହେବ ? ଠିକ୍ ଅର୍ଜୁନଙ୍କର ଶର ପରି ଅବ୍ୟର୍ଥ ।'

ନିଜର ନଅଙ୍କିଆ ପିଲାଗୁଡ଼ାଙ୍କୁ ଦେଖି ତାଙ୍କ ମା ଯେତେବେଳେ ଗୋପାଳକୁ ନିଃଶ୍ୱାସ କହେ ଯେ ପିଲାଗୁଡ଼ାକ ଅନାଥ ହୋଇଯିବେ, ଗୋପାଳ ଛାତି ଫୁଲାଇ କହେ 'କିଛି ଅସୁବିଧା ରହିବ ନାହିଁ ଏଥର । ମୋ ଛାତ୍ରଗୁଡ଼ାକ କେତେ କେତେ ହୋଇ-ଗଲେଣି ସହରରେ । ଚିହ୍ନଣା ସାରା ଖୋଜିଯିବେ । ମୋ ପିଲାଏ ଖାଲି ନିଜ ପରିଚୟ ଦେଇ ପାରିଲେ କିଛି ଅଭାବ ରହିବ ନାହିଁ ତାଙ୍କର......ତମେ ବି ଦେଖ ତମର କିଛି ରହିବ ନାହିଁ ଅସୁବିଧା ।

ଗୋପାଳ ଆଶ୍ରମରେ ବିଶ୍ରାମ କରେ । ମନ ନିଶ୍ଚିନ୍ତ । ସେ ତାର କର୍ତ୍ତବ୍ୟ କରିଛି । ସକାଳୁ କଲ ପରି ପିଲଙ୍କୁ ପଢ଼େଇଛି ଗାଧୁଆ ବେଳଯାଏ । ଗାଇ ଲେଉଟା ବେଳୁ ମଣି କରିଛି ସଞ୍ଜଯାଏ । ଏଠି ସେଠି ରାତିରେ ବି ତାଙ୍କର ପିଛା ଲାଗିଛି । ବାପ ମା ଯେତେ ସମସ୍ତ ଲାଗି ରହୁଥିଲେ ତାହାଁକୁ ଅଧିକ ଗୋପାଳର ହାତ ଲାଗିଛି । କାହୁଅଙ୍କୁ ଗୋପାଳ ଚୁପ ଚୁପ ମୂର୍ତ୍ତି କରିଛି । ପ୍ରଥମ ଚିହ୍ନ ହେଉଛି ଜୀବନର ଶେଷ ଚିହ୍ନ । ସବୁ ଭୁଲିଗଲା ପରେ ଗୋପାଳ ଅବଶ୍ୟ ତାଙ୍କର ମନରେ ପଡ଼ିବ ।

କିନ୍ତୁ ମାଷ୍ଟରଙ୍କ ସ୍ତ୍ରୀ ଭାବେ ଅବଧାନଙ୍କର ମତିଭ୍ରମ ହେଲାଣି । କଅଁଳିଆ ପିଲାଗୁଡ଼ାକ ଅବଧାନଙ୍କ ହାତରେ ମଣି ହୋଇଥିଲେ ସତ । ତା'ଉପରେ ତା'ଉପରେ କେତେ ପରସ୍ତ ଦାଗ ବସିଗଲାଣି । ଅବଧାନଙ୍କର ଦାଗ ସେଥିରେ କେମିତି ଉକୁଟି ଉଠିବ ? ଅବଧାନେ ସଂସାର କଥା ତ ବୁଝୁନାହାନ୍ତି । ବୋଧହୁଏ ସପନ ଦେଖୁଛନ୍ତି ।

ଘରଣୀଙ୍କ ହୁକୁମରେ ନିଜର ଗୁଣ୍ଡୁକୁ ପରଖିବା ପାଇଁ ଅବଧାନେ ସହରକୁ ଆସିଲେ ଚାଟଶାଳୀ ବନ୍ଦକରି, କୁଟୁମ୍ବ ସମସ୍ତଙ୍କ ସାଥିରେ ନେଇ । ମନରେ ଆଶା ସବୁ ବ୍ୟବସ୍ଥା ସହଜ ସରଳ ହୋଇଯିବ । ଅବଧାନଙ୍କୁ ଦେଖି ଗୁଣ୍ଡୁଗୁଡ଼ାକ କେତେ ମାନ୍ୟକରି ଓଳଗି ହେବେ । କେତେ ଚର୍ଚ୍ଚା କରିବେ—ସବୁ ପିଲାଙ୍କୁ ନେଇ ଅବଧାନେ ଗୋଟିଏ ଫଟୋ ଉଠାଇବେ । ସେ ନିଜେ ବସିବେ ଚଉକିରେ, ପିଲାମାନେ ବସିବେ ତଳେ । ସେତିକି ଦେଖିଲେ ଘରଣୀର ବିଶ୍ୱାସ ଆସିବ ଗୋପାଳ ଅବଧାନ ସତ କହେ ।

ଯାହା ଯେମିତି ଠିକଣା ମିଳିଲା ସଜିଲ କରି ଅବଧାନେ ସହରରେ ହାଜର ହେଲେ । ତାଙ୍କର ଗୌରବର ଦିନ । ସହର ଦେଖିବେ । ସ୍ତ୍ରୀର ସନ୍ଦେହ ଦୂର କରିବେ । ଆଉ ନିଜର ଚାହାଳୀ ଛଅର ଚାଟଙ୍କୁ ଦେଖିବେ । ସେମାନେ କେମିତି ଘୋଡ଼ା ହାତୀରେ ବସି ଲୋକ ଚଳାଉଛନ୍ତି । ଆଖି ପୁରିଯିବ 'ବୋଧହୁଏ ମୋର ପିଲାମାନେ କଟକରେ ରହି ଗୋପାଳ ଅବଧାନ ଦରମା କଥା ଭାବି, ଅବଧାନ ଦରମା ପାଇଁ ସଭା କରି, ଖବର କାଗଜରେ ଲେଖେଇ, ଏତେ ପାଟିତୁଣ୍ଡ କରାଉଛନ୍ତି ।'

ସେଇ ଗୋପାଳ ଅବଧାନ ଆସିଛନ୍ତି—ଚାହାଳୀ ଛାଡ଼ି ସହରକୁ ।

ଦିନଟିଏ ଅବଧାନେ କଟକଯାକ ବୁଲିଲେ । କଚେରୀ ବାଟେରୀ ଯେଉଁଠି ସୁବିଧା ହେଲା ନିଜର ଚାଟଙ୍କୁ ଆଖିପୁରାଇ ଦେଖିଲେ । ଚପରାଶୀମାନଙ୍କୁ ନିଜ ମାହାତ୍ମ୍ୟ ଶୁଣାଇଲେ । ଫେରିଆସିଲେ ଘରକୁ । ମନେ କଲେ ହାକିମମାନେ କଚେରୀ ବାହୁଡ଼ା ଖୋଜିବେ ଅବଧାନଙ୍କୁ ସଂଖାଳିବା ପାଇଁ । କେତେ ଅଭ୍ୟର୍ଥନା ଗୋପାଳ ଅବଧାନ ନ ପାଇବେ ?

ଆଲୁଅ ଓ ଅନ୍ଧାର ଆଗପଛ ହୋଇ ଚାଲିଗଲେ । ଭଡ଼ାଘର ଦୁଆରେ ଚୌକିଟିଏ ପାରି ଅବଧାନ ଚାହିଁଛନ୍ତି ରାସ୍ତାକୁ । ଛାତି ଉଠପଡ଼ ହେଉଛି । ପିଲାଏ ଆସିଲେ କେମିତି ଚର୍ଚ୍ଚା କରିବେ ?...... ......'ହଁ— ସେଥିରେ କଣ ଅଛି ? ଚାହାଳୀରେ ଯେମିତି ମୁଁ ବସୁଥିଲି ମସିଣାରେ ଆଉ ପିଲାଏ ବସୁଥିଲେ ଭୁଇଁରେ; ସେମିତି ତ ଏଠି ଭଲେ ଆସି ବସିବେ । ପିଲାଏ ସିନା ବଡ଼ହେଲେ, ଅବଧାନତ ଛୋଟ ହୋଇନାହିଁ ।'

କେହି ଦେଖାନାହିଁ । ଭାବେଯା ପଶୁରିଲାଣି ପିଲାଙ୍କ କଥା । ଅବଧାନେ ଭାବୁଥିଲେ କଣ ଖବର ହେଲା ନାହିଁକି ? ଚପରାଶି କଣ ପାଉଣା ପାଇନାହିଁ ବୋଲି ଲୁଚିଲା ? ଗାଁର କୁକୁଡ଼, ବିଲେଇ, କାଉ, ବଣି ଚଢ଼େଇ ମନେ ରଖି ପାରିଛନ୍ତି ଲଏ ପାଠୁଆ ପିଲାଏ କଣ ଭୁଲିଯିବେ ? ନା—ନା—ମିଛ । ଆସିବେ ତ । ନଈ ଯେତେ ବଡ଼ ହେଉ ସେତ ଲାଗିରହିଛି ମୂଳ ସାଙ୍ଗରେ । ମଣିଷ ଯେତେ ବଡ଼ ହେଉ ଲାଗିରହିଛି ତ ଗାଁ ଗୁହାଳୀ ସାଙ୍ଗରେ । ମାଟି ପାଣି ଅକାଶ ପବନ ଯଦି ଅଲଗା ହୋଇନାହିଁ, ଗୋପାଳ ଅବଧାନ କେଉଁଠି ଛୁଟିଗଲା ?

ଅନ୍ଧାର ଆଲୁଅରେ ଆଉ ଦି ପରସ୍ତ ପାଇ ଅବଧାନଙ୍କର ସନ୍ଦେହ ଆସିଲାଣି । ସକାଳୁ ଅବଧାନେ ତାଙ୍କର ଗାଁ—ଧୋଇଲା କୁର୍ତ୍ତା ଖଣ୍ଡିକରେ ପାନଚଣ୍ଠାଟି ସଜାଇ କରି ରଖି ପ୍ରଥମେ ଗୋଟିଏ ଗୁଣ୍ଠ—ଗୋବିନ୍ଦ ବାବୁ ହାକିମଙ୍କ ଘରକୁ ଗଲେ । ଚିହ୍ନା ଚପରାଶି ସେଠି ବି ଦୁଆରେ ବସିଛି । ଅବଧାନେ ଦେଖି ହସିଲେ । ଯେମିତି କହିବାକୁ ଚାହୁଁଛନ୍ତି 'ହେଇ ମୁଁ ଆସିଲି— ତୋ କାନରେ ଧାପଦ କହିଦେଲେ କଣ ହବ ଜାଣୁଛୁ ? ତଥାପି ଭିତରକୁ ଯିବାକୁ ବହପ ଖଟିଲା ନାହିଁ । କାରଣ ଟିକିଏ ଅଦର ସଞ୍ଖୁଳା ପାଇବା କଥା ଅଛି ।'

ଅବଧାନଙ୍କର ଦରବୁଢ଼ା ଦେହ ଭିତରେ ଦରବୁଢ଼ା ଶିରରେ ରକ୍ତ ଯେମିତି କଅଁଳ ଚାଲୁରି ପରି ଛନ ଛନ ହେଉଥାଏ । ହାକିମ ପଦାକୁ ଆସି ଭୂଇଁରେ ଅବଧାନ ପାଦ ପାଖରେ ମୁଣ୍ଡ ଲଗାଇ ପ୍ରଣାମ କରିବେ । ଅବଧାନ ସେତେବେଳେ ହସି ଚାହିଁବେ ଚପରାସି ମୁହଁକୁ—'ଚିହ୍ନ ଏଥର ।'

କାହିଁ ?—ବସିବା ଘରେ ପାଟି ଶୁଭୁଛି । ଗ୍ଲ' ଟ୍ରିଅଲ ଠଣ ଠଣ ହେଉଛି । ଟ୍ରଇକାର ପରଦା ଫାଙ୍କରେ ଧୂଆଁ ବାହାରୁଛି—ସିଗାରେଟର ଖସ୍‌ବ ନେଇ । ଅବଧାନ ସେଠି ବେଞ୍ଚରେ ଚପରାସି ପାଖରେ ମୌନ ହୋଇ ବସି ଭାବୁଥାନ୍ତି ସେ ରମ ଛନ୍ତି ଜାଣି ବ ତାଙ୍କର ଗୋବିନ୍ଦା କ'ଣ ସିଗାରେଟ୍ ପିଉଛି ?……ନା, ଜାଣି ନଥିବ ପରା ।

'ଚପରାସିବାବୁ କି ହୋ, ଖବର ଦେଲ ?'
'ଏଇ, ରଟମ୍' 'ରଟେମ୍' କ'ଣ କରୁଛୁ ?
'ବାବୁଙ୍କୁ କହ, ତାଙ୍କ ଗୋପାଳ ଅବଧାନ ଆସିଛନ୍ତି'
'ଆରେ ହଁ, କନ୍ଦ୍ରବଲ୍‌ଣୀ ମେଡେଟେବେଲ୍‌ରୁ । ସାହାବ
ଉଠେଇଲେ ତ ଯିବ ।'

ଅବଧାନେ କ୍ରୋଧ ଓ ଅଭିମାନରେ ଭାବୁଥିଲେ ଆସିବା ଖବର ପାଇସାରି ଗୋବିନ୍ଦ ତାହାହେଲେ ଏମିତ ସିଗେଲରଟ୍. ଗ୍ଲ' ଚଳେଇଛି । ଏଇ ପିଲା ଆସିଥିଲା ମୋର ହାତ-ତାଲିମ ହୋଇ । ମାର ପିଠିରେ ଏଇ ଅବଧାନ ହାତ ଲାଗିଥିଲା ।…… ବୋଧହୁଏ ଗୋବିନ୍ଦା ବଗିଡଗଲା ।

ଉଠିବ ଉଠିବ ବୋଲି ଭାବିଲା ବେଳେ ଭିତରୁ ଘଣ୍ଟି ବାଜିଲା । ଚପରାସି ଭିତରକୁ ଯାଇ ଆସି ଡାକିଲା ଅବଧାନଙ୍କୁ ଭିତରକୁ । ହଠାତ୍ ଅବଧାନଙ୍କର ଚିରଞ୍ଜନର ବୁଦ୍ଧି ଆସିଲା । ମନଭିତର ପୁଣି ଗର୍ବ ଆନନ୍ଦରେ ଉଲ୍ଲସି ଉଠିଲା । ତାଙ୍କର ଗୋଟିଏ ପୁଅ ଗୋବିନ୍ଦ ସାଙ୍ଗରେ ଦେଖା ହେବ—କେଜାଣି କେତେ ବର୍ଷ ହେଲାଣି ସେ ଗାଁକୁ ଆସି ନାହିଁ ।

ଚପଗ୍ରସି ଭିତରକୁ କରେଇ ଦେଇ ବାହାରକୁ ଫେରନାହାଁ ଓ ଅବଧାନେ ଘର ଭିତରେ ପୂରି ପଶି ନାହାନ୍ତି, ଟେବୁଲ ପାଖ ଚଉକୀରୁ ସମ୍ଭାଷଣ ହେଲା 'ଓ, କେବେ ଆସିଲେ ମାଷ୍ଟ୍ରେ।... ଆଉ ସବୁ ଖବର ଭଲ। ସେଠି ଆଉ ଦି' ଜଣ ଭଦ୍ରଲୋକ ବ ବସି ସିଗେରେଟ୍ ଧରି ଗୃହଁଛନ୍ତି ନୂଆ ପଦାର୍ଥ 'ଗୋପାଳ ଅବଧାନଙ୍କୁ।'

ଅବଧାନଙ୍କର ସପନ କଟିଗଲାଣି। ଏତେବର୍ଷ ପରେ ଦେଖା ହେଲା ଯେ ଗୋଟିଏ ଓଳଗି ନାହିଁ। ଚଉକୀରୁ ଉଠା ହେଲା ନାହିଁ ଗୋବନ୍ଦର। ଆଉ ସମ୍ଭାଷଣ କଣ ନା—'କେବେ ଆସିଲେ ମାଷ୍ଟ୍ରେ।'

ଅସୀମ ଦମ୍ଭରେ ଅବଧାନେ ଆରମ୍ଭ କଲେ 'ଧ ଧନ ହେଲା ଆଉଲେଣି ଗୋବନ୍ଦ। ତତେ ଓ ତୋ' ପରି ଦି ଗୁରଜଣ ପିଲାଙ୍କୁ ଙ୍ଖୁଲୀବାକୁ। ତୁ ବଡ଼ଲୋକ ହେଇଚୁ ଶୁଣିଥିଲି ବୋଲି ଦେଖିବାକୁ ଆସିଲି। ଗାଁରେ ଭାରି ଅସୁବିଧା...

କଥାକୁହା ନ ସରୁଣୁ ସେମିତି ତୀରପରି ଉତ୍ତର ଆସିଲା 'ବଞ୍ଚ ଅସୁବିଧାରେ ଅଛୁ। ଟଙ୍କା ନଅଣ୍ଟ ହେଉଛୁ। କରଜ କେଇଦାନ ମିଳିବ କେଜାଣି?' କହି ପୋଡ଼ି ଯାଉଥିବା ସିଗାରେଟ ମୁହରେ ଦେଲେ। ଯେତକ ହାକିମଙ୍କର ପ୍ରତିଶୋଧ ମାଷ୍ଟ୍ରେ ଉପରେ ନାଁ ଧରି ବେହେଡ଼ା କରି ଡାକିଛୁ ବୋଲି।

ଗୋପାଳ ଅଖି ଆଗରେ ନିଜର ପିଲାକୁ ସିଗାରେଟ ଖାଇବା ଦେଖିଲା। ସେତେବେଳଯାଏ ଅବଧାନେ ଠିଆ ହୋଇ ରହିଛନ୍ତି। ବସିବାକୁ କେହି କହୁ ନାହାଁ। ଅବଧାନେ ହୁଏତ ଭରସି ବସୁ

ନ ଥାନ୍ତି ଓ ବରଙ୍କରେ ହୁଏତ ବସିବାକୁ ଚୌକି ନ ଥାନ୍ତା । ସ୍ତ୍ରୀ କଥା ମନେ ପଡ଼ି ଯାଉଥାଏ । ସେ ଜାଣିଲେ କଣ ନ କହିବ ?

ଘରଟା ଛୁନ୍‌ଛାନ । ପୁଅଙ୍କର ଆଉ ପଚାରିବାକୁ କିଛି ନାହିଁ । ଅବଧାନଙ୍କର ବି ଭାଷା ନାହିଁ ଭିତରର କଥା ବୁଝେଇ ଦବାକୁ । ଘର ଭିତରେ ସିଗାରେଟ ଧୂଆଁର କୁହୁଡ଼ି ଦୂର ଗାଁର ଅତୀତ କାଳର ଗୋପାଳ ଅବଧାନଙ୍କୁ ଢ଼ାଙ୍କିବା ପାଇଁ ଘେରୁଥାଏ ।

ହଉ, ମୁଁ ଆସିଥିଲି ଖାଲି ଦେଖିବା ପାଇଁ ମୋ ପିଲାଗୁଡ଼ାଙ୍କୁ । ଯାଉଛି । ଅବଧାନଙ୍କର ଆଖି ଓ ଗଳା ଅସୀମ ଦରଦରେ ନଇଁ ପଡ଼ୁଥାଏ ।

କାମ ଶୀଘ୍ର ବଢ଼େଇବା ପାଇଁ ପୁଅ ଠିଆ ହୋଇଗଲେ 'ହଉ, ହଉ । ଆସୁଥିଲେ ଏଣେ ସେମିତି ପାଦ ପଡୁଥିବ ଯେମିତି । କଥା-ଗୁଡ଼ାକରେ 'ଆପଣ' ନାହିଁ 'ମାନ୍ୟ' ନାହିଁ । ଖାଲି ଭାବ ବାଚ୍ୟ—ଭିତରର ଭାବକୁ ବୁଝେଇ ଦେବାପାଇଁ ଯେତିକି ଶବ୍ଦ ଦରକାର, ଖାଲି ସେତିକି ।

ଭିତରୁ ଅବଧାନେ କେମିତି ରାସ୍ତାକୁ ଆସି ପାଞ୍ଚଦଶ ପାହୁଣ୍ଡ ଚାଲି ଆସିଛନ୍ତି ତାଙ୍କୁ ଜଣା ନାହିଁ । ପଚାଶ ବର୍ଷର ସ୍ୱପ୍ନ ଭାଙ୍ଗି ପଡ଼ିଥିଲା ସେହି ପୁଅଟି ପାଖରେ । ସେହି ପୁଣି ବଡ଼ ହୋଇଛି—ହାକିମ ହୋଇଛି । ସହରକୁ ଚଳାଉଛି । ଦେଶ ଶାସନ କରୁଛି ।

ଅବଧାନଙ୍କର ମନେହେଲା ଦେଶର ଶିକ୍ଷା ଏହି ପ୍ରକାରର ହୋଇଯିବାରୁ ପୁଅଙ୍କଠାରୁ ପୁଅଟେ ଆଉ ଦି' ପୁଅ ପା ଅଧିକ ହୋଇଯିବାରୁ ଏତେ ପ୍ରକାରର ଭ୍ରାନ୍ତି । ମଧୁସୂଦନ, ଗୋପବନ୍ଧୁ

ଅଧା ଗଲେ । ଯେ ଯାହା ହୋଇଗଲା ହୋଇଗଲା, କେହି ପଚେ ହେଲେ ସେ କଥା ତୁଣ୍ଡରେ ଧରୁ ନାହାନ୍ତି । କାହାର ମନେ ପଡ଼ୁ ନାହିଁ । ଯାହାକୁ ଦୁଧ ଦିଅ, ସେଇ ହୋଇ ଯାଉଛି ସାପ—ଗୁହାଳରେ, ସହରରେ, ଶାସନରେ, ଗ୍ରାମଅଡ଼େ ।

ଗାଁ ଗୁହାଳରେ ଜୋଡର ଲାଖର କରି ଯେଉଁଗୁଡ଼ିକୁ ମଣିଷ ଜନ୍ମ ହେଉଥିଲା ସେମାନଙ୍କଠାରେ ଏତିକି ଭରସା ବି ରହୁନାହିଁ କି ଦେଖା ହେଲେ ଚିହ୍ନିବେ ।

ଗାଁର ଗୁହାଳକୁ ଫେରିବାକୁ ହେବ । ଅବଧାନଙ୍କର ଜୀବ ଦଶାରେ ହୁଏତ ସେହି ଗୁରୁଶେଣିଆ ପୁରୁଣା ଘର ନୂଆ ହୋଇ ପାରିବ ନାହିଁ । ଅବଧାନଙ୍କ ପରେ ସେଟି ଆଉ ଗୁହାଳ କେହି ଲୋଡ଼ିବେ ନାହିଁ । ଦିନେ ସେହି ପାଖ ଝଙ୍କାଳିଆ ଗଛଟି ଘରଟିକୁ ମାଡ଼ି ବସିବ ।...ପିଲାମାନେ କ'ଣ ହେବେ ?...କେମିତି ବଞ୍ଚିବେ ? ଗୋଟିଏ ବି ଅଶ୍ରୁ ଦିଶୁ ନାହିଁ ଆଖିକୁ । ହାକିମଟିଏ ଓ ଚପରାସୀଟିଏ ଦେଖିବାର ଓ ସେମାନଙ୍କର ପରାକ୍ରମ ପରଖିବାର ସୁବିଧା ମିଳିଥିଲା । ଆଉ କିଛି ଦେଖିବାର ଦରକାର କଣ ?...ପଳାଇବା ଘରକୁ ।... ସ୍କୁଲମାନେ ଏମିତି ନୂଆ ଆଦବ କାଇଦା ଶିଖିଲେ ଅନ୍ୟଠାରେ ଯାଇ ଶିଖନ୍ତୁ ।...ଆମେ ଛୁଟି ନେବା ଏଥର—ମରହଟ୍ଟି ଲୋକ ଆମେ ।

ମୁଦ୍ରାକର-ଶ୍ରୀ ସାଧୁଚରଣ ପଟ୍ଟନାୟକ, ଓରିଏଣ୍ଟପ୍ରେସ, କଟକ-୧୯୫୧

## 'ଶାନ୍ତି-ନିବାସ ବାଣୀ ମନ୍ଦିର'ଦ୍ୱାରା ପ୍ରକାଶିତ ପୁସ୍ତକମାନ

ରାଜକିଶୋର ପଟ୍ଟନାୟକ—

୧ । ସିନ୍ଦୁରଗାର (ପରିବର୍ଦ୍ଧିତ) ଦେଢ଼ଟଙ୍କା (ପଞ୍ଚମ ମୁଦ୍ରଣ)

୨ । ଅସରନ୍ତି (ପରିବର୍ଦ୍ଧିତ) ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୩ । ପଥୁକ ଦେଢ଼ଟଙ୍କା (ତୃତୀୟ ମୁଦ୍ରଣ)

୪ । ଭୁଠ ପଥର ଦେଢ଼ଟଙ୍କା (ଚତୁର୍ଥ ମୁଦ୍ରଣ)

୫ । ନିଶାଣି ଖୁଣ୍ଟ ଦେଢ଼ଟଙ୍କା ( ୧୯୫୧ )

୬ । ଭସା ମେଘ ଦେଢ଼ଟଙ୍କା ( ୧୯୫୧ )

୭ । ସଞ୍ଜବତୀ ଦେଢ଼ଟଙ୍କା ( ୧୯୫୧ )

୮ । ଅସ୍ତମୀ ଗୃହ (ଯନ୍ତ୍ରସ୍ଥ) ଦେଢ଼ଟଙ୍କା

୯ । ପଞ୍ଜୁରୀ ପକ୍ଷୀ ଏକଟଙ୍କା (ପ୍ରଥମ ମୁଦ୍ରଣ)

୧୦ । ସପନ କୁହୁଡ଼ି ଏକଟଙ୍କା (ପ୍ରଥମ ମୁଦ୍ରଣ)

ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ—

୧ । ସଭ୍ୟତାର ସାଙ୍ଗ ଦେଢ଼ଟଙ୍କା (୧୯୫୧)

୨ । ଗୈରିସ ରାକ୍ଷି ଦେଢ଼ଟଙ୍କା (୧୯୫୧)

ଦୁଇଖଣ୍ଡରୁ ଅଧିକ ବହି ନେଲେ କମିଶନ ଦିଆଯାଏ ଓ ପଠାଇବା ଖର୍ଚ୍ଚ ଅଧା ସବୁ ଛାଡ଼ ମିଳେ । ବିଶେଷ ବିବରଣ ଦୟାକରି ବୁଝନ୍ତୁ ।

ଅନ୍ତରେ ଅନ୍ତରତମ ବୋଲି ଯା'ରେ ବରିଲି ଜୀବନେ
ଏ ସଂସାରେ ସେହି ସିନା ଦେଇଛି ଗୋ ଧକ୍କା ମୋ' ସର୍ବାଙ୍ଗେ
ସମ୍ମାନ ମୋ ଯାହା କିଛି ଥିଲା, ସେ ଦେଇଛି ପୋଛି,
ନିନ୍ଦା ଅପବାଦ ଯେତେ ଢାଳିଛି ମୋ ନାମେ ।

'ଓମାର କବିତା'............( ଦାମୋଦର ମିଶ୍ର )

ନଈ ସମୁଦ୍ରକୁ ବିଶ୍ୱାସ କରି ମଣିଷ ଯେତେବେଳେ କଅଁଳ ବାଲି
ଉପରେ ପାଦ ରଖେ, ଠିକ୍ ସେତିକିବେଳେ 'ଚୋରାବାଲି'
ବିଶ୍ୱାସଘାତକତା କରି ବାଟୋଇକୁ ଟାଣିନିଏ ତାହାର
ଜୀବନ୍ତ ସମାଧି ଭିତରକୁ—
ସଂସାର କଣ ଏଇଆ ?
ଏହାର ଉତ୍ତର

**ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍. ଏ.**

# 'ଚୋରାବାଲି'ରେ

କଣ ଦେଇଛନ୍ତି ?—ଦେଖନ୍ତୁ ।

( ମୂଲ୍ୟ—ଦେଢ଼ଟଙ୍କା )

ପ୍ରାପ୍ତିସ୍ଥାନ—ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ ଓ
ଶାନ୍ତି-ନିକାସ ବାଣୀମନ୍ଦିର, ପୁରୀଘାଟ କଟକ

ସ୍ୱର୍ଣ୍ଣ ରୌପ୍ୟ ଅଲଙ୍କାରେର ଯକ୍ଷପୁରୀତେ ନାରୀ
କରିଲ ତୋମାୟ୍ ବନ୍ଦିନୀ ବଲ, କୋନ୍ ସେ ଅତ୍ୟାଚାରୀ ?

'ନାରୀ'..................( କାଜି ନଜରୁଲ ଇସ୍‌ଲାମ୍ )

## ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକଙ୍କର

ନୂଆ ଉପନ୍ୟାସ

# 'ଅମଡ଼ା ବାଟ'ରେ

ନାରୀ ଜୀବନର ବିଭିନ୍ନ ସମସ୍ୟାର କି
ବିଶ୍ଳେଷଣ କରାଯାଇଛି,
ପଢ଼ନ୍ତୁ ।

( ମୂଲ୍ୟ—ଦେଢ଼ ଟଙ୍କା )

ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନରେ ମିଳେ
ଓ

ଶାନ୍ତି-ନିବାସ ବାଣୀମନ୍ଦିର,
ପୁରୀଘାଟ, କଟକ

ଆଜି ଏଥି 'ସୁନ୍ଦରର' ପଥ
ମଳିନର ହ୍ରେଷା ରବେ ହୋଇଅଛି ରୁଦ୍ଧ, ପ୍ରତିହତ ।

ଶୋଷଣର ନିର୍ମମ ସ୍ୟନ୍ଦନ
ପିଷ୍ଟ କରେ ଜୀବନର ଲତାଶ୍ରିତ ଗୁଚ୍ଛ ପଦ୍ମବନ ।

ଅନଶନେ, ଅନାଚାରେ ଶତ
ମଣିଷ ପାସୋରି ଅଛି ସତ୍ୟ, ଶିବ, ସୁନ୍ଦରର ପଥ ।

'ବାଜି ରାଉତ'....................( ସଚି ରାଉତରାୟ )

ସୃଷ୍ଟିକୁ ସୁସଜ୍ଜିତ ସୁନ୍ଦର କରିବାକୁ ଯାଇ ମଣିଷ ନିଜ
ହାତରେ ମଣିଷକୁ କି ସାଜରେ ସଜାଇ
ସଂସାରର ବାଟରେ ଚଲଏ; ତାହାର
କେତୋଟି କରୁଣ ଚିତ୍ର ଦେଖିବାକୁ ଚାହୁଁ ଥିଲେ

**'ସଭ୍ୟତାର ସାଜ'** ଦେଖନ୍ତୁ ।

( ମୂଲ୍ୟ—ଦେଢ଼ ଟଙ୍କା )

ଲେଖିକା—

**ଶ୍ରୀମତୀ ବସନ୍ତକୁମାରୀ ପଟ୍ଟନାୟକ ଏମ୍, ଏ,**

ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନ ଓ

**ଶାନ୍ତି-ନିବାସ ବାଣୀମନ୍ଦିର,** ପୁରୀଘାଟ, କଟକରେ ମିଳେ

ଧୂ ଧୂ ଜଳେ ତପ୍ତ ମରୁ ଏ
ବକ୍ଷେ ଅସୀମ ବେଦନା ଷତ ;
ଆସନା ପଥିକ ଏ ପଥେ ଆସନା
ଏ ପଥେ ପଥିକ ପାଏନା ପଥ ।
ଏ ପଥେ ଆସେ ଯେ ବାଲି ସ୍ତରେ ସ୍ତରେ
ଲିଭିଯାଏ ତାର ଚରଣ ଚିହ୍ନ;
ଆସିବା ପଥ ସେ ପାଏ ନାହିଁ ଫେରି
ସମ୍ମୁଖେ ଗଣି ଗଣି ତା' ଷଣ୍ଣ ।

'ଅଭିଶପ୍ତା'......................( ମହେଶ୍ୱର ନାୟକ )

ମରୁ ପଥର ବାଟୋଇ ଆଗରେ ଦେଖେ ମରୀଚିକା ।
ସଂସାରର ବାଟୋଇ ଆଗରେ ଦେଖେ କଳ୍ପନା-ରଞ୍ଜିତ ଜଞ୍ଜାଳ ।
ଧାଇଁଯାଇ ଦେଖେ ସେଠି ଖାଲି ବାଲି—ବାଲି........?

# 'ନିଶାଣ ଖୁଣ୍ଟ' ପଢ଼ନ୍ତୁ

ମୂଲ୍ୟ—ଦେଢ଼ ଟଙ୍କା

ଲେଖକ—

## ଶ୍ରୀ ରାଜକିଶୋର ପଟ୍ଟନାୟକ

ଓଡ଼ିଶାର ସମସ୍ତ ବଶିଷ୍ଟ ବହି ଦୋକାନରେ ମିଳେ ଓ

ଶାନ୍ତ-ନିବାସ ବାଣୀମନ୍ଦିର, ପୁରୀଘାଟ, କଟକ

ଆଜି ଏ ପ୍ରଭାତରେ
କରମ ଅବସରେ
ପଡୁଛ ମନେ
ସକଳ ଅବସରେ
ପରାଣ-ପ୍ରିୟ ତମେ
ପଡ଼ ଗୋ ମନେ ।

ଧୂପ...... ( ମାୟାଧର ମାନସିଂହ )


**ପ୍ରେମର ଗତିପଥ**

ପ୍ରେମିକ, ଲେଖକ, କବି ଓ ସାଧାରଣ ଦର୍ଶକ
ସମସ୍ତେ ଖୋଜୁଛନ୍ତି ।

**ଶ୍ରୀ ରାଜକିଶୋର ପଟ୍ଟନାୟକ** କଣ ଲେଖିଛନ୍ତି
ଜାଣିବାକୁ ଚାହୁଁଥିଲେ ତାଙ୍କର

# 'ସ୍ମୃତିର ମଶାଣି'

ପଢ଼ନ୍ତୁ

( ମୂଲ୍ୟ—ଦେଢ଼ଟଙ୍କା )

ଓଡ଼ିଶାର ସମସ୍ତ ବଶିଷ୍ଟ ବହିଦୋକାନରେ ମିଳେ ଓ
ଶାନ୍ତ-ନବାସ ବାଣୀମନ୍ଦିର, ପୁରୀଘାଟ, କଟକ

ଏବେ ବି ଜଳୁଛି ଦେବ !
ଏବେ ବି ଆସୁଛି ଗନ୍ଧ,

ଲଭିନାହିଁ—ଲଭିନାହିଁ ବର
ଧୂପ, ଦୀପ, କର୍ପୂର ଅରତି ।

\+ \+ \+

ଏବେ ବି ହୋଉଛି ଧୂଅ
ଏବେ ବି ଗୁଞ୍ଜରି ଉଠେ

ଶୁଦ୍ଧପୂତ ନଇବେଦ୍ୟ ମୋର
ଅନ୍ତରର ସଂସ୍ତ୍ର କଣ୍ଠସ୍ୱର ।

\+ \+ \+

ପଡ଼ି ନାହିଁ ଅମ୍ବବଳି
ଢାଳି ଢାଳି ଦେଇ ଦେଇ

ପାରିନାହିଁ ଢାଳି ପୂର୍ଣ୍ଣାହୁତି—
ସରେ ନାହିଁ ତୀକ୍ଷ୍ଣ ଅନୁଭୂତି ।


## 'ମରମ'

( ନିତ୍ୟାନନ୍ଦ ମହାପାତ୍ର )

ଇଏ କ'ଣ ସଂସାରରେ ସମ୍ଭବ ?

ବିଭିନ୍ନ ଲୋକଙ୍କର ବିଭିନ୍ନ ମତ ହୋଇଥାଏ ।

## ଶ୍ରୀ ରାଜକିଶୋର ପଟ୍ଟନାୟକ

ତାଙ୍କର

# 'ସଞ୍ଜବତୀ'ରେ

କି ଉତ୍ତର ଦେଇଛନ୍ତି ପଢ଼ନ୍ତୁ ।

( ମୂଲ୍ୟ—ଦେଢ଼ଟଙ୍କା )

ଓଡ଼ିଶାର ସମସ୍ତ ଶିଷ୍ଟ ବହି ଦୋକାନରେ ମିଳେ ଓ
ଶାନ୍ତି-ନିବାସ ବାଣୀମନ୍ଦିର, ପୁରୀଘାଟ—କଟକ ୧

ପୁହାଇଛୁ କେତେ ନିଶି ପଥ ତବ ଚାହିଁ ଚାହିଁ,
ମଉଳାଇଛୁ କେତେ ଆଶା ଖୋଜି ଖାଲି କାହିଁ କାହିଁ,
ସଜଫୁଲ ଗୁନ୍ଥି ଗୁନ୍ଥି ହୋଇଅଛୁ ସବୁ ବାସି,
ଅପଣାର ବୋଲି ଆଜ କିନ୍ତୁ ଆଜ ନାହିଁ ନାହିଁ,
ପୁହାଇଛୁ କେତେ ନିଶି ପଥ ତବ ଚାହିଁ ଚାହିଁ ।


## 'ଦୀନତାର ଅର୍ଘ୍ୟ'

( ଭଗବାନ ପନ୍ଥ )

ଅକାଶରେ ଖଣ୍ଡ ଖଣ୍ଡ ମେଘ ଭାସିଗଲା ପରି ଦରଦୀ ହୃଦୟ
ଉପରେ କେତେ କଥା, କେତେ ଆଶା ଥାକ ଥାକ
ହୋଇ ପାରି ହୋଇଯାଏ । ଶେଷକୁ ବଳିପଡ଼େ
କେଇଟି ସ୍ମୃତି । ଆକୁଳ ହୋଇ ମନ
ଖୋଜେ—ଅପଣାର ହେଲା କିଏ ?
ରହିଲେ କିଏ ?
ଅନୁଭବୀ ପାଠକମାନଙ୍କୁ ସେହି ପ୍ରଶ୍ନ

**ଶ୍ରୀ ରାଜକିଶୋର ପଟ୍ଟନାୟକ**

ତାଙ୍କର

# 'ଭସା-ମେଘ'ରେ

ପଢ଼ୁବଚନ୍ତୁ ।

ମୂଲ୍ୟ—ଦେଢ଼ଟଙ୍କା ।

ଓଡ଼ିଶାର ସମସ୍ତ ବିଶିଷ୍ଟ ବହିଦୋକାନରେ ମିଳେ ଓ
ଶାନ୍ତି-ନିବାସ ବାଣୀମନ୍ଦିର, ପୁରୀଘାଟ, କଟକ

ସେହି ଦିନୁ ତରୁଣୀ ଗୋ, ତବ ପୂଜା ଧରି,
ପୂଜାରୀ ଏ ଦୀନ କବି ଡାକେ ଥରି ଥରି ।
ବିହ୍ବଳିତ ଯଉବନ ଲତା କୁଞ୍ଜ ତଳେ
ତୁମରି ପ୍ରଦୀପ ଶିଖା ଏବେ ପ୍ରାଣେ ଜ୍ବଳେ ।

'ରୂପ-ରେଖା' (ଗୋଦାବରୀଶ ମହାପାତ୍ର)

ଆଜି ଏହି ନିଷ୍ଠୁର ନିର୍ମ୍ମମ ସଂସାରରେ
ଏ ପ୍ରକାରର ପ୍ରେମିକ କ'ଣ ସମ୍ଭବ ?


## ଶ୍ରୀ ରାଜକିଶୋର ପଟ୍ଟନାୟକଙ୍କର ଲେଖା

# 'ପ୍ରେମିକର ଡାଏରୀ'

ଦେଖନ୍ତୁ—

ପ୍ରଥମ ଭାଗ........ମୂଲ୍ୟ ଦେଢ଼ ଟଙ୍କା

ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନରେ ମିଳେ

ଓ

**ଶାନ୍ତି-ନିବାସ ବାଣୀମନ୍ଦିର**

ପୁରୀଘାଟ, କଟକ

ଦେବେ ତୀର୍ଥେ ଦ୍ୱିଜେ ମନ୍ତ୍ରେ ଦୈବଜ୍ଞେ ଭେଷଜେ ଗୁରୌ
ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।
ସ୍ୱର୍ଗାପବର୍ଗଦାନାମିହ ଜୀବଲୋକେ ଚତ୍ୱାରି ଚିହ୍ନାନି ବସନ୍ତି ଦେହେ
ଦାନପ୍ରସଙ୍ଗୋ ମଧୁରା ଚ ବାଣୀ ଦେବାର୍ଚ୍ଚନଂ ବ୍ରାହ୍ମଣ ପୂଜନଂ ଚ ।

ମହାମାନବ ମହାତ୍ମା ଗାନ୍ଧି ଆତ୍ମାର ସଦ୍‌ଗତି ପାଇଁ ନିଜେ ନିୟମିତରୂପେ ପ୍ରତ୍ୟହ ଦେବାର୍ଚ୍ଚନ କରୁଥିଲେ । ସନାତନ ଧର୍ମ ସମସ୍ତଙ୍କୁ ପୂଜାର୍ଚ୍ଚନ କରିବାକୁ ଶ୍ରୁତି, ସ୍ମୃତି ପୁରାଣମାନଙ୍କରେ ଉଲ୍ଲେଖ କରିଛି । ନିଜର ଓ ଜାତିର ମଙ୍ଗଳ ପାଇଁ ନିୟମିତରୂପେ

# ଠାକୁର ପୂଜାପଦ୍ଧତି

ପଢନ୍ତୁ ।

ଏଥିରେ ସବୁ ଦେବାଦେବୀଙ୍କର ୩୦୦ ପ୍ରକାରର ପୂଜା-ପଦ୍ଧତି ଅଛି । ସୁନ୍ଦର ଛପା ଓ ମଜବୁତ୍ କାଗଜ ଦିଆଯାଇଛି ।

ପ୍ରକାଶକ—ଶ୍ରୀଧର ରାଓ, ଜଗନ୍ନାଥ ବଲ୍ଲଭ, କଟକ ୧

ମୂଲ୍ୟ—ଟ ୩ ୯ ( ୩୦୦ ପୃଷ୍ଠା )

ପ୍ରାପ୍ତିସ୍ଥାନ—୧ । ଲକ୍ଷ୍ମୀନାରାୟଣ ପ୍ରେସ, କଟକ ୧

୨। ରାଧାମୋହନ ପୁସ୍ତକାଳୟ, ବିନୋଦବିହାରୀ, କଟକ ୨

୩। ଶାନ୍ତିନିବାସ ବାଣୀ ମନ୍ଦିର, ପୁରୀଘାଟରୋଡ଼, କଟକ ୧

ଏହାଛଡ଼ା କଟକର ସମସ୍ତ ବହି ଦୋକାନରେ ମିଳେ ।

ଅଙ୍କିତ ନମିଁଷୀ ବୁଲିବ ସଂସାରେ,
ଭିକାରୁଣୀ ବେଶେ ଦୁଆରେ ଦୁଆରେ;
ଭଙ୍ଗା କେନ୍ଦରରେ ଗାଇବ ତା' ନାମ,
ପ୍ରାଣରାମ ପ୍ରିୟ୍ଭ ଚିତ୍ତ ପ୍ରଣାରାମ
ହେଟିକି ମୋ ଧର୍ମ ଧାରଣା ।
ଯୋଗ ଯାଗ ଜପ ତପ କାସ୍ଥା ନସ୍ଥା
ପୂଜା ପାଠ ମୋତେ ଅଜଣା ।

'ପ୍ରେମ ଚିନ୍ତାମଣି'..................( କୁନ୍ତଳାକୁମାରୀ )

'ପ୍ରେମର ବନ୍ଧୁର ପଥ ଖୋଜି ଖୋଜି ଜଣେ ପ୍ରେମିକା ତା'ର
ଜୀବନର ଯେଉଁ ପ୍ରାଣ-ଉତ୍କଣ୍ଠିଆ କାହାଣୀ ଆଖିର
ଲୁହରେ ଓ ହୃଦୟର ରକ୍ତରେ ଲେଖିଯାଇଛି
ତାହା ବୁଝିବାକୁ ଚାହୁଁଥିଲେ—

**ଶ୍ରୀ ରାଜକିଶୋର ପଟ୍ଟନାୟକଙ୍କର**

# 'ପ୍ରେମିକାର ଡାଏରୀ' ପଢ଼ନ୍ତୁ

ପ୍ରଥମ ଭାଗ........ମୂଲ୍ୟ ଦେଢ଼ ଟଙ୍କା
ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନରେ ମିଳେ ଓ

**ଶାନ୍ତି-ନିବାସ ବାଣୀମନ୍ଦିର**
ପୁରୀଘାଟ, କଟକ

ନିମିଷ ପାଇଁ ଦେଖା—ଟିକିଏ ଅଭିନୟ
କହିନି କଥା ପଦେ ହୋଇନି ପରିଚୟ ।

× × ×

ମୋ ପରି ଅକିଞ୍ଚନ ଅଛି କି ନାହିଁ ଜଣେ
ପଥିକୀ ବାଳା କେବେ ଭାବି କି ଥିବ ମନେ ?

× × ×

ଗୋଧୂଳି ତାରି ସେ ଗୋ ଇଙ୍ଗିତ ଥରଥର
ମଝିରେ ବ୍ୟବଧାନ ରହିବ ଚିରତର ।
ପଣିଭ କାନି ତାର ଅରୁଣି ମେଘ ପରେ
ଅଙ୍କିବ ସ୍ମୃତିରେଖା କଅଁଳ ପରଶରେ ।

× × ×

ଡାକିବ ହାତଠାରି ପରାଣଭୁଲା ସୁରେ
ପୁନେଇ ଶଶୀ ପରି ରହିବ ଦୂରେ ଦୂରେ ।

**'ପଥିକୀ'**

( ବୀରେନ୍ଦ୍ରମୋହନ ପଟ୍ଟନାୟକ )

ଯେଉଁମାନେ ଦୂରରେ, ଅତୀତରେ ହଜିଯାଇଛନ୍ତି ସେମାନେ
ପ୍ରକୃତରେ କେତେ ଦୂରରେ କି ନିକଟରେ ରହିଥାନ୍ତି

# ଅଷ୍ଟମୀ ଚନ୍ଦ

ପଢ଼ିଲେ ବୁଝିବେ ।
ଦୁଇ ଶିକ୍ଷିତ ନାୟକ ଓ ନାୟିକାଙ୍କର
ପ୍ରେମର ଜୀବନ୍ତ କାହାଣୀ

ନୂଆ ଲେଖା :— ( ମୂଲ୍ୟ—ଦେଢ଼ଟଙ୍କା

**ରାଜକିଶୋର ପଟ୍ଟନାୟକ**

ଫୁଟି ନାହିଁ ଆଉ    କାନ୍ତ କଳିକା
ମଉଳି ପଡ଼ ଗୋ ଖରେ,
ହସ ନାହିଁ ଆଉ    ସୁଷମ କୁସୁମ
ଝରି ପଡ଼ ଭୂମି ପରେ ।
କୁହୁ ଗୀତ ଆଉ    ଗାଅ ନାହିଁ ପିକ
ଉଡ଼ି ଯାଅ ଏଥୁଁ ଦୂରେ,
ଗୋପ-ଭୂଷଣ ତ    ରହିଲେଣି ଯାଇ
ସୁଦୂର ମଥୁରା-ପୁରେ ।

( କାବ୍ୟ ନାୟିକା )    ( ରାଧାମୋହନ ଗଡ଼ନାୟକ )

ସଂସାରର ଲକ୍ଷ ଲକ୍ଷ ବିରହିଣୀରୁ
ଜଣେ କି ପ୍ରକାରରେ ସମାଧାନ କରିଛି—

**'ବିରହିଣୀ'** ଦେଖନ୍ତୁ ।

( ମୂଲ୍ୟ—ଦେଢ଼ଟଙ୍କା )

ଲେଖା— **ଶ୍ରୀ ରାଜକିଶୋର ପଟ୍ଟନାୟକ**

( ଓଡ଼ିଶାର ସମସ୍ତ ପ୍ରସିଦ୍ଧ ବହିଦୋକାନରେ ମିଳେ
ଶାନ୍ତି-ନିବାସ ବାଣୀମନ୍ଦିର, ପୁରୀଘାଟ, କଟକ

୧ । ନାରୀ ଜୀବନର ବଡ଼ ପ୍ରଶ୍ନ କ'ଣ ?—ବାହାବେଦୀ !

୨ । ନାରୀର ଶତ୍ରୁ କିଏ ?— ପୁରୁଷ !

୩ । କିଆଁ କ'ଣ ?— ପୁରୁଷ

୪ । ସ୍ୱାମୀଠାରୁ ବଡ଼ କିଏ ?— ପ୍ରେମିକ !

୫ । ନାରୀର ଆଦର୍ଶ କ'ଣ ?— ତ୍ୟାଗ !

୬ । ପୁରୁଷ ଠାରୁ କଠୋର କିଏ ?— ନାରୀ !

୭ । ପ୍ରେମର ପ୍ରତିଦାନରେ ବଡ଼ କିଏ ?—ପୁରୁଷ !

୮ । କୁଳଟା କିଏ ତିଆରି କରେ ?— ସମାଜ !


ପ୍ରେମ—ପଥରେ ପ୍ରେମିକ ପ୍ରେମିକା

# 'ପଞ୍ଜୁରୀ ପକ୍ଷୀ'ରେ

ଏହି ସମାଧାନ କରୁଛନ୍ତି ।

ଆପଣଙ୍କର ମତ କ'ଣ ?

( ମୂଲ୍ୟ ଏକଟଙ୍କା )

ଲେଖା—ରାଜକିଶୋର ପଟ୍ଟନାୟକ

ଓଡ଼ିଶାର ସମସ୍ତ ବଶିଷ୍ଟ ବହି ଦୋକାନରେ ମିଳେ
ଓ
ଶାନ୍ତି-ନିବାସ ବାଣୀମନ୍ଦିର,
ପୁରୀଘାଟ, କଟକ ।

ଯେତେ ଦୁଃଖ ସୁଖ ଭୋଗିଛୁ, ମରଣ !
ମୋର ଏ କ୍ଷୁଦ୍ର ଜୀବନେ,
ଯେତେ ଆଶା-ଫୁଲ ଫୁଟିଛୁ, ସେ ସବୁ
ନ ରଖି ଦେଲେ ଯତନେ—
ହୃଦେ ମୋର ଯେତେ ଗୀତ ଅଛୁ ସବୁ
ନ ଗାଇଲେ ଥରେ ଥରେ—
ମରି ନ ପାରିବି ରହରେ ମରଣ !
ଦସ୍ୟୁସିକ୍ତ ହୃଦୟରେ ।

( ଶ୍ରୀମତୀ ସରୋଜନୀ )

ଘର ସଂସାର କରି ରହିଥିବା 'କୃଷ୍ଣପ୍ରିୟା'ର ଅସରନ୍ତି
ପ୍ରେମ କାହାଣୀ ପଢ଼ିଲେ ବୁଝିହୁଏ
ମଣିଷ କେତେବେଳେ
ମରିବାକୁ ଖୋଜେ—

# 'ଅସରନ୍ତି'ର

ପରିବର୍ଦ୍ଧିତ ( ୧୯୫୧ ) ସଂସ୍କରଣ
ଦେଖନ୍ତୁ ।

ଲେଖକ:— **ଶ୍ରୀ ରାଜକିଶୋର ପଟ୍ଟନାୟକ**

( ମୂଲ୍ୟ—ଦେଢ଼ଟଙ୍କା )

ଓଡ଼ିଶାର ସମସ୍ତ ବଶିଷ୍ଟ ବହି ଦୋକାନରେ ମିଳେ ଓ
ଶାନ୍ତି-ନିବାସ ବାଣୀମନ୍ଦିର, ପୁରୀଘାଟ, କଟକ ୧

ତୁମେ, ଭାସିଯାଅ କାହିଁ ସନ୍ଧ୍ୟା ମଧୁର ସ୍ୱପନେ
ତୁମ, ମୁଖର ନୂପୁର ମନ୍ଦେ ବାଜଇ ମରମେ
\+ + +
ମୁଁ ଗୋ, ନୀରବେ ଢାଳଇ ବ୍ୟଥାର ଅଶ୍ରୁ
ବ୍ୟଥାରେ ଅନାଏ ଗଗନେ,
ଭାସିଯାଅ କାହିଁ ସ୍ୱପନେ ।

"କାବ୍ୟ ସଞ୍ଚୟନ"...........( ବୈକୁଣ୍ଠନାଥ ପଟ୍ଟନାୟକ )


ସଂସାରର ନାନା ରୋଗ ବ୍ୟାଧି ପରି ବିଫଳ ବ୍ୟର୍ଥ
ପ୍ରେମ-କାହାଣୀ ଗୃହିଆଡ଼େ ଉଡ଼ି ବୁଲୁଛି ।

# ସପନ କୁହୁଡ଼ି

( ପ୍ରଥମ ଭାଗ )

ପଢ଼ିଲେ

ଜାଣି ହେବ ଏହି ବ୍ୟାଧିର କି ପ୍ରତିକାର

**ଶ୍ରୀ ରାଜକିଶୋର ପଟ୍ଟନାୟକ**

ଆପଣମାନଙ୍କୁ ଜଣାଇଛନ୍ତି ।

( ମୂଲ୍ୟ—ଏକଟଙ୍କା )

ଓଡ଼ିଶାର ସମସ୍ତ ବିଶିଷ୍ଟ ବହି ଦୋକାନମାନଙ୍କରେ ମିଳେ
ଓ

**ଶାନ୍ତି-ନିବାସ ବାଣୀମନ୍ଦିର**

ପୁରୀଘାଟ, କଟକ

ବିଶ୍ୱ-ପାରାବାରେ ହଜୁ ମୋର ତରୀ
ବାହିବି ନାହିଁ ମୁଁ ଆହୁଲା ଆଜି
ପ୍ରେମ-ତରଙ୍ଗର ତାଳେ ତାଳି ଦେଇ
ଜୀବନ-ତରଣୀ ଯାଉ ମୋ ଭାଜି ।

( ମଞ୍ଜରୀ ) ... ... ... ( ନବକିଶୋର ଦାସ )


## ଶ୍ରୀ ରାଜକିଶୋର ପଟ୍ଟନାୟକଙ୍କର

# 'ସପନ କୁହୁଡ଼ି'ର

ପ୍ରଥମ ଭାଗ ପଢ଼ି

ଶେଷରେ କଣ ହେଲା ଜାଣିବାକୁ ଚାହୁଁ ଥିଲେ
ପ୍ରକାଶ ଅପେକ୍ଷାରେ ଥିବା **'ସପନ କୁହୁଡ଼ି'** ର

**ଦ୍ୱିତୀୟ ଭାଗ** ପଢ଼ନ୍ତୁ

ଓଡ଼ିଶାର ସମସ୍ତ ବଶିଷ୍ଟ ବହି ଦୋକାନମାନଙ୍କରେ ମିଳେ

ଓ

**ଶାନ୍ତି-ନିବାସ ବାଣୀ ମନ୍ଦିର,**

ପୁରୀଘାଟ, କଟକ


---

ମୁଦ୍ରାକର-ଶ୍ରୀ ସାଧୁଚରଣ ପଟ୍ଟନାୟକ, ଓରିଏଣ୍ଟ ପ୍ରେସ, କଟକ-୧୯